• Vol.- 45, Issue No. 39
• Saturday, 10 May 2025
• ଶନିବାର, ୧୦ ମଇ ୨୦୨୫
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଭାରତର ମୁହଁତୋଡ଼ ଜବାବ

### ସବୁ ରାଜ୍ୟକୁ ଜରୁରୀ କ୍ଷମତା
## ୯୦ ମିନିଟରେ ପାକ୍‌ର ୧୦୦ ଡ୍ରୋନ ଧରାଶାୟୀ

ନୂଆଦିଲ୍ଲୀ,୯ ।୫: ଶୁକ୍ରବାର ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରାଳୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ସଚିବ ଓ ପ୍ରଶାସକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ଆବଶ୍ୟକ ସ୍ଥଳେ ଜରୁରୀ କ୍ଷମତା ପ୍ରୟୋଗ କରିପାରିବେ । ବେସାମରିକ ପ୍ରତିରକ୍ଷା ନିୟମ ଆଧାରେ ଏପରି ପଦକ୍ଷେପ ନେଇପାରିବେ ବୋଲି କୁହାଯାଇଛି । ଦେଶର ପଶ୍ଚିମାଞ୍ଚଳ ଅଂଶର ବହୁ ଜିଲ୍ଲାରେ ପାକିସ୍ତାନର ଆକ୍ରମଣକୁ ଭାରତର ଅପରେସନ ଜରିଆରେ ପ୍ରତିଜବାବ ଦିଆଯାଉଛି । ପାକିସ୍ତାନ ଜାମ୍ମୁ-କାଶ୍ମୀର ସମେତ ପଂଜାବ, ରାଜସ୍ଥାନ, ଗୁଜରାଟ ସମେତ ଶ୍ରୀନଗର, ପଠାନକୋଟ, ଅମୃତସର, ଚଣ୍ଡିଗଡ଼ ଓ ଭୁଜ ଭଳି ସ୍ଥାନ ଉପରେ ପାକିସ୍ତାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ କରୁଥିବାରୁ ଭାରତର ସିନ୍ଦୂର ଅପରେସନ ପ୍ରତିହତ କରୁଛି । ଏକ ସୂତ୍ରରୁ ପ୍ରକାଶଯେ ପାକିସ୍ତାନର ପ୍ରାୟ ୧୦୦ ଡ୍ରୋନକୁ ଭାରତ ୯୦ ମିନିଟରେ ଧରାଶାୟୀ କରିଛି ।



### ପାକ୍ ପକ୍ଷରୁ ପୁଞ୍ଚ, ଉରିରେ ଗୁଳି ବର୍ଷଣ
## ଫଳପ୍ରଦ ଭାବରେ ଜବାବ ଦେଉଛି ଭାରତ

ଶ୍ରୀନଗର,୯ ।୫: ପାକିସ୍ତାନର ସଶସ୍ତ୍ରସେନା ଗୁରୁବାର ରାତିରୁ ଆରମ୍ଭ କରି ଶୁକ୍ରବାର ପର୍ଯ୍ୟନ୍ତ ଡ୍ରୋନ ଓ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ଯୋଗେ ଆକ୍ରମଣ କରୁଛି । ମାତ୍ର ତାହାକୁ ଭାରତୀୟ ସେନା ତାହାକୁ ଫଳପ୍ରଦ ଭାବରେ ଜବାବ ଦିଆଯାଉଛି । ଏହା ବ୍ୟତୀତ, ଜାମ୍ମୁ-କାଶ୍ମୀରର ନିୟନ୍ତ୍ରଣ ରେଖାରେ ବହୁ ଅସ୍ତ୍ରବିରତି ଉଲ୍ଲଙ୍ଘନ କରିଛି ପାକ ସେନା । ପହଲଗାମ ଆକ୍ରମଣ ଘଟଣା ପରଠାରୁ ଦୁଇ ଦେଶ ମଧ୍ୟରେ ତିକ୍ତତା ଓ ଶତ୍ରୁତା ବୃଦ୍ଧି ପାଇ ଚାଲିଛି । ସଞ୍ଜ ନଉଁ ନଉଁ ସୀମାରେ ସକ୍ରିୟ ହେଉଛି ପାକିସ୍ତାନ । ଅନ୍ଧାର ଆସୁ ଆସୁ ହିଁ ଗୁଳିମାଡ଼ ଜାରି ରଖିଛି । ଜମ୍ମୁ କାଶ୍ମୀର ଉରିରେ ପାକିସ୍ତାନ ପଟୁ ଗୁଳିମାଡ ହେଉଥିବା ସୂଚନା ମିଳିଛି । ପୁଞ୍ଚରେ ବି ପାକିସ୍ତାନ ସେନା ପକ୍ଷରୁ ଗୁଳିମାଡ ଜୋରଦାର ଆରମ୍ଭ ହୋଇଛି । ଗତକାଲି ରାତିରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା । ତେବେ ଗତକାଲି ରାତି ୮ଟାରୁ ୧୧ଟା ୩୦ ଯାଏଁ ପାକିସ୍ତାନ ଲଗାତାର ଭାବେ ଡ୍ରୋନ ଆକ୍ରମଣ କରିଥିଲା । ଅନ୍ଧାର ହେଉ ହେଉ ଆକାଶରୁ ଆକ୍ରମଣ କରିଥିଲା ପାକିସ୍ତାନ । ଭାରତର ୩୬ଟି ସ୍ଥାନକୁ ଟାର୍ଗେଟ୍ କରି ଡ୍ରୋନ ହମଲା କରିଥିଲା । ପଂଜାବ ସରକାର ଆଜି ଦୁଇଦେଶ ମଧ୍ୟରେ ଉପୁଜିଥିବା ଉତ୍ତେଜନା ପରିପ୍ରେକ୍ଷୀରେ ରାଜ୍ୟରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି । ସାଧାରଣ ଲୋକଙ୍କୁ ଘର ଭିତରେ ରହିବାକୁ ଚଣ୍ଡିଗଡ଼ ପ୍ରଶାସନ ଅନୁରୋଧ କରିଛି । ପ୍ରଶାସନ ପକ୍ଷରୁ ରେଡ୍ ସାଇରେନ ବଜାଯାଇଛି ।

## ୪ ସ୍ଥାନରେ ଗୁଳିଗୋଳା ଓ ଡ୍ରୋନ ବର୍ଷା

ନୂଆଦିଲ୍ଲୀ,୯ ।୫: ପାକିସ୍ତାନ ପକ୍ଷରୁ ଶୁକ୍ରବାର ଜମ୍ମୁ,ସାମ୍ବା,ନୌସେରା ଓ ପଠାନକୋଟରେ ଡ୍ରୋନ ଯୋଗେ ସନ୍ଧ୍ୟାରୁ ଆକ୍ରମଣ କରିଛି । ତାହାକୁ ଭାରତ ପକ୍ଷରୁ ଏସ-୪୦୦ ଯୋଗେ ନିଷ୍କ୍ରିୟ କରାଯାଉଛି । ଗୁଳିଗୋଳା ବର୍ଷଣ ଫଳରେ ଅଞ୍ଚଳଗୁଡ଼ିକରେ ଉତ୍ତେଜନା ସୃଷ୍ଟି ହୋଇଛି । ଆମେରିକା ପରରାଷ୍ଟ୍ର ସଚିବ ମାର୍କ ରୁବିଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କୁ ସେନା ଅପସାରଣ କରିବାକୁ କହିବା ସହିତ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ସମର୍ଥନ କରିବା ବନ୍ଦ କରିବାରେ ଦେଶ ଦୃଢ଼ ପଦକ୍ଷେପ ନେଉ ବୋଲି ଦୋହରାଇଛନ୍ତି । ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇ ସହ ଆମେରିକାର ପ୍ରତିବଦ୍ଧତାକୁ ଖୁବ୍ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ ସୀମାପରି ଆତଙ୍କବାଦ ବିରୋଧରେ ଦୃଢ଼ ପ୍ରତିଜବାବ ଦିଆଯିବ । ଜମ୍ମୁକାଶ୍ମୀରର ସାମ୍ବା ଜିଲ୍ଲାରେ ବିସ୍ଫୋରଣ ଧ୍ୱନି ପ୍ରକମ୍ପିତ ହେଉଥିବାରୁ ଓ ରାତି ପ୍ରାୟ ସାଢ଼େ ଆଠଟାବେଳେ ବିସ୍ଫୋରଣ ଜାରି ରହିବାରକୁ ସମଗ୍ର ଜମ୍ମୁକୁ ଅନ୍ଧାର ବା ବ୍ଲାକଆଉଟ କରାଯାଇଛି । ଏ ପରିପ୍ରେକ୍ଷୀରେ ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଶୁକ୍ରବାର ସ୍ଥାନୀୟ ବାସିନ୍ଦାମାନଙ୍କୁ ରାସ୍ତା ଉପରକୁ ବାହାରିବାକୁ ବାରଣ କରିଛନ୍ତି । କିଛି ଘଣ୍ଟା ପାଇଁ ଘର ଭିତରେ ରୁହନ୍ତୁ ଓ କୌଣସି ଗୁଜବ ବିଶ୍ୱାସକୁ ନିଅନ୍ତୁ ନାହିଁ । ଏପରି ମର୍ମରେ ଅବଦୁଲ୍ଲା ଏକ୍ସ-ରେ ପୋଷ୍ଟ କରିଛନ୍ତି । ଡିପାର୍ଟମେଣ୍ଟ ଅଫ ଫାଇନାନସିଆଲ ସର୍ଭିସ(ଡିଏଫଏସ) ପକ୍ଷରୁ କୁହାଯାଇଛି ଯେ କୌଣସି ସାଇବର ସିକ୍ୟୁରିଟି ବିପଦ ଆଶଙ୍କା ଏଡାଇବା ପାଇଁ ତଥା ବ୍ୟାଙ୍କିଂସେବା ନିରନ୍ତର ପାଇବା ସୁନିଶ୍ଚିତ କରିବା ଉପରେ ବ୍ୟାଙ୍କ ଗୁଡ଼ିକ ଗୁରୁତ୍ୱ ଦିଅନ୍ତୁ । ବ୍ୟାଙ୍କ ବ୍ରାଞ୍ଚ ଓ ଏଟିଏମଗୁଡ଼ିକରେ ଯଥେଷ୍ଟ ନଗଦଟଙ୍କା ରଖିବାକୁ ବ୍ୟାଙ୍କଗୁଡ଼ିକ ଧ୍ୟାନ ଦିଅନ୍ତୁ ବୋଲି ଡିଏଫଏସ କହିଛି ।

### ଜମ୍ମୁ ବ୍ଲାକଆଉଟ, ଲୋକଙ୍କୁ ରାସ୍ତାକୁ ବାହାରିବାକୁ ଓମାରଙ୍କ ବାରଣ

### କୌଣସି ଗୁଜବ ବିଶ୍ୱାସକୁ ନିଅନ୍ତୁ ନାହିଁ

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ୩ ସେନା ମୁଖ୍ୟ
### ଆଗକୁ ବଡ଼ କାର୍ଯ୍ୟାନୁଷ୍ଠାନ ହୋଇପାରେ

ନୂଆଦିଲ୍ଲୀ,୯ ।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁକ୍ରବାର ସନ୍ଧ୍ୟାରେ ୩ ସେନାମୁଖ୍ୟ ଭେଟିଛନ୍ତି । ସ୍ଥଳ, ବାୟୁ , ନୌସେନା ମୁଖ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି । ଭାରତ ପାକିସ୍ତାନୀ ଡ୍ରୋନ ଆକ୍ରମଣକୁ ସଫଳତାର ସହ ପଣ୍ଡ କରିବାର ଗୋଟିଏ ଦିନ ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ସଶସ୍ତ୍ର ବାହିନୀର ମୁଖ୍ୟଙ୍କ ସହ ଏକ ବୈଠକ କରି ଆଲୋଚନା କରିଛନ୍ତି । ପ୍ରତିରକ୍ଷା କର୍ମଚାରୀ ପ୍ରମୁଖ ଜେନେରାଲ ଅନିଲ ଚୌହାନ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲ ମଧ୍ୟ ବୈଠକରେ ଯୋଗ ଦେଇଛନ୍ତି । ଗୁରୁବାର ପାକିସ୍ତାନ ଜମ୍ମୁ, ରାଜସ୍ଥାନ ଏବଂ ପଞ୍ଜାବ ସମେତ ଭାରତର ଅନେକ ଅଞ୍ଚଳକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣର ଏକ ସିରିଜ ଆରମ୍ଭ କରିଥିଲା । ଭାରତର ପ୍ରତିରକ୍ଷା ବାହିନୀ ଦ୍ୱାରା ଆସୁଥିବା ସମସ୍ତ ବିପଦକୁ ସଫଳତାର ସହ ପ୍ରତିହତ କରାଯାଉଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୀର୍ଷସ୍ତରୀୟ ସାମରିକ ନେତୃତ୍ୱ ସହ ଜାତୀୟ ସୁରକ୍ଷା ପୃଷ୍ଠଭୂମି ନେଇ ବ୍ୟାପକ ସମୀକ୍ଷା କରିଛି । ହୁଏତ ପାକ୍ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରଧାନମନ୍ତ୍ରୀ ଯୋଜନା କରୁଛନ୍ତି ।



## ଆଇଏମଏଫ୍‌ରେ ଭାରତର ଆପତ୍ତି
### ଦୁଇଦେଶ ସଂଯମତା ରକ୍ଷାକରନ୍ତୁ: ଟ୍ରମ୍ପ




ନୂଆଦିଲ୍ଲୀ,୯ ।୫: ଭାରତ ପକ୍ଷରୁ ଅନ୍ତର୍ଜାତୀୟ ମନେଟାରି ଫଣ୍ଡ (ଆଇଏମଏଫ) ଠାରେ ପାକିସ୍ତାନକୁ ଆର୍ଥିକ ସହାୟତା ଜାରି ରଖିବା ବିରୋଧରେ ଦୃଢ଼ ଆପତ୍ତି ଉଠାଯାଇଛି । ଭାରତ ପକ୍ଷରୁ ସତର୍କ କରାଯାଇଛି ଯେ ପାକ୍‌କୁ ଅର୍ଥ ମିଳିଲେ ସେଥିରେ ରାଷ୍ଟ୍ର ପ୍ରାୟୋଜିତ ସୀମାପାରି ଆତଙ୍କବାଦ ଅଧିକ ବିପଦ ମୁହଁକୁ ଚାଲିଯିବ ।ସୂଚନଯୋଗ୍ୟ ଯେ ଆଇଏମଏଫ ଶୁକ୍ରବାର ପାକିସ୍ତାନକୁ ୧ ବିଲିୟନ ଡଲାର ସଂପ୍ରସାରିତ ଫଣ୍ଡ ଫାସିଲିଟି ନେଇ ସମୀକ୍ଷା କରିଛି । ଏଥିସହ ଆରଏସଏଫ କାର୍ଯ୍ୟକ୍ରମ ମୁତାବକ ନଗଦ ୧.୩ ବିଲିୟନ ଡଲାର ଦେବା ନେଇ ବିଚାର କରୁଛି । ତେବେ ଆଇଏମଏଫର ଅନ୍ୟତମ ସକ୍ରିୟ ସଦସ୍ୟ ଭାବେ ପାକିସ୍ତାନକୁ ଅର୍ଥ ଦିଆଯିବା ବିରୋଧରେ ଭୋଟ ଦେଇଛି । ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଭାରତ ଓ ପାକିସ୍ତାନ ଉଭୟେ ଉତ୍ତେଜନା କମାନ୍ତୁ । ଦୁଇଦେଶ ସଂଯମତା ରକ୍ଷା କରନ୍ତୁ ।

## ମେ ୧୫ ପର୍ଯ୍ୟନ୍ତ ବନ୍ଦ ୨୪ ବିମାନବନ୍ଦର



ନୂଆଦିଲ୍ଲୀ,୯ ।୫: ଦେଶର ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳର ଅନ୍ୟୂନ ୨୪ ବିମାନବନ୍ଦରରେ ନାଗରିକଙ୍କ ଯାତ୍ରା ପାଇଁ ମେ ୧୫ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି ।ଏହି ବିମାନବନ୍ଦର ଗୁଡ଼ିକରେ ବେସାମରିକ ଚଳାଚଳ ମେ ୧୦ ପର୍ଯ୍ୟନ୍ତ ପୂର୍ବରୁ ସ୍ଥଗିତ ରହିଥିଲା । ଭାରତ-ପାକିସ୍ତାନ ସାମରିକ ସଂଘର୍ଷ ପରିପ୍ରେକ୍ଷୀରେ ଏପରି ପଦକ୍ଷେପ ନିଆଯାଇଥିଲା । ଏହି ଏୟାରପୋର୍ଟଗୁଡ଼ିକ ବନ୍ଦ ରହିଥିବାରୁ ବିମାନଗୁଡ଼ିକ ଉଡ଼ାଣ ବାତିଲ ମେ ୧୫ ପର୍ଯ୍ୟନ୍ତ କରାଯାଇଛି । ସେହି ବିମାନବନ୍ଦରଗୁଡ଼ିକ ମଧ୍ୟରେ ରହିଛି ଚଣ୍ଡିଗଡ଼, ଶ୍ରୀନଗର, ଅମୃତସର,ଲୁଧିଆନା ଭୁନ୍ତାର, କିଶନଗଡ, ପଟିଆଲା, ସିମଲା, କାଙ୍ଗ୍ରା-ଗାଗଲ,ଭଟିନ୍ଦା, ଜୟସାଲମେର, ଯୋଧପୁର, ବିକାନେର, ହଲୱାରା , ପଠାନକୋଟ,ଜାମ୍ମୁ,ଲେହ, ମୁନ୍ଦ୍ରା, ଜାମନଗଣ, ହିରସାର(ରାଜକୋଟ),ପୋରବନ୍ଦର, କେଶୋଡ଼, କାନ୍ଦଲା ଓ ଭୁଜ ।

## ‘ସୁରକ୍ଷା ବାହିନୀର ଗତିବିଧି ସିଧା ପ୍ରସାରଣ କରନାହିଁ’
### ସୂତ୍ରଭିତ୍ତିକ ଖବର ପ୍ରସାରଣ ସେନା କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ

ନୂଆଦିଲ୍ଲୀ,୯ ।୫: ପ୍ରତିରକ୍ଷା ମନ୍ତ୍ରଣାଳୟ ଶୁକ୍ରବାର ଗଣମାଧ୍ୟମକୁ ପ୍ରତିରକ୍ଷା ଅଭିଯାନ ଏବଂ ସୁରକ୍ଷା ବାହିନୀର ଗତିବିଧିର ସିଧା ପ୍ରସାରଣ ପ୍ରଦର୍ଶନ କରିବାରୁ ନିବୃତ୍ତ ରହିବା ପାଇଁ ଏକ ପରାମର୍ଶ ବା ଆଡଭାଇଜରି ଜାରି କରିଛି । ଏହାର ସୋସିଆଲ ମିଡିଆ ହ୍ୟାଣ୍ଡେଲ ଏକ୍ସରେ ଏକ ପୋଷ୍ଟରେ ମନ୍ତ୍ରଣାଳୟ କହିଛି, ‘ସମସ୍ତ ଗଣମାଧ୍ୟମ ଚ୍ୟାନେଲ, ଡିଜିଟାଲ ପ୍ଲାଟଫର୍ମ ଏବଂ ବ୍ୟକ୍ତିବିଶେଷଙ୍କୁ ପ୍ରତିରକ୍ଷା ଅଭିଯାନ ଏବଂ ସୁରକ୍ଷା ବାହିନୀର ଗତିବିଧିର ସିଧା ପ୍ରସାରଣ କିମ୍ବା ରିଅଲ-ଟାଇମ ରିପୋର୍ଟିଂରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଛି ।’ କାରଣ ସୂତ୍ରଭିତ୍ତିକ ଖବର ପ୍ରସାରଣ ସେନା କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ । ମନ୍ତ୍ରଣାଳୟ କହିଛି ଯେ କେବୁଲ ଟେଲିଭିଜନ ନେଟୱର୍କ (ସଂଶୋଧନ) ନିୟମ, ୨୦୨୧ ର ଧାରା ୬(୧)(ପି) ଅନୁଯାୟୀ, ଆତଙ୍କବାଦ ବିରୋଧୀ କାର୍ଯ୍ୟ ସମୟରେ କେବଳ ନିଯୁକ୍ତ ଅଧିକାରୀମାନଙ୍କ ଦ୍ୱାରା ସାମୟିକ ବ୍ରିଫିଂ (ସୂଚନା ପ୍ରଦାନ) ଅନୁମତି ଦିଆଯାଇଛି । ‘ସମସ୍ତ ଷ୍ଟେକହୋଲ୍ଡଙ୍କୁ ଜାତିର ସେବାରେ ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି କଭରେଜରେ ସତର୍କତା, ସମ୍ବେଦନଶୀଳତା ଏବଂ ଦାୟିତ୍ୱ ବ୍ୟବହାର କରିବାକୁ ଅନୁରୋଧ କରାଯାଉଛି, ମନ୍ତ୍ରଣାଳୟର ପୋଷ୍ଟରେ ଏପରି କୁହାଯାଇଛି ।

## ପାକ୍ ସାଂସଦ ଶେହବାଜଙ୍କୁ କହିଲେ ‘ଶୃଗାଳ’

ଇସଲାମାବାଦ,୯ ।୫: ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ପାକିସ୍ତାନ ସଂସଦରେ ଜଣେ ସାଂସଦ ସାଦିଦ ଅହମ୍ମଦ ଖଟ୍ଟକ ବିସ୍ଫୋରକ ବୟାନ ଦେଇଛନ୍ତି । ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ସେ ‘କାପୁରୁଷ’ ଓ ‘ଶୃଗାଳ’ ବୋଲି ଆଖ୍ୟା ଦେଇଛନ୍ତି । ଶେହବାଜ ସରିଫ ନରେନ୍ଦ୍ର ମୋଦିଙ୍କ ନାମ ନେବାକୁ ଭୟ କରୁଛନ୍ତି । ଆମର ସୈନ୍ୟବାହିନୀ ଏକ ସିଂହ ଦ୍ୱାରା ନୁହେଁ, ଶୃଗାଳ ଦ୍ୱାରା ଚାଲୁଛି । ଆମର ସୈନ୍ୟମାନେ ମନୋବଳ ହରାଇଛନ୍ତି । ଭାରତର ‘ଅପରେସନ ସିନ୍ଦୂର’ ଅଧୀନରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଶିବିର ଉପରେ କରାଯାଇଥିବା ଆକ୍ରମଣକୁ ମଜଭୁତ ନେତୃତ୍ୱର ଉଦାହରଣ ଭାବେ ଉଲ୍ଲେଖ କରିଛନ୍ତି । ସେ ମୋଦିଙ୍କ ନିଷ୍ପତ୍ତି ଓ ଭାରତୀୟ ସୈନ୍ୟବାହିନୀର କାର୍ଯ୍ୟଦକ୍ଷତାର ପ୍ରଶଂସା କରି କହିଛନ୍ତି ଯେ ପାକିସ୍ତାନର ନେତୃତ୍ୱ ଏହାର ତୁଳନାରେ ଦୁର୍ବଳ ଓ ନିଷ୍କ୍ରିୟ । ଏହି ବିବୃତି ଏପରି ସମୟରେ ଆସିଛି ଯେତେବେଳେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିବା ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ରହିଛି ।

### ରାଜ୍ୟର ସ୍ଥିତି ଉପରେ ତୀକ୍ଷ୍ଣ ନଜର: ଲଗାତର କରାଯାଉଛି ସମୀକ୍ଷା
## ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ

ଭୁବନେଶ୍ୱର,୯ ।୫(ନିପ୍ର): ଭାରତ-ପାକିସ୍ତାନ ବିବାଦ ମଧ୍ୟରେ ରାଜ୍ୟବାସୀଙ୍କୁ ଭୟଭୀତ ନ ହେବାକୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆତଙ୍କବାଦୀ ନିପାତ ପାଇଁ ଭାରତ ସଂକଳ୍ପ ନେଇଛି । ଯୋଜନାବଦ୍ଧ ଆକ୍ରମଣ କରି ଆତଙ୍କବାଦୀଙ୍କୁ ନିପାତ କରାଯାଉଛି । ପ୍ରଧାନମନ୍ତ୍ରୀ ସାରା ବିଶ୍ୱର ନେତୃତ୍ୱ ନେଉଛନ୍ତି । ଓଡ଼ିଶା କ୍ଷେତ୍ରରେ ଆମ ରାଜ୍ୟରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଚାନ୍ଦିପୁର, ପୁରୀ ଭଳି ସ୍ଥାନଗୁଡ଼ିକରେ ବଙ୍ଗୋପସାଗର ପଟୁ ଆକ୍ରମଣର ଆଶଙ୍କା ରହିଛି । କେନ୍ଦ୍ର ସରକାର ଏଥିପାଇଁ ପ୍ରସ୍ତୁତ ଅଛନ୍ତି । ରାଜ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକର ସୁରକ୍ଷାକୁ ନେଇ ପୂର୍ବରୁ ରାଜ୍ୟ ସରକାର ଆଲୋଚନା କରିଥିଲେ ଆଜି ବି ଆଉଥରେ ଆଲୋଚନା ହେବ । କିଭଳି ଭାବେ ସବୁ ଅଞ୍ଚଳକୁ ସିଲ କରାଯିବ ଓ ଯାଞ୍ଚ କଡାକଡି କରାଯିବ, ଯେଉଁମାନେ ବାହାରେ ଅଛନ୍ତି ତାଙ୍କୁ ଓଡିଶା ଆଣିବା ପାଇଁ ବନ୍ଦୋବସ୍ତ କରାଯାଉଛି । ନୂଆଦିଲ୍ଲୀରେ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ହେଲ୍ପ ଡେସ୍କ ଖୋଲା ଯାଇଛି । ଜମ୍ମୁରେ ପଢୁଥିବା ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଦିଲ୍ଲୀ ଅଣାଯାଉଛି । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହ ଆମେ ଲଗାତାର ଭାବେ ସମୀକ୍ଷା କରୁଛୁ । ଲମ୍ବା ଯୁଦ୍ଧ ହେବ ଭାରତ ବିଜୟୀ ହେବ । ଭୟଭୀତ ହେବାର କୌଣସି ପ୍ରଶ୍ନ ନାହିଁ । ରାଜ୍ୟରେ ଯେଉଁ ସାଧାରଣ ବ୍ୟବସ୍ଥା ରହିଛି ତାହା କାର୍ଯ୍ୟକାରୀ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

- ଜମ୍ମୁରେ ପଢୁଥିବା ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଦିଲ୍ଲୀ ଅଣାଯାଉଛି
- ୨୪ ଘଣ୍ଟିଆ ହେଲ୍ପ ଡେସ୍କ ଖୋଲା ଯାଇଛି



### ହୀରାକୁଦ ଓ କେନ୍ଦ୍ରାପଡ଼ାରେ ବଢ଼ିଲା ସୁରକ୍ଷା

ଭୁବନେଶ୍ୱର,୯ ।୫: ସମ୍ବଲପୁର ହୀରାକୁଦରେ ସୁରକ୍ଷା ବ୍ୟବସ୍ଥା ବଢ଼ିଛି । ଭାରତ-ପାକିସ୍ତାନ ଉତ୍ତେଜନାକୁ ଦୃଷ୍ଟିରେ ରଖି ହୀରାକୁଦ ଡ୍ୟାମ ଅଞ୍ଚଳ ବୁଲିବା ଉପରେ ରୋକ ଲଗାଯାଇଛି । ଶୁକ୍ରବାରଠାରୁ ପର୍ଯ୍ୟଟକଙ୍କୁ ହୀରାକୁଦ ଡ୍ୟାମ ବୁଲିବା ମନା ହୋଇଛି । ସେପଟେ କେନ୍ଦ୍ରାପଡା ଜିଲାରେ ଥିବା ଲାଇଟ୍‌ହାଉସକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି । ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି । ସେନା ପ୍ରତିଷ୍ଠାନ, ମନ୍ଦିର, ବନ୍ଦର ଠାରୁ ଆରମ୍ଭ କରି ଉପକୂଳ ସୁରକ୍ଷା କଡାକଡି କରିଛନ୍ତି ଓଡିଶା ସରକାର । ଏନେଇ ଜିଲ୍ଲା ସ୍ତରଠାରୁ ରାଜ୍ୟସ୍ତର ଯାଏ ଘନଘନ ବୈଠକ ବସିଛି । ଯୁଦ୍ଧ ସ୍ଥିତିକୁ ଦେଖି ରାଜ୍ୟ ସରକାର ପ୍ରସ୍ତୁତି ବଢ଼େଇଛନ୍ତି । ରାଜସ୍ୱ ବିଭାଗ ପକ୍ଷରୁ ମୁଖ୍ୟ ଶାସନ ସଚିବ, ଡିଜିଙ୍କ ସହ ଆଲୋଚନା କରାଯାଇଛି । ଚାନ୍ଦିପୁର, ହୀରାକୁଦ, ସଇଁତଳା ଗୋଳା ବାରୁଦ କାରଖାନା ଭଳି ସ୍ଥାନରେ ସୁରକ୍ଷା ବଢ଼ାଯାଇଛି । ସେପଟେ ଗଞ୍ଜାମ ପୋଲିସ ପକ୍ଷରୁ ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାୟ ୩୩ କିମି ପର୍ଯ୍ୟନ୍ତ କଡାକଡ଼ି ପାଟ୍ରୋଲିଂ କରାଯାଉଛି । ରାତିରେ ମେରାଇନ ପୋଲିସ ପକ୍ଷରୁ ଦୁଇଟି ବୋଟ ସମୁଦ୍ରରେ ପାଟ୍ରୋଲିଂ କରୁଛି ।

## ଭାରତର ଏକମାତ୍ର ମନ୍ଦିର

# ଯେଉଁଠାରେ ହନୁମାନଙ୍କ ସହିତ ହୋଇଥାଏ ତାଙ୍କ ସ୍ତ୍ରୀଙ୍କ ପୂଜା





ଆମମାନଙ୍କ ମଧ୍ୟରୁ ଅନେକ ଜାଣିଛନ୍ତି କି ହନୁମାନ ହେଉଛନ୍ତି ବାଳ ବ୍ରହ୍ମଚାରୀ । ତେଣୁ ବ୍ରହ୍ମଚାରୀ ପାଳନ କରିଥିବା ଲୋକମାନେ ହନୁମାନଙ୍କୁ ପୂଜା କରିଥାନ୍ତି । କିନ୍ତୁ ହନୁମାନ କୁମାର ନଥିଲେ, ସେ ବିବାହିତ ଥିଲେ ତେବେ ଏହା ଶୁଣିବା ପରେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିପାରେ । ଭାରତର ତେଲେଙ୍ଗାନାରେ ହନୁମାନଙ୍କର ବିବାହିତ ଜୀବନର ପ୍ରଥା ପ୍ରଚଳିତ । ତେଲେଙ୍ଗାନାର ଖମ୍ମାମ୍ ଜିଲ୍ଲାରେ ହନୁମାନ ଏବଂ ତା'ଙ୍କ ଧର୍ମପତ୍ନୀ ସୁବର୍ଚ୍ଚଳାଙ୍କର ଏକ ପୁରାତନ ମନ୍ଦିର ରହିଛି । ପରାଶର ସାହିତ୍ୟରେ ମଧ୍ୟ ହନୁମାନଙ୍କର ବିବାହିତ ଜୀବନ ବିଷୟରେ ଲେଖାଯାଇଛି । ଏଠିକାର ଲୋକମାନେ ପ୍ରତି ବର୍ଷ ଜ୍ୟେଷ୍ଠ ଶୁଭ ଦଶମୀରେ ହନୁମାନଙ୍କର ବିବାହ ଖୁବ୍ ଧୁମଧାମରେ ପାଳନ କରିଥାନ୍ତି । ସତକଥା ହେଉଛି ଅଧିକାଂଶ ଲୋକଙ୍କ ପାଇଁ ଏହା କୌଣସି ଆଶ୍ଚର୍ଯ୍ୟ ଠାରୁ କମ୍ ନୁହେଁ । କାରଣ ହନୁମାନଙ୍କୁ ବାଳ ବ୍ରହ୍ମଚାରୀ କୁହାଯାଇଥାଏ ।

### ଖମ୍ମମ୍ ଜିଲ୍ଲାରେ ରହିଛି ଏହି ମନ୍ଦିର



ତେଲଙ୍ଗାନାର ଖମ୍ମମ୍ ଜିଲ୍ଲାରେ ଏହି ମନ୍ଦିରଟିର ସ୍ଥାପନା । ମନ୍ଦିର ସହିତ ଜଡିତ ଏହି ମାନ୍ୟତା ଅଛିକି' ଯେକେହିବି' ଏ ମନ୍ଦିରକୁ ଆସିଥାନ୍ତି ସେମାନଙ୍କର ବୈବାହିକ ଜୀବନ ଭଲରେ କଟିଥାଏ ଏବଂ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ଶେଷ ପର୍ଯ୍ୟନ୍ତ ରହିଥାଏ ।



### ସୂର୍ଯ୍ୟ ଦେବଙ୍କ ପୁତ୍ରୀଙ୍କ ସହିତ ହୋଇଥିଲା ବିବାହ

ପରାଶର ସାହିତ୍ୟରୁ ଉଲ୍ଲେଖରେ ଜଣା ପଡିଛି ଯେ ହନୁମାନ ଅବିବାହିତ ନଥିଲେ ବରଂ ବିବାହିତ । ତାଙ୍କର ବିବାହ ସୂର୍ଯ୍ୟ ଦେବଙ୍କ ପୁତ୍ରୀଙ୍କ ସହିତ ହୋଇଥିଲା । ସାହିତ୍ୟ ଅନୁସାରେ ହନୁମାନ ସୂର୍ଯ୍ୟ ଦେବଙ୍କୁ ତାଙ୍କର ଗୁରୁ ଭାବେ ସ୍ୱୀକାର କରିଥିଲେ । ସୂର୍ଯ୍ୟ ଦେବଙ୍କ ପାଖରେ ୯ଟି ଦିବ୍ୟ ବିଦ୍ୟା ରହିଥିଲା । ଏହି ସବୁ ବିଦ୍ୟାର ଜ୍ଞାନ ହନୁମାନ ପ୍ରାପ୍ତ କରିବା ପାଇଁ ଚାହୁଁଥିଲେ । ୯ ଟି ଜ୍ଞାନ ମଧ୍ୟରୁ ସୂର୍ଯ୍ୟ ଦେବ ହନୁମାନଙ୍କୁ ୫ଟି ବିଦ୍ୟା ଦେଇଦେଇଥିଲେ କିନ୍ତୁ ଅନ୍ୟ ୪ଟି ବିଦ୍ୟା କେବଳ ବିବାହିତ ପୁଅମାନେ ହିଁ ଜାଣିପରିବେ । ହନୁମାନ ବ୍ରହ୍ମଚାରୀ ଥିଲେ ତେଣୁ ସୂର୍ଯ୍ୟ ଦେବଙ୍କୁ ଏହି ୪ଟି ବିଦ୍ୟା ଦେବା ପାଇଁ ଅସମର୍ଥ ହୋଇଥିଲେ । ଏହି ସମସ୍ୟାର ନିରାକାରଣ ପାଇଁ ସୂର୍ଯ୍ୟ ଦେବ ହନୁମାନଙ୍କୁ ବିବାହ ପାଇଁ ପରାର୍ଶମ ଦେଲେ । ତେଣୁ ବହୁତ ବୁଝାଇବା ପରେ ହନୁମାନ ବିବାହ ପାଇଁ ରାଜି ହୋଇଥିଲେ ।

## ବୈତରଣୀ ନଦୀ କୂଳେକୂଳେ ଶିବଲିଙ୍ଗ ସ୍ଥାପନ



ଗୋନାସିକା ପର୍ବତରୁ ଏକ କୋଶ ଦୂରରେ ବ୍ରହ୍ମା ପ୍ରଥମ ଶିବଲିଙ୍ଗ ସ୍ଥାପନ କଲେ, ଯାହାର ନାମ ବ୍ରହ୍ମେଶ୍ୱର । ତା'ପରେ ପ୍ରତି କୋଣରେ କୁଶଳେଶ୍ୱର, ଅମ୍ବକେଶ୍ୱର, ଗତେଶ୍ୱର, ଲିଙ୍ଗେଶ୍ୱର, ଭୂତେଶ୍ୱର, ବିଲେଶ୍ୱର, ହରନ୍ତେଶ୍ୱର ପ୍ରଭୃତି ଶିବଲିଙ୍ଗ ସ୍ଥାପିତ ହେବାପରେ, ବୈତରଣୀ ବିରଜା କ୍ଷେତ୍ରକୁ ଆସିଲେ । ଏହି ଲିଙ୍ଗଗୁଡ଼ିକ ମଧ୍ୟରେ ଶେଷ ଲିଙ୍ଗ ହେଉଛି ସିଦ୍ଧେଶ୍ୱର । ଏହିଠାରୁ ବ୍ରହ୍ମା, ବୈତରଣୀକୁ ଉତ୍ତରବାହୀ କରି ଦେଇଥିବାରୁ ଆଉ ସେହିଠାରୁ ଶିବଲିଙ୍ଗ ଦେଖିବାକୁ ମିଳେ ନାହିଁ । ବିଶ୍ୱାସ ରହିଛି ଯେ, ଯଦି କେହି ବିରଜାକ୍ଷେତ୍ରର ବାରୁଣୀ ତୀର୍ଥରେ ସ୍ନାନ କରି ପିତୃପୁରୁଷଙ୍କୁ ପିଣ୍ଡଦାନ କରେ, ତେବେ ସେ ଦଶ ପ୍ରକାରର ପାତକରୁ ମୁକ୍ତିପାଏ ।

## ସମ୍ମାନର ଅଧିକାରୀ

ରାଜା ଶତ୍ରୁଦମନଙ୍କ ପୁତ୍ର ଅରିଦମନ ଅତ୍ୟନ୍ତ ଅହଂକାରୀ ଥିଲେ । ତାଙ୍କ ଠାରେ କରୁଣା, ଉଦାରତା, ଦୟା, ସେବା, ସହାନୁଭୂତି ଭଳି ଗୁଣର ଅଭାବ ଥିଲା । ରାଜା ମଧ୍ୟ ପୁତ୍ରର ସ୍ୱଭାବକୁ ନେଇ ଚିନ୍ତିତ ଥିଲେ । ତେଣୁ ସେ ଜଣେ ସିଦ୍ଧ ମହାତ୍ମାଙ୍କ ନିକଟକୁ ପୁତ୍ରକୁ ପଠାଇ ଦେଲେ । ମହାତ୍ମାଙ୍କ ନିକଟରେ ରହିଲେ ପୁତ୍ରର ସ୍ୱଭାବ ପରିବର୍ତ୍ତନ ହେବ ବୋଲି ରାଜାଙ୍କର ବିଶ୍ୱାସ ରହିଥିଲା । ଦିନେ ମହାତ୍ମା ରାଜପୁତ୍ର ଅରିଦମନଙ୍କୁ ଏକ ଗଛରୁ ପତ୍ର ତୋଳି ଆଣିବାକୁ କହିଲେ । ଏଥିସହିତ ଆଦେଶ ଦେଲେ ଯେ, ଯେଉଁ ପତ୍ରରେ ପୋକ ଲାଗିନଥିବ କିମ୍ବା ଫିମ୍ପି ନହୋଇଥିବ ତୁମେ ସେଭଳି ପତ୍ର ଆଣିବ । ଅରିଦମନ ଜଙ୍ଗଲକୁ ଗଲେ । ସେ ବହୁ ଗଛରେ ଖୋଜାଖୋଜି କଲେ ବି ଗୋଟିଏ ହେଲେ ଭଲ ପତ୍ର ପାଇଲେ ନାହିଁ । ତେଣୁ ସେ ଫେରିଆସିଲେ । ମହାତ୍ମାଙ୍କୁ ସେ କହିଲେ, ଗୁରୁଦେବ! ମୁଁ ଅନେକ ଖୋଜିଲି, କିନ୍ତୁ ଗୋଟିଏ ହେଲେ ଭଲ ପତ୍ର ପାଇଲି ନାହିଁ । ସବୁ ପତ୍ର ପୋକ ଲାଗିଯାଇଥିଲା । ମହାତ୍ମା କହିଲେ, ପୁତ୍ର! ଜୀବନ ମଧ୍ୟ ଏହି ବୃକ୍ଷ ଭଳି । ଜୀବନରୁ ଦୁର୍ଗୁଣ ରୂପୀ ଦୋଷଦୁର୍ବଳତା ତ୍ୟାଗ ନକଲେ ପୋକ ଲାଗିଥିବା ପତ୍ର ବୃକ୍ଷକୁ ନଷ୍ଟ କରିଦେବା ଭଳି ଦୁର୍ଗୁଣ ଜୀବନକୁ ନଷ୍ଟ କରିଦେଇଥାଏ । ଦୋଷ ଦୁର୍ଗୁଣ ତ୍ୟାଗ କଲେ ମନୁଷ୍ୟର ଜୀବନରେ ମଧୁରତା ଫରିଆସିଥାଏ । ଘୃଣା, ଅହଂକାର, କ୍ରୋଧ, ଲୋଭ, ମୋହ ଆଦି ତ୍ୟାଗ କଲେ ମନୁଷ୍ୟ ଉତ୍ତମଗୁଣର ଅଧିକାରୀ ହୋଇଥାଏ । ଉତ୍ତମ ସ୍ୱଭାବ ସମ୍ପନ୍ନ ମନୁଷ୍ୟ ସମାଜରେ ସର୍ବଦା ସମ୍ମାନ ପ୍ରାପ୍ତ କରିଥାଏ ।



# -ରାମଙ୍କ ସହ ସୀତାଙ୍କ ପ୍ରଥମ ସାକ୍ଷାତ-



ଦେବୀ ସୀତା, କୁମାରୀ ଅବସ୍ଥାରୁ ଯୁବତୀ ହେଲେ । ତାଙ୍କ ରୂପଲାବଣ୍ୟ ଦିନକୁ ଦିନ ବୃଦ୍ଧି ପାଉଥିଲା । ପିତା ଜନକ ଓ ମାତା ସୀତାଙ୍କ ବିବାହ ପାଇଁ କୁଳଗୁରୁଙ୍କ ସହ ପରାମର୍ଶ କଲେ । କୁଳଗୁରୁଙ୍କ ପରାମର୍ଶ ଅନୁସାରେ, ରାଜା ସ୍ୱୟଂବର ସଭାର ଆୟୋଜନ କରି ସମସ୍ତ ରାଜା ଓ ବୀରଙ୍କୁ ନିମନ୍ତ୍ରଣ କଲେ । ରାଜ୍ୟରେ ଡେଙ୍ଗୁରା ଦେଇ ଏ କଥା ଜଣାଇ ଦିଆଗଲା । ପ୍ରଜାବର୍ଗ ଖୁସି ହେଲେ । ମାତ୍ର ସ୍ୱୟଂବରର ସର୍ତ୍ତ ଶିବଧନୁରେ ଗୁଣଦେବା ମନରେ ସଂଶୟ ଆଣୁଥାଏ । ଏ ସମୟରେ ନଗରରେ ପ୍ରବେଶ କରି, ଗୁରୁ ବିଶ୍ୱାମିତ୍ରଙ୍କ ସହିତ ରାମ ଲକ୍ଷ୍ମଣ ନଗରସଜ୍ଜା ପରିଷ୍କାର, ପରିଚ୍ଛନ୍ନତା, ମନ୍ଦିର ଅଟ୍ଟାଳିକା, ପୁଷ୍କରିଣୀ, ପୁଷ୍ପୋଦ୍ୟାନ, ବିପଣୀ ଇତ୍ୟାଦି ଦେଖି ଅତ୍ୟଧିକ ଆନନ୍ଦିତ ହେଲେ । ସତେ ଯେପରି ବିଶ୍ୱାମିତ୍ର ରୂପି ବ୍ରହ୍ମା ନବୀନ ଦୁର୍ବାଦଳ ଶ୍ୟାମଳ, ନବ ଯୌବନ ସମ୍ପନ୍ନ ଶାନ୍ତ, କାନ୍ତ ରୂପୀ ଶ୍ରୀରାମ ବିଷ୍ଣୁ ଓ ତେଜ ଓ ଯଶ ସମ୍ପନ୍ନ ଧନୁର୍ଦ୍ଧାରୀ ଗୌରବର୍ଣ୍ଣ ରୂପୀ ଲକ୍ଷ୍ମଣ– ଶିବ, ଏ ବିଦେହ ନଗରରେ ସ୍ୱଦେହ ଧାରଣ କରି ସମସ୍ତଙ୍କୁ ଦର୍ଶନ ଦେଇ ଧନ୍ୟ କରିଦେଇଛନ୍ତି । ଋଷି ବିଶ୍ୱାମିତ୍ର ଓ ଅପୁର୍ବ ସୁନ୍ଦର ତେଜୋମୟ ଦୁଇ ରାଜକୁମାରଙ୍କ ଆଗମନ ସମ୍ବାଦ ପାଇ ରାଜର୍ଷି ଜନକ ତାଙ୍କୁ ସାଦର ସ୍ୱାଗତ କଲେ ଓ ଉପଯୁକ୍ତ ଚର୍ଚ୍ଚା କରିବା ସହିତ ରାଜଭବନର ଅତିଥିଶାଳାରେ ରଖାଇଲେ । ଜନକ ଦୁଇ ରାଜକୁମାରଙ୍କ ପରିଚୟ ଓ ଯଜ୍ଞ ରକ୍ଷାଦି କର୍ମ, ଅସୁର ବିନାଶ, ଅହଲ୍ୟା ଉଦ୍ଧାର ଆଦି ବିଷୟରେ ଜାଣି ଆନନ୍ଦ ତଥା ବିସ୍ମିତ ହୋଇଥିଲେ । ପରଦିନ ପ୍ରଭାତରେ ପ୍ରଭାତ ବନ୍ଦନା ଓ ଗୁରୁଙ୍କ ଚରଣରେ ପ୍ରଣାମ କରି ଗୁରୁଙ୍କ ଆଦେଶରେ ଦେବପୂଜା ପାଇଁ ରାଜ ଉଦ୍ୟାନରୁ ଫୁଲ ତୋଳିବା ପାଇଁ ରାମ ଲକ୍ଷ୍ମଣ ପୁଷ୍ପବାଟିକାକୁ ଗଲେ । ନିଜର ପରିଚୟ ଓ ଉଦ୍ଦେଶ୍ୟ ଜଣାଇ ଉଦ୍ୟାନ ରକ୍ଷକର ଅନୁମତି ନେଇ ପ୍ରବେଶ କଲେ ଓ ଉଦ୍ୟାନରେ ବୁଲି ବୁଲି ରାମ ଲକ୍ଷ୍ମଣ ବିବିଧ ପୁଷ୍ପ ସଂଗ୍ରହ କରିବାରେ ଲାଗିଲେ । ଏହି ସମୟରେ ଜନକ ନନ୍ଦିନୀ ସୀତା ନିଜ ପରିଚାରିକା ସଖୀ ଗହଣରେ, ତାରାଙ୍କ ମେଳରେ ଚନ୍ଦ୍ରମା ସଦୃଶ ସୀତାଙ୍କର ଶୋଭା ଦିଶୁଥାଏ । ଉଦ୍ୟାନରେ ଭ୍ରମଣ ଓ ହାସ୍ୟରସ ବାକ୍ୟାଳାପ ମଧ୍ୟରେ ହଠାତ୍ ସଖୀଗଣ ଦୁଇ ସୁନ୍ଦର ଯୁବା ପୁରୁଷଙ୍କୁ ଦେଖି ସୀତାଙ୍କୁ ଜଣାଇଲେ । ରାମ ସୀତାଙ୍କର ଚାରି ଚକ୍ଷୁର ମିଳନ ହେଲା । ହର୍ଷ, ପୁଲକ ଓ ରୋମାଞ୍ଚରେ ଉଭୟଙ୍କର ଗତି ସ୍ଥିର ହୋଇଗଲା । ଚକୋର ସତେ ଚନ୍ଦ୍ରଙ୍କୁ ଦେଖିଲା, ସୂର୍ଯ୍ୟ ଦର୍ଶନରେ ସତେକି କମଳ ପ୍ରସ୍ଫୁଟିତ ହେଲା । ଉଭୟେ ଉଭୟଙ୍କୁ ପ୍ରେମପୂର୍ଣ୍ଣ ଅପଲକ ନେତ୍ରରେ ଚାହିଁ ରହିଲେ । କିଛି ସମୟ ପରେ ସଖୀମାନେ ରାମ ଲକ୍ଷ୍ମଣଙ୍କ ପରିଚୟ ପ୍ରାପ୍ତ ହୋଇ ସୀତାଙ୍କୁ ଜଣାନ୍ତେ, ସୀତା ଲଜ୍ଜା ହରଷରେ ମଥା ପୋତି ସେଠାରୁ ଚାଲିଗଲେ । ରାମଚନ୍ଦ୍ରଙ୍କ ପ୍ରତି ପ୍ରେମଭାବ, ତାଙ୍କୁ ସ୍ୱୟଂବରରେ ପତି ରୂପରେ ପାଇବାର ଲାଳସା, ହୃଦୟରେ ଦୃଢ ଭାବରେ ଜାଗ୍ରତ କରାଇଲା । ଇଷ୍ଟଦେବୀ ମାଆ ଭବାନୀଙ୍କ ନିକଟରୁ ସେ ଆଶିଷ ପ୍ରାର୍ଥନା କଲେ ।



# କୁନ୍ତୀ, ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ମୃତ୍ୟୁ ରହସ୍ୟ



**ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ । ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ ।**

ମହାଭାରତ ଯୁଦ୍ଧ ସମାପ୍ତି ପରେ ହସ୍ତିନାପୁରର ରାଜା ହେଲେ ଯୁଧିଷ୍ଠିର । ଏହାପରେ କୌରବଙ୍କ ପିତା ଧୃତରାଷ୍ଟ୍ର ଓ ତାଙ୍କ ପତ୍ନୀ ଗାନ୍ଧାରୀ ଏବଂ ପାଣ୍ଡବଙ୍କ ମାଆ କୁନ୍ତୀଙ୍କ ସହ ଜଙ୍ଗଲକୁ ଚାଲିଯିବାକୁ ବାହାରିଥିଲେ । ଯୁଧିଷ୍ଠିରଙ୍କ ଅନୁମତି ପାଇଁ ତିନିଜଣ ତାଙ୍କ ପାଖକୁ ଯାଇଥିଲେ । ହେଲେ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ଜଙ୍ଗଲ ନଯିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ । କିନ୍ତୁ କୌରବ ଏବଂ ଧୃତରାଷ୍ଟ୍ରଙ୍କ ପ୍ରତି ଭୀମ ନିଜର ରାଗକୁ ଅଧିକ ସମୟ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିନଥିଲେ । ଭୀମଙ୍କ ମୁହଁରୁ ଏମିତି ଏକ କଥା ବାହାରିଗଲା, ଯାହା ଧୃତରାଷ୍ଟ୍ରଙ୍କୁ ବହୁତ କଷ୍ଟ ଦେଲା । ତେଣୁ ସେ ରାଜମହଲରେ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ । ଧୃତରାଷ୍ଟ୍ର ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ନେଇ ଜଙ୍ଗଲ ଯାତ୍ରା ବାହାରିଲେ । ଏହି ସମୟରେ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ସହ ଯିବା ପାଇଁ ପାଣ୍ଡବଙ୍କ ମାଆ କୁନ୍ତି ମଧ୍ୟ ଜିଦ୍ କରିଥିଲେ । ଜଙ୍ଗଲକୁ ନଯିବା ପାଇଁ ଯୁଧିଷ୍ଠିର ସେମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ମାନି ନଥିଲେ । ସେହି ସମୟରେ ବେଦବ୍ୟାସ ରାଜମହଲରେ ପଦାର୍ପଣ କରିଥିଲେ । ସେମାନଙ୍କ ଜଙ୍ଗଲ ଯାତ୍ରା ପାଇଁ ଯୁଧିଷ୍ଠିରଙ୍କୁ ବୁଝାଇ ଦେଇଥିଲେ ବ୍ୟାସଦେବ । ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ । ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ । ରାଜମହଲରେ ବିଳାସପୂର୍ଣ୍ଣ ଭାବେ ରହୁଥିବା ଏହି ତିନିଜଣଙ୍କ ଶରୀର ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲା । ଦିନେ ଜଙ୍ଗଲରେ ଅଚାନକ ନିଆଁ ଲାଗି ଗଲା । ନିଜ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଦୌଡା ଦୌଡି କଲେ । ନିଜ ଜୀବନ ବଞ୍ଚାଇବା ପାଇଁ କୁନ୍ତି, ଗାନ୍ଧାରୀ ଓ ଧୃତରାଷ୍ଟ୍ର ମଧ୍ୟ ଦୌଡିବା ଆରମ୍ଭ କରିଥିଲେ । ହେଲେ ଦୁର୍ବଳ ଶରୀର ପାଇଁ ଅଧିକ ବାଟ ଯାଇପାରିଲେ ନାହିଁ । ଦ୍ରୁତଗତିରେ ନିଆଁ ଜଙ୍ଗଲର ଚାରିଆଡେ ଖେଳିଗଲା । ଆଉ କିଛି ଉପାୟ ନପାଇ ଧୃତରାଷ୍ଟ୍ର , ଗାନ୍ଧାରୀ ଓ କୁନ୍ତି ଧ୍ୟାନରେ ବସିଗଲେ । ଏହି ନିଆଁରେ ତିନିଜଣ ଜଳିପୋଡି ପାଉଁଶ ହୋଇଗଲେ ।



## ଗୃହପାଳିତ ପଶୁଙ୍କୁ ଅଂଶୁଘାତ କବଳରୁ ସୁରକ୍ଷିତ ରଖିବାର ଉପାୟ

ବାୟୁ ମଣ୍ଡଳ ଉତ୍ତପ୍ତ ରହିବା ସଙ୍ଗେ ଗରମ ପବନ ବହିବାକୁ ଗ୍ରୀଷ୍ମପ୍ରବାହ ବା ହିଟ୍‌ୱେଭ୍ କୁହାଯାଏ । ଏହା ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଏ । ତା ସହ ସେମାନଙ୍କର ଉତ୍ପାଦନ କ୍ଷମତା ହ୍ରାସ ପାଇଥାଏ । ତେଣୁ ଅଧିକ ତାପମାତ୍ରା ଯୋଗୁଁ ପ୍ରାଣୀଙ୍କୁ ଅଂଶୁଘାତ କବଳରୁ ସୁରକ୍ଷିତ ରଖିବାକୁ ବିଭିନ୍ନ ଉପାୟ ରହିଛି । ଗ୍ରୀଷ୍ମ ପ୍ରବାହରେ ଗାଈଙ୍କ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା ୧୦୩ ରୁ ୧୦୪ ଡିଗ୍ରୀ ଫାରେନହାଇଟ୍ ପର୍ଯ୍ୟନ୍ତ ବଢ଼ିଯାଇଥାଏ । **ଭିଟାମିନ୍ ସି ଉତ୍ସ:** ଅଧିକ ଖରାରେ ଗାଈ ଓ ମଇଁଷିଙ୍କୁ ଚରିବାକୁ ନ ଛାଡି ସକାଳେ କିମ୍ବା ସନ୍ଧ୍ୟାରେ ତାଙ୍କୁ ଦାନା ଦେବା ଦରକାର । ଖରାବେଳେ କଅଁଳ ଘାସ ଦେବା ଦ୍ୱାରା ଏହା ହଜମ ହେବାରେ ସହାୟକ ହୋଇଥାଏ । ଶରୀରର ତାପମାତ୍ରା ଅଧିକ ବଢ଼ି ନ ଥାଏ । ଏହାଛଡ଼ା ଭିଟାମିନ୍ ସିର ବିଭିନ୍ନ ପ୍ରକାର ଔଷଧ ଯଥା- ପାଉଡର ଏବଂ ତରଳକୁ ଗାଈ ଓ ମଇଁଷିକୁ ଦେଇପାରିବେ । ଏହାଦ୍ୱାରା ସେମାନଙ୍କର ଉତ୍ତାପ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଥଣ୍ଡା ପାଣି ଦେବା ସହ ପାଣିକୁ ବାରମ୍ବାର ବଦଳାଇବା ଦ୍ୱାରା ଏହା ଥଣ୍ଡା ରୁହେ ।

**ଗାଧୋଇବା ବିକଳ୍ପ:** ହୋଲଷ୍ଟିନ୍ କିମ୍ବା ଜର୍ସି ପ୍ରଜାତି ଗାଈଙ୍କୁ ଖରାବେଳେ ଗାଧୋଇ ଦେଇ ପାରିବେ । ଅଧିକ ଗାଧୋଇବା ଦ୍ୱାରା ଥଣ୍ଡା ଓ ବିଭିନ୍ନ ରୋଗ ହୋଇଥାଏ, ତେଣୁ ସେଥିପ୍ରତି ଧ୍ୟାନ ଦେବେ । ଗୁହାଳକୁ ମଶା, ମାଛି ଦାଉରୁ ସୁରକ୍ଷା ପାଇଁ ସଫା ରଖିବା ଜରୁରି । ଛେଳିଙ୍କୁ ଚରିବାକୁ ଛାଡୁଥିଲେ : ଆମ ରାଜ୍ୟର ଛେଳି, ମେଣ୍ଢା ମୁଖ୍ୟତଃ ଚରିବୁଲି ଖାଦ୍ୟ ସଂଗ୍ରହ କରନ୍ତି । ତେଣୁ ସେମାନଙ୍କୁ ଚରିବାକୁ ନେଉଥିବା ସ୍ଥାନଟି ଛାଇ ହୋଇଥିବା ଦରକାର । ଅଂଶୁଘାତରୁ ସୁରକ୍ଷା ପାଇଁ ଉକ୍ତ ସ୍ଥାନରେ କୁଣ୍ଡରେ ପାଣି ରଖିବା ବନ୍ଦୋବସ୍ତ କରନ୍ତୁ । **ଝରକାରେ ଓହଳାନ୍ତୁ ଓଦା ଅଖା:** କୁକୁଡ଼ା ଓ ବତକଙ୍କୁ ଦିନର ଥଣ୍ଡା ସମୟରେ ଖାଇବାକୁ ଦିଅନ୍ତୁ । ଡାକ୍ତରଙ୍କ ପରାମର୍ଶକ୍ରମେ ଭିଟାମିନ୍ ସି, ଇ ଦ୍ରବଣ ଦେଇ ତାଙ୍କର ହିଟ୍‌ଷ୍ଟ୍ରେସ୍ କମାଇପାରିବେ । କୁକୁଡ଼ା ଘରକୁ ଥଣ୍ଡା ରଖିବାକୁ ଓଦା ଅଖା ଓହଳାଇ ପାରିବେ । କୃମି ଔଷଧ: ଗାଈ, କୁକୁଡା ବା ଛେଳିଙ୍କୁ ଯଦି କୃମି ଔଷଧ ଦେଇନାହାନ୍ତି, ଏହି ସମୟରେ ଦେଇ ଦେବା ଦରକାର । ଏହି ଔଷଧ ଦେଲାପରେ ସେମାନଙ୍କୁ ବାହାରକୁ ଚରିବାକୁ ଛାଡ଼ନ୍ତୁନି ।

**ଅଂଶୁଘାତର ଉପଚାର :** ଯଦି ଗାଈ, ମେଣ୍ଢା, ଛେଳି ବା କୁକୁଡ଼ା ହଠାତ୍ ପଡ଼ିଯାଉଛନ୍ତି ବା ଅଂଶୁଘାତର ଶିକାର ହେଉଛନ୍ତି, ତାଙ୍କୁ ସଙ୍ଗେ ସଙ୍ଗେ ଛାଇ ତଥା ଥଣ୍ଡା ସ୍ଥାନକୁ ନେଇ ତାଙ୍କ ଗୋଡ଼, କାନ, ମୁଣ୍ଡ ଉପରେ ଓଦା ଅଖା ବା କପଡ଼ା ପକାଇ ରଖିବେ । ଆବଶ୍ୟକ ହେଲେ, ବରଫ ପାଣି ଦେହରେ ଲଗାଇବା ଦ୍ୱାରା ଶରୀରର ତାପମାତ୍ରା କମିଯାଇଥାଏ । ଚିକିତ୍ସକଙ୍କ ପରାମର୍ଶରେ ଥଣ୍ଡା ସାଲାଇନ୍ ଦିଆଯାଇଥାଏ ।

**ସନ୍ତୁଳିତ ଖାଦ୍ୟ ଯୋଗାଣ:** ଗୁହାଳକୁ ଥଣ୍ଡା ରଖିବାକୁ ହାଲୁକା ପାଣି ସିଞ୍ଚି ପାରିବେ । ଗୁହାଳରେ ପଙ୍ଖା ଲଗାନ୍ତୁ । ଛାତ ଉପରେ ନଡ଼ା ଛପର ବିଛାଇ ପାରିବେ ।



## ୫୦୦୦ ଲିଟର ପୋଚ ନଷ୍ଟ: ୨ ଗିରଫ

ଆସିକା,(ନିପ୍ର): ଦିନକୁ ଦିନ ଆସିକା ଅଞ୍ଚଳରେ ଦେଶୀ ମଦ କାରବାର ବଢିବାକୁ ଲାଗିବା ଆସିକା ପୋଲିସକୁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି । ଏହା ଉପରେ ରୋକ ଲଗାଇବା ପାଇଁ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଆସିକା ଥାନା ଅଧିକାରୀ କୁଳମଣି ସେଠୀଙ୍କ ନେତୃତ୍ୱରେ ଏଏସଆଇ




ଅଶୋକ କୁମାର ପଟ୍ଟନାୟକଙ୍କୁ ନେଇ ଏକ ଟିମ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆସିକା ତୁମ୍ବ ଠେଙ୍ଗାପଲ୍ଲୀ ଏରେଗଲା କ୍ୟାମ୍ପରେ ଚଢ଼ାଉ କରି ମଦ ପ୍ରସ୍ତୁତ ପାଇଁ ଥିବା ୫୦୦୦ଲିଟର ପୋଚ ନଷ୍ଟ କରିଛି । ଏଥିସହ ଏ. ଜଗନ୍ନାଥ ଓ ଏନ. କବିତାକୁ ଗିରଫ କରିବା ବେଳେ ଅନ୍ୟ ଦୁଇ ଜଣ ଘଟଣାସ୍ଥଳରୁ ଫେରାର ହେବାରେ ସଫଳ ହୋଇଥିଲେ । ଆସିକା ପୋଲିସ ଏମାନଙ୍କ ନାମରେ ଥାନା କେସ ନମ୍ବର ୩୨୫/ ୨୫ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

## ପାରଳାଖେମୁଣ୍ଡି ରଥଯାତ୍ରା ପାଇଁ ପ୍ରାକ୍-ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଆସନ୍ତା ରଥ ଯାତ୍ରା ପାଳନ ଉପଲକ୍ଷେ ପ୍ରାକ୍-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଦାଶରଥି ଗମାଙ୍ଗ, ବିଧାୟକ ମୋହନା, ଅନୁପ ପଣ୍ଡା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି, ମାଧବ ନନ୍ଦ ନାୟକ, ଉପଖଣ୍ଡ ପୋଲିସ ଅଧିକାରୀ ପାରଳାଖେମୁଣ୍ଡି,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ଓ ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରସ୍ତୁତି ବୈଠକରେ ପ୍ରଥମେ ଉପ-ଜିଲ୍ଲାପାଳ ଅନୁପ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ପୂର୍ବ ବର୍ଷର ଆଦାୟ ଓ ଖର୍ଚ୍ଚ ବିଷୟରେ ବିବରଣୀ ପାଠ କରି କହିଥିଲେ । ଗତ ଥର ସମସ୍ତଙ୍କ ସହଯୋଗରେ ଅତ୍ୟନ୍ତ ସଫଳତାର ସହ ରଥ ଯାତ୍ରା ଏବଂ ଯାତ୍ରା ସହ ସମ୍ପୃକ୍ତ ଥିବା ସମସ୍ତ କମିଟି ମେମ୍ବରଙ୍କୁ ସାଧୁବାଦ ଜଣାଇଥିଲେ ।

## ଦୁର୍ଘଟଣାରେ ଯୁବକର ମୃତ୍ୟୁ

ଖଣ୍ଡପଡା,(ନି.ପ୍ର): ଖଣ୍ଡପଡା ବ୍ଲକ ଅଧିନ ସିଧାମୂଳା ଗ୍ରାମର ରାଜକିଶୋର ଦଳେଇ(୩୩) ଶୁକ୍ରବାର ସକାଳ ୯ଟା ସମୟରେ ରାଜକିଆରୀ ଛକ ପାର୍ଶ୍ୱରୁ ମଟରସାଇକେଲ ଯୋଗେ ଗ୍ରାମକୁ ଫେରୁଥିବା ବେଳେ ବାଟରେ ଦୁର୍ଘଟଣାର ସମ୍ମୁଖିନ ହୋଇ ଗୁରୁତର ଆହତ ହୋଇଥିଲେ । ଘଟଣାସ୍ଥଳରୁ ସ୍ଥାନୀୟ ବାସିନ୍ଦା ସଙ୍ଗେସଙ୍ଗେ ତାଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ମାତ୍ର ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡ଼ାକ୍ତର ଘୋଷଣା କରିଥିଲେ । ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକ ପ୍ରକାଶ ପାଇଛି । ଖଣ୍ଡପଡା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତ ରାଜକିଶୋର ସିଧାମୂଳା ଗ୍ରାମର ଜୟକୃଷ୍ଣ ଦଳେଇଙ୍କ ସାନପୁଅ ବୋଲି ଜଣାପଡିଛି ।

## ନୂତନ ପେନସନଭୁକ୍ତ ଶିକ୍ଷକ ସଂଘର ବୈଠକ ଓ କର୍ମକର୍ତ୍ତା ଚୟନ

ଖଣ୍ଡପଡା,(ନି.ପ୍ର): ଖଣ୍ଡପଡା ସହରର ଆରାଧ୍ୟ ମା ବାଉରୀ ଠାକୁରାଣୀଙ୍କ ପୀଠ ପରିସରରେ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ ଓ କର୍ମକର୍ତା ଚୟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଂଘର ସଂପାଦକ ଦୀନବନ୍ଧୁ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଭାପୁର ବ୍ଲକ ଶିକ୍ଷକ ସଂଘର ସଭାପତି ପ୍ରସନ୍ନ କୁମାର ଲେଙ୍କା ନୟାଗଡ ଜିଲ୍ଲା ଶିକ୍ଷକ ସଂଘ ପକ୍ଷରୁ ଲକ୍ଷ୍ମୀଧର ସାହୁ, ପଂଚାନନ ମହାପାତ୍ର, ଅଶୋକ କୁମାର ମଲ୍ଲଙ୍କ ସମେତ ଖଣ୍ଡପଡା ବ୍ଲକ ଅଧିନ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୧୦୦ରୁ ଉର୍ଦ୍ଧ ଶିକ୍ଷକ, ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ସମସ୍ୟା, ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଖଣ୍ଡପଡା ବ୍ଲକ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘକୁ ସୁଦୃଢ଼ କରିବା ପାଇଁ ବୈଠକରେ ନିଷ୍ପତି ନିଆଯିବା ସହ ଆଗାମୀ ଦିନରେ ସଂଘ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକ ସଂପର୍କରେ ଆଲୋଚନା କରାଯାଇଥିଲା । ଏ ଅବସରରେ ସର୍ବ ସମ୍ମତି ପ୍ରସ୍ତାବକ୍ରମେ ଆଗାମୀ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତାମାନଙ୍କୁ ଚୟନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସଂଘର ନୂତନ ସଭାପତି ଭାବେ ସିଦ୍ଧାର୍ଥ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ବିନୋଦ ବିହାରୀ ସାହୁ, ଉପ ସଭାପତି ଭାବେ ସତ୍ୟବାଦୀ ବିଶ୍ୱାଳ, ଦେବାଶିଷ ରଥ, ସାଧାରଣ ସଂପାଦକ ଦୀନବନ୍ଧୁ ସାହୁ, ସାଙ୍ଗଠନିକ ସଂପାଦକ ମନୋଜ କୁମାର ସାହୁ, ସହ ସଂପାଦକ ମିନାକ୍ଷୀ ହୋତା, କାର୍ତ୍ତିକ ବିଶ୍ୱାଳ, କୋଷାଧକ୍ଷ ପଦ୍ମଲୋଚନ ବେହେରା, ଜିଲ୍ଲା ପ୍ରତିନିଧି ଭାବେ ବରିଷ୍ଠ ଶିକ୍ଷକ କୁଳମଣି ପ୍ରଧାନ, ବିଭୁତି ଭୂଷଣ ସେନାପତିଙ୍କ ସମେତ କୋର କମିଟିର ସଦସ୍ୟ ଭାବେ ୧୧ ଜଣଙ୍କୁ ମନୋନୀତ କରାଯାଇ ଦାୟୀତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି । ସେହିପରି ସଂଘର ମହାସଚିବ ଭାବେ ଶିକ୍ଷୟତ୍ରୀ ଶକୁନ୍ତଳା ମିଶ୍ରଙ୍କୁ ଚୟନ କରାଯାଇଛି ।

# ବହୁଚର୍ଚ୍ଚିତ ଉଦୟମୁନି ହତ୍ୟାକାଣ୍ଡର ଦୋଷୀକୁ ଆଜୀବନ କାରାଦଣ୍ଡ

ଆସିକା,(ନିପ୍ର): ବହୁ ଚର୍ଚ୍ଚିତ ଆସିକା ତାଲୁକା ରୋଡ଼ ବାସିନ୍ଦା ଉଦୟ ମୁନି ହତ୍ୟା ଘଟଣାର ରାୟ ଜିଲ୍ଲା ଓ ଦୌରା ଜଜ ଚୌଧୁରୀ ପ୍ରବୀର କୁମାର ଦୋଷୀ ମୁକେଶ ଆନନ୍ଦକୁ ଆଜୀବନ କାରାଦଣ୍ଡ ଶୁଣାଣି କରିଛନ୍ତି । ପ୍ରକାଶ ଥାଉକି ଗତ ୧୩/୦୭/୨୦୨୪ ମସିହାରେ ଆସିକା ଏନଏସି କଲୋନୀ ୱାର୍ଡ ନମ୍ବର ୧୦ ରେ ଗୋଟିଏ ଚାହା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ । ଦିବ୍ୟାଙ୍ଗ ଉଦୟ ମୁନୀ ଘଟଣା ଦିନ ଅପରାହ୍ନ ପ୍ରାୟ ୨ ଟା ସମୟରେ ପ୍ରବଳ ବର୍ଷା ହେଉଥିଲା । ଉଦୟ ନିଜ ଘର ବାରଣ୍ଡା ନିଜ ଦୋକାନରେ ବସିଥିବା ସମୟରେ ଆସିକା ଜୋକବନ୍ଧ ସାହିର ମୁକେଶ ଆନନ୍ଦ (୩୫) ପିତା କୁମାର ଆନନ୍ଦ ନାମକ ଜଣେ ଯୁବକ ଅଚାନକ ତାଙ୍କ ଦୋକାନରେ ପଶି ପ୍ରଥମେ ଗୋଟିଏ ପଥରରେ ଆକ୍ରମଣ କରିବା ପରେ ଉଦୟଙ୍କ ସ୍ତ୍ରୀ ମମତା ମୁନି ନିଜ ସ୍ୱାମୀକୁ ରକ୍ଷା କରିବାକୁ ଯାଇଥିବା ବେଳେ ତାଙ୍କୁ ମଧ ଆକ୍ରମଣ କରି ଲହୁ ଲୁହାଣ କରିଥିଲା । ଏହା ପରେ ପାଖରେ ଥିବା ଦିବ୍ୟାଙ୍ଗ ମାନସିକ ବିକାରଗ୍ରସ୍ତ ଝିଅ କୁ ଘର ଭିତରକୁ ଟାଣି ନେଇ ଭିତର ପଟୁ କବାଟ ଦେଇ ଦୁଷ୍କର୍ମ କରିଥିଲା । ଏହି ଘଟଣା ଘଟୁଥିବା ବେଳେ ସ୍ଥାନୀୟ ବାସିନ୍ଦା ଓ ଆସିକା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ କସରତ କରିବା ପରେ ଉକ୍ତ ଯୁବକ ପୋଲିସକୁ ଇଟା ପଥର ଫୋପାଡ଼ି ଚକମା ଦେଇ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା । ପରେ ପୋଲିସ ଉଭୟ ଉଦୟ, ମମତା ଓ ତାଙ୍କ ଝିଅକୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା ।



ତେବେ ଏଠାରେ କାର୍ଯ୍ୟରତ ଡାକ୍ତର ଉଦୟଙ୍କ ମୃତ୍ୟୁ ଘୋଷଣା କରିଥିଲେ । ଉକ୍ତ ଘଟଣା ସମ୍ପର୍କରେ ମୃତ ଉଦୟଙ୍କ ସ୍ତ୍ରୀ ମମତା ମୁନି ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ପକ୍ଷରୁ ୪୭୫/ ୨୪ ରେ ମାମଲା ରୁଜୁ କରି ତତ୍କାଳୀନ ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଉକ୍ତ ମାମଲାଟିକୁ ବରିଷ୍ଠ ଏସ ଆଇ ତଥା ମହିଳା ଡେସ୍କ ଅଧିକାରୀ ଅମ୍ବିକା ବେଣିଆଙ୍କୁ ତଦନ୍ତ ଭାର ପ୍ରଦାନ କରିଥିଲେ । ପୋଲିସ ଅଫିସର ଅମ୍ବିକା ବେଣିଆ ଘଟଣାର ସରଜମିନ ତଦନ୍ତ କରି ଧାରା ୭୪, ୭୫(୨),୭୬,୩୩୧(୫), ୧୧୫(୨), ୧୨୬(୨), ୧୦୩(୧), ୧୦୯(୧), ୧୩୨, ୬୪, ୬୪(୨କେ)ଓ ୨୧ଜଣ ସାକ୍ଷୀ ଓ ୨୮ଗୋଟି ପ୍ରମାଣ ଦସ୍ତାବିଜ ସହିତ ଚାରସିଟ ଦାଖଲ କରିଥିଲେ । ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର କେସ ନମ୍ବର ଏସଟି ୧୬୮/୨୪ ର ସମସ୍ତ ସାକ୍ଷ ପ୍ରମାଣ କୁ ଭିତ୍ତି କରି ଅଭିଯୁକ୍ତ ମୁକେଶ ଆନନ୍ଦ କୁ ଉଦୟ ମୁନି ର ହତ୍ୟା ମାମଲାରେ ୨୦ବର୍ଷ କାରାଦଣ୍ଡ ସହିତ ୧୦୦୦୦ ଜୋରିମାନା ଅନାଦୟେ ୬ମାସ କାରାଦଣ୍ଡ, ମମତା ମୁନି କୁ ହତ୍ୟା ଉଦ୍ୟମ ମାମଲାରେ ୧୦ବର୍ଷ କାରାଦଣ୍ଡ ସହିତ ୨୦୦୦ ଜୋରିମାନା ଅନାଦୟେ ୨ମାସ କାରାଦଣ୍ଡ, ଦିବ୍ୟାଙ୍ଗ ଝିଅକୁ ଦୁଷ୍କର୍ମ କରିଥିବା ମାମଲାରେ ୧୪ବର୍ଷ ସହିତ ୧୦୦୦୦ ଜୋରିମାନା ଅନାଦୟେ ୬ମାସ କାରାଦଣ୍ଡ, ଜବରଦସ୍ତ ଘରେ ପଶିବା ମାମଲାରେ ୫ବର୍ଷ ସହିତ ୨୦୦୦ ଜୋରିମାନା ଅନାଦୟେ ୨ମାସ କାରାଦଣ୍ଡ, ଘରେ ଅଟକାଇବା ମାମଲାରେ ୧ମାସ କାରାଦଣ୍ଡ, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ମାମଲାରେ ୧ମାସ ସହିତ ୧୦୦୦ ଜୋରିମାନା ଅନାଦୟେ ୧ମାସ କାରାଦଣ୍ଡ ଏହିପରି ଭାବେ ଆଜୀବନ କାରାଦଣ୍ଡ ଶୁଣାଣି କରିଛନ୍ତି ।

## ଜରୁରୀକାଳୀନ ପ୍ରସ୍ତୁତି ନିମନ୍ତେ ସେଲ୍‌ର ମକ୍‌ଡ୍ରିଲ୍ ଆୟୋଜିତ

ରାଉରକେଲା : ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଜାରି ପରାମର୍ଶନାମା ଅନୁଯାୟୀ, ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଅଗ୍ନିଶମ ସେବା ବିଭାଗ ଦ୍ୱାରା ମଇ ୮ ତାରିଖରେ ବ୍ୟାପକ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅଭ୍ୟାସ ଜରୁରୀକାଳୀନ ପ୍ରସ୍ତୁତି କ୍ଷମତା ବୃଦ୍ଧି କରିବା ଲକ୍ଷ୍ୟରେ ଆରଏସପିର କେନ୍ଦ୍ରୀୟ ଅଗ୍ନିଶମ କେନ୍ଦ୍ର ଏବଂ ସହର ସେବା ବିଭାଗରେ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରୀୟ ଅଗ୍ନିଶମ କେନ୍ଦ୍ରରେ ଅନୁଷ୍ଠିତ ଏହି ମକ୍ ଡ୍ରିଲ୍‌ରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସି ଆଇ ଏସ ଏଫ), ଅଗ୍ନିଶମ ସେବା, ବିଭିନ୍ନ ବିଭାଗର ବିଭାଗୀୟ ସୁରକ୍ଷା ଅଧିକାରୀ (ଡିଏସଓ) ଏବଂ ସୁରକ୍ଷା ପର୍ଯ୍ୟବେକ୍ଷକ ଏବଂ ଅଧିକାରୀମାନଙ୍କ ସମେତ ପ୍ରାୟ ୫୫ ଜଣ କର୍ମଚାରୀ ଯୋଗ ଦେଇଥିଲେ । ଏହି ଅବସରରେ ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା, ଅଗ୍ନିଶମ ସେବା ବିଭାଗ ର ଜିଏମ୍, ଜେ.ବି. ପଟ୍ଟନାୟକ ଉପସ୍ଥିତ ଥିଲେ । ସେହିଭଳି, ସହର ସେବା ଆସେମ୍ବଲି ପଏଣ୍ଟରେ ଅନୁଷ୍ଠିତ ମକ୍ ଡ୍ରିଲ୍‌ରେ ବହୁ ଅଧିକାରୀ ଏବଂ ସହରାଞ୍ଚଳ ବାସିନ୍ଦାଙ୍କ ସମେତ ପ୍ରାୟ ୧୦୦ ଜଣ ବ୍ୟକ୍ତି ଉକ୍ତ ପ୍ରସ୍ତୁତି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସହର ସେବା ଓ ସିଏସଆର ବିଭାଗର ସିଜିଏମ୍ ଟି ଜି କାନେକର, ଜି ଏମ୍ ଏସ୍ କେ ଦେଓଙ୍କ ସମେତ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଅଭ୍ୟାସ ସମୟରେ, ସମ୍ଭାବ୍ୟ ସଙ୍କଟକାଳୀନ ପରିସ୍ଥିତିରେ ପ୍ରଭାବଶାଳୀ ପ୍ରତିକ୍ରିୟା ପ୍ରୋଟୋକଲ୍ ସହିତ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇବା ପାଇଁ ବିଭିନ୍ନ ଜରୁରୀକାଳୀନ ପରିସ୍ଥିତିର କାଳ୍ପନିକ ଚିତ୍ର ଉପସ୍ଥାପନା କରାଯାଇଥିଲା । ଏଥିରେ ଅଂଶଗ୍ରହଣକାରୀମାନଙ୍କୁ ଜରୁରୀକାଳୀନ ପରିସ୍ଥିତି ସମୟରେ ଉପଯୁକ୍ତ ସ୍ଥିତି ପରଖିବା ସହିତ ଆବଶ୍ୟକୀୟ ସ୍ଥାନାନ୍ତରଣ ପ୍ରକ୍ରିୟା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପଦକ୍ଷେପ ଉପରେ ମାର୍ଗଦର୍ଶନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପରସ୍ପର ମଧ୍ୟରେ ସମନ୍ୱୟ ବୃଦ୍ଧି, ତୁରନ୍ତ ନିଷ୍ପତ୍ତି ଗ୍ରହଣ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ରଣନୀତିର ସମୟୋଚିତ କାର୍ଯ୍ୟକାରୀତା ଉପରେ ଗୁରୁତ୍ୱାରୋପ ଦିଆଯାଇଥିଲା ।

## 'ସହଯୋଗ' ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ନିରାକାରପୁର,(ନିପ୍ର): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସ୍ଥାନୀୟ ଅଞ୍ଚଳର ଏ ୱାନ ଛାତ୍ରଛାତ୍ରୀଙ୍କୁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ 'ସହଯୋଗ' ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ, ଉମେଶ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ପାଇକରାୟ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବାହିନୀପତି, ବିଳାସିନୀ ପାଇକରାୟ, ଓ ଗାୟତ୍ରୀ ମିଶ୍ର ପ୍ରମୁଖ ଯୋଗଦେଇ କମାଗୁରୁ ସରକାରୀ ନୋଡାଲ ହାଇସ୍କୁଲର ଛାତ୍ର ଆର୍ଯ୍ୟ ପ୍ରସାଦ ପାଇକରାୟ, ନିରାକାରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଦେବାଶ୍ରୀତା ମିଶ୍ର ଓ ସମୀକ୍ଷା ମିଶ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହଯୋଗ ପରିବାର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ ପରିଚାଳନା କରିଥିଲେ ।

## ଏକ ନିଆରା ଅନୁଭୂତି ଥିଲା ୱେଭ୍ସ ୨୦୨୫: ଚଳଚ୍ଚିତ୍ର ନିର୍ମାତା ଅଜୟ କୁମାର ମହାନ୍ତି




ଭୁବନେଶ୍ୱର,(ନିପ୍ର): ଗତ ମଇ ୧ ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇସ୍ଥିତ ଜିଓ ୱାର୍ଲ୍ଡ କନଭେନ୍ସନ ସେଣ୍ଟରରେ ଆୟୋଜନ ହୋଇଥିବା ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ (ୱେଭ୍ସ) ଏକ ନିଆରା ଅନୁଭୂତି ଥିଲା ବୋଲି ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ଅଜୟ କୁମାର ମହାନ୍ତି କହିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି, କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସମ୍ମିଳନୀରେ ଯୋଗ ଦେବାକୁ ତାଙ୍କୁ ମନୋନିତ କରାଯାଇଥିଲା । ୧ ତାରିଖ ଦିନ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୱେଭ୍ସ-୨୦୨୫କୁ ଉଦଘାଟନ କରିଥିଲେ । ଏହି ଅବସରରେ ମାନ୍ୟବର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମହାରାଷ୍ଟ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ । ସିନେମା ଜଗତର ବିଶିଷ୍ଟ ବ୍ୟକ୍ତିତ୍ୱ ହେମାମାଳିନୀ, ଅକ୍ଷୟ କୁମାର, ଅନୁପମ ଖେର, ଅନିଲ କପୁର, ରଣବୀର କପୁରଙ୍କ ଉପସ୍ଥିତି ସହିତ ୮୦ରୁ ଅଧିକ ଦେଶରୁ ବହୁ ଅତିଥି ଗଣ ଯୋଗ ଦେଇଥିଲେ । ସମସ୍ତେ ବସି ଗୋଟିଏ ମଞ୍ଚରେ ଚଳଚ୍ଚିତ୍ର ଏବଂ ମନୋରଞ୍ଜନ କ୍ଷେତ୍ର ସମ୍ପର୍କରେ ଆଲୋଚନା କରିଥିଲେ । ବିଶ୍ୱସ୍ତରୀୟ ପ୍ରଯୋଜକ ଓ ନିର୍ଦ୍ଦେଶକମାନଙ୍କ ଠାରୁ ନୂଆ ପ୍ରଯୁକ୍ତି ବିଷୟରେ ଅନେକ କଥା ହେବା ଜାଣିବାକୁ ମିଳିଲା । ଅନ୍ୟ ତିନି ଦିନରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଶେଖର କପୁର, ଅଭିନେତ୍ରୀ ଶ୍ରଦ୍ଧା କପୁର, ସୁପରଷ୍ଟାର୍ ଶାହରୁଖ ଖାଁ, ଅଭିନେତ୍ରୀ ଦୀପିକା ପାଦୁକନ୍, କରୀନା କପୁର, ଅଭିନେତା ସୈଫ୍ ଅଲ୍ଲୀ ଖାଁ ପ୍ରମୁଖ ଯୋଗ ଦେଇ ବିଶେଷ କରି ସିନେମା ଉପରେ ଚର୍ଚ୍ଚା କରିବା ଥିଲା ସମ୍ପୂର୍ଣ୍ଣ ନିଆରା । ସେଠି ବସିବା ତାଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ଥିଲା ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏଥିପାଇଁ ସେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଓଡିଶାର ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ରକ୍ତଶିକୁଳି ରୋଗ ଜନିତ ସଚେତନତା

ଆଠଗଡ଼,(ନିପ୍ର): ଆଠଗଡ଼ ବ୍ଲକ ଯୋରନ୍ଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଯୋରନ୍ଦା ସେକ୍ଟରର ସମୂହ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଯୋରନ୍ଦା ସେକ୍ଟରର ବରିଷ୍ଠ ବହୁମୂଖୀ ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ ଅସଲମଙ୍କ ସଂଯୋଜନାରେ ଯୋରନ୍ଦା ଡାକ୍ତରଖାନାଠାରେ ଥାଲାସେମିଆ ଓ ସିକିଲସେଲ ରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଥାଲାସେମିଆ ବା ସିକିଲସେଲ୍ ରୋଗ ଏକ ବଂଶାନୁକ୍ରମିକ ରକ୍ତ ସମ୍ବନ୍ଧୀୟ ସମସ୍ୟା ଯାହା ବାପା ମାଆଙ୍କଠାରୁ ପିଲାମାନଙ୍କୁ ଆସିବାର ସମ୍ଭାବନା ଥାଏ । ଏହି ରୋଗର ଉପଚାର କଷ୍ଟସାଧ, ଯାହା ଜୀବନବ୍ୟାପୀ ଚାଲିଥାଏ ଏବଂ ଅତ୍ୟନ୍ତ ବ୍ୟୟବହୁଳ ।

# ନୂଆରୂପ ପାଇବ କୋଣାର୍କ ଅର୍ବାନହାଟ

## ସ୍ଥିତି ଅନୁଧ୍ୟାନ କଲେ ମିଶନଶକ୍ତି ନିର୍ଦ୍ଦେଶିକା



କୋଣାର୍କ,(ନି: ପ୍ର),ଶୁକ୍ରବାର ଅପରାହ୍ନ ସମୟରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶିକା କୋଣାର୍କ ଅର୍ବାନହାଟ ପରିଦର୍ଶନ କରିବା ସହିତ ଏହାର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଖବରରୁ ପ୍ରକାଶ ଯେ, ରାଜ୍ୟରେ ମହିଳାଙ୍କୁ ସ୍ୱାବଲମ୍ବି ଓ ଆତ୍ମନିର୍ଭରଶୀଳ କରିବା ଉପରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ନିରବଚ୍ଛିନ୍ନ କାର୍ଯ୍ୟ କରୁଥିବା ବେଳେ ଶୁକ୍ରବାର ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ କୋଣାର୍କ ଅର୍ବାନହାଟର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ରାଜ୍ୟ ସରକାରଙ୍କ ମିଶନଶକ୍ତି ବିଭାଗ ନିର୍ଦ୍ଦେଶିକା ଡଃ ମନିକା ପ୍ରିୟ ଦର୍ଶନୀ ଅର୍ବାନହାଟ ପରିଦର୍ଶନ କରିବା ସହ ଏହାର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଅର୍ବାନହାଟ ପରିସରରେ ଥିବା ଦୋକାନ ଗୃହ ଗୁଡିକର ନବୀକରଣ, ପାରିସ୍ସ ସୌନ୍ଦର୍ଯ୍ୟକରଣ ଓ ମହିଳା ମାନଙ୍କୁ ଦୋକାନ ଗୃହ ଆବଣ୍ଟନ କରି ସେମାନଙ୍କୁ ସ୍ୱାବଲମ୍ବି ଓ ଆର୍ଥିକ ପ୍ରଗତି ଦିଗରେ ନୂତନ ଦିଗଦର୍ଶନ ଦେବା ଉପରେ ମାଧ୍ୟମ ମିଶନ ଶକ୍ତି ନିର୍ଦ୍ଦେଶିକା ଡଃ ମନିକା ପ୍ରିୟ ଦର୍ଶନୀ ବିଭାଗୀୟ ଅଧିକାରୀ ମାନଙ୍କୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି କୋଣାର୍କ ଅର୍ବାନହାଟ କିଭଳି ଭାବେ ନୂଆ ରୂପ ପାଇବା ସହିତ ମିଶନ ଶକ୍ତି ମହିଳା ମାନଙ୍କ ନିମନ୍ତେ ଏହା ଏକ ବ୍ୟବସାୟିକ ହବ୍ ହେବ ବୋଲି ମତବ୍ୟକ୍ତ କରିଛନ୍ତି । ଏହି ଗ୍ରସ୍ତ ସମୟରେ ମିଶନଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ଶୈଳେନ୍ଦ୍ର ଜେନା, ଗୋପ ତହସିଲଦାର ଅନିଲ କୁମାର ମହାନ୍ତି, ଅର୍ବାନହାଟ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସମେତ ମିଶନଶକ୍ତି ବିଭାଗର ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## କାକଟପୁରରେ ଲବଣ ସତ୍ୟାଗ୍ରହ ସ୍ମୃତି ଦିବସ ପ୍ରସ୍ତୁତି

କାକଟପୁର,(ନିପ୍ର): ଅସ୍ତରଙ୍ଗ ବ୍ଲକ କୁହୁଡି ଠାରେ ପ୍ରତି ବର୍ଷ ମେ ୨୧କୁ ଲବଣ ସତ୍ୟାଗ୍ରହ ସ୍ମୃତି ଦିବସ ଭାବେ ପାଳନ କରାଯାଏ ।ଏହି ଉତ୍ସବକୁ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ଆୟୋଜନ କରାଯାଇଥାଏ । ଚଳିତ ବର୍ଷ ଏହି ଉତ୍ସବକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଲବଣ ସତ୍ୟାଗ୍ରହର ସଂଗ୍ରାମୀମାନଙ୍କୁ ଉଚିତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଦେବାର ଏହା ଏକ ଶୁଭ ଅବସର । ଆଗାମୀ ପିଢି ଏହି ସତ୍ୟାଗ୍ରହ ସମ୍ପର୍କରେ ଅବଗତ ହେବା, ସଂଗ୍ରାମୀମାନଙ୍କ ତ୍ୟାଗ, ସଂଘର୍ଷ ଓ ବଳିଦାନ ସମ୍ପର୍କରେ




ଅବଗତ ହେବା ଆବଶ୍ୟକ ବୋଲି ସେ କହିବା ସହ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିର୍ଦ୍ଧାରିତ ସମୟରେ ସମାପନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ ପଟ୍ଟନାୟକ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ବିବିଧ ପ୍ରସ୍ତାବ ଦେଇଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା ସମସ୍ତଙ୍କୁ ସ୍ୱାଗତ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି,ପଞ୍ଚାୟତ ସମିତି ଅଧକ୍ଷ ଆରତୀ ନାଏକ,ଉପାଧକ୍ଷ ଦୁର୍ଜୟ ମିଶ୍ର, ଜଗତସିଂହପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ,ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ଏଥିରେ ସଂଗ୍ରାମୀ ସ୍ମୃତି ସମିତିର କର୍ମକର୍ତ୍ତା, ଲୋକ ପ୍ରତିନିଧି,ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ନିଷ୍ପତ୍ତି ଅନୁସାରେ ମେ ୨୧ ତାରିଖ ପ୍ରାତଃ ରୁ ରାମଧୂନ ପରିବେଷଣ,ସକାଳ ୭ ଘଟିକା ରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତି ଫଳକରେ ମାଲ୍ୟାର୍ପଣ,ସକାଳ ୮ ଘଟିକା ରେ କୁହୁଡି ସ୍ମୃତି ପୀଠରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ, ସଭା ଓ ସମ୍ବର୍ଦ୍ଧନା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

## ଅର୍ଥ ହେରଫେର ମାମଲା
# ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ !

ପିପିଲି,(ନିପ୍ର): ପିପିଲି ଥାନା ଅଧୀନ ଜଇସି ପାଟଣା ବାଣୀ ବିଦ୍ୟା ମନ୍ଦିର ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାମରେ ଅର୍ଥ ହେରଫେର ମାମଲା ରୁଜୁ ହେବାର ୭୨ ଘଣ୍ଟା ପୂରିବାକୁ ବସିଲାଣି ଅଥଚ ପିପିଲି ପୋଲିସ ଅଭିଯୁକ୍ତ ଧରିବାରେ ବିଫଳ ହୋଇଥିବା ସାଧାରଣରେ କୁହାଯାଇଛି । ସୂଚନା ଅନୁଯାୟୀ ସଂପୃକ୍ତ ପ୍ରଧାନଶିକ୍ଷକ ଜଣଙ୍କ ବିଭିନ୍ନ ବାବଦରେ ୬ ଲକ୍ଷ ୭୪ ହଜାର ୨୦୦ ଟଙ୍କା ନେଇ ବିଦ୍ୟାଳୟକୁ ଆସିଲେ ନାହିଁ । ବିଦ୍ୟାଳୟକୁ ନଆସିବାରୁ ତାଙ୍କୁ ଫୋନ ଯୋଗେ ଡାକିବାରୁ ବିଭିନ୍ନ ପ୍ରକାର ଧମକ ଦେଇଥିଲେ ବୋଲି ଅର୍ଜୁନ ମହାରଣା, ନିର୍ମଳ ଚନ୍ଦ୍ର ପାଢ଼ୀ, ସଞ୍ଜୟ କୁମାର ପ୍ରଧାନ. ପ୍ରଦୀପ୍ତ ଗୁରୁ. ସୁରେନ୍ଦ୍ର ରାଉତ, ଅର୍ଣ୍ଣପୂର୍ଣ୍ଣା ରାଉତରାୟ ଅଭିଯୋଗ ଆଣିଛନ୍ତି । ପିପିଲି ଥାନା କେଶ ନଂ ୨୨୫/ ୨୫ ରେ ୨୦୨୩ ଭାରତୀୟ ନ୍ୟାୟ ସଂହିତା ୩୧୬(୨).୩୧୬(୪).୩୧୬(୫).୩୧୮(୪). ୩୩୫.୩୩୬(୨).୩୩୬(୩). ୩୪୦(୨).୩୫୧(୨). ଆଗତ ହୋଇଛି ।

## ଠାକୁରାଣୀ ଯାତ୍ରାର ଚତୁର୍ଦ୍ଦଶ ଦିବସ

ବୁଗୁଡ଼ା(ନିପ୍ର): ଗତ ଏପ୍ରିଲ ୨୫ ତାରିଖରୁ ଆରମ୍ଭ ହୋଇଥିବା ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରା ଆଜି ଚର୍ତୁଦଶ ଦିବସରେ ପହଞ୍ଚିଥିବା ବେଳେ ସ୍ଥାନୀୟ ମଦନ ମୋହନ ଛକଠୁ ଷ୍ଟେଟ୍ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଉତ୍ସାହୀ ବ୍ୟକ୍ତିଙ୍କୁ ନେଇ ଗଠିତ ପୂଜା କମିଟି ତରଫରୁ ପାରମ୍ପରିକ ରୀତିନୀତି ପ୍ରକାରେ ମା'ଙ୍କ ପୂଜାର୍ଚ୍ଚନା ଏବଂ ଘଟ ପରିକ୍ରମା କାର୍ଯ୍ୟକ୍ରମ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ବଡଦାଣ୍ଡସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ଯଥା ବିଧି ପୂର୍ବକ ପଞ୍ଚ ପୁରୋହିତଙ୍କ ଦ୍ୱାରା ମା'ଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ ହୋଇଥିଲା । ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ପ୍ରାକ୍ତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପ୍ରାକ୍ତନ ସାଂସଦ କୁମୁଦିନୀ ପଟ୍ଟନାୟକ ପ୍ରମୁଖ ରାଜନେତାଗଣ ମା'ଙ୍କ କୃପା ଭିକ୍ଷା କରି ଫେରିଥିବା ଜଣାଯାଇଛି । ଏଥି ସହ ସନ୍ଧ୍ୟାରେ ମା'ଙ୍କ ୧୦୮ ଆଳତି ପରେ ଘଟ ପରିକ୍ରମାର ଶୁଭାରମ୍ଭ ହୋଇଥିଲା ।

## ପ୍ରଧାନମନ୍ତ୍ରୀ ଆବାସ ୨.୦ ସଚେତନତା ଶିବିର

ହିଞ୍ଜିଳିକାଟୁ, (ନିପ୍ର): ହିଞ୍ଜିଳିକାଟୁ ପୌର ପରିଷଦରେ ପ୍ରଧାନମନ୍ତ୍ରୀ ଆବାସ -୨ର ପ୍ରଚାର ପ୍ରସାର ଓ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ ପାଇଁ ସକାଶେ ହିଞ୍ଜିଳିକାଟୁ ପୌର ପରିଷଦ କାର୍ଯ୍ୟାରମ୍ଭ କରିଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ପୌର ଯନ୍ତ୍ରୀ ମୁକେଶ ପ୍ରଧାନଙ୍କ ସଂଯୋଜନାରେ ପୌର ପରିଷଦ କାର୍ଯ୍ୟାଳୟ ସଭା କକ୍ଷରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପୌରାଧକ୍ଷ ସୁବାଷ ଚନ୍ଦ୍ର ପୋଲେଇ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଯୋଗାଣ ନିରୀକ୍ଷକ ସ୍ନେହାଞ୍ଜଳି ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ମହାପାତ୍ର ମଞ୍ଚାସିନ ଥିଲେ । ଗରିବ ବସ୍ତିବାସିନ୍ଦା, ନିରାଶ୍ରୟ ଓ ଭୂମିହୀନ ବ୍ୟକ୍ତିଙ୍କୁ କିପରି ପକ୍କାଗୃହ ଯୋଗାଇଦେବାକୁ ହେବ ପ୍ରଧାନମନ୍ତ୍ରୀ ଆବାସ -୨.୦ ଯୋଜନା ସମ୍ପର୍କରେ ଆଲୋଚନା କରାଯିବା ସହ ସଚେତନତା କରାଯାଇଥିଲା ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ସମନ୍ୱୟ ସଭା

ପୁରୀ (ନିପ୍ର): ରଥଯାତ୍ରାରେ ସ୍ୱଛାସେବୀମାନଙ୍କର ସେବା ଅନନ୍ୟ ଓ ପ୍ରଶଂସନୀୟ । ବର୍ଷ ପରେ ବର୍ଷ ସେମାନେ ମହାପ୍ରଭୁଙ୍କ ପ୍ରତି ସେବା ଓ ସମର୍ପଣ ରଖି ଶ୍ରଦ୍ଧାଳୁ ମାନଙ୍କୁ ସହାୟତା ଯୋଗାଇ ଆସୁଛନ୍ତି । ଚଳିତ ରଥଯାତ୍ରା ରେ ମଧ ଅନୁରୂପ ଉଲ୍ଲେଖନୀୟ ସେବା ଯୋଗାଇ ଦେବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଅନୁରୋଧ କରିଛନ୍ତି । ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରା କୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ପାଇଁ ସ୍ୱଛାସେବୀ ମାନଙ୍କ ସହ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ହୋଇଥାଏ ।ତେଣୁ ସମସ୍ତେ ମିଳି ମିଶି ଚଳିତ ରଥଯାତ୍ରାକୁ ସଫଳ କରିବାକୁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସ୍ୱଛାସେବୀ ଅନୁଷ୍ଠାନମାନେ ସେମାନଙ୍କ ଅନୁଭବ ଓ ଅଭିଜ୍ଞତାରୁ ପ୍ରଭୁଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର ରଥଯାତ୍ରା ସମୟରେ ଏକୁଟିଆ ପ୍ରଶାସନ ବା ପୋଲିସ ଲକ୍ଷ ଲକ୍ଷ ସଂଖ୍ୟା ରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ସୁରକ୍ଷା ଓ ସୁବିଧା ଯୋଗାଇବା ସମ୍ଭବ ନୁହେଁ ।ଏଥିପାଇଁ ସ୍ୱଛାସେବୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମହାପ୍ରଭୁଙ୍କ ସେବା ବୋଲି ଅନୁଭବ କରି ଆମେ ମିଳିମିଶି କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର, ଡିଆଇବି ଅତିରିକ୍ତ ଏସପି ଦେବୀ ପ୍ରସାଦ ପ୍ରତାପ,ଅତିରିକ୍ତ ଏସ ପି ସଚିନ ପଟେଲ,ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ,ସିଡିଏମଓ ଡା ରୂପଭାନୁ ମିଶ୍ର,ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ,ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, ଜିଏମ ୱାଟକୋ ବିକ୍ରମ ରାଉତ,ସଚିନ ପଟେଲ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀ ମାନଙ୍କ ସହ ପ୍ରତ୍ୟେକ ବିଭାଗର ସୁସମନ୍ୱୟ ସେବା କାର୍ଯ୍ୟ ରେ ସହାୟକ ହେବ ବୋଲି କହିଥିଲେ ।



ତିଥି : (ତ୍ରୟୋଦଶୀ) : (ଚିତ୍ରା କନ୍ୟା )
ଅମୃତବେଳା: ଦିବା ଘ୯ ।୧୬ ଗତେ ଘ ୧୨ ।୨୮ ମଧ୍ୟେ

## ଆଜିର ଅନୁଚିନ୍ତନ

ସତ୍ତ୍ୱ ଗୁଣ ବୃଦ୍ଧି ହେଲେ ରଜ ତମ ନାଶେ
ରଜ ଗୁଣେ ରତ ଦେହୀ ପଡ଼େ କର୍ମଫାଶେ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଅପରେସନ ସିନ୍ଦୂର -୨

୧୯୭୧ ଭାରତ-ପାକ୍ ଯୁଦ୍ଧ ସଂଘଟିତ ହେବାର ଦୀର୍ଘ ପାଞ୍ଚ ଦଶନ୍ଧି ପରେ ୨୦୨୫ରେ ଭାରତ-ପାକ୍ ମୁହାଁମୁହିଁ ହୋଇଛନ୍ତି । ପାକିସ୍ତାନ ଆକ୍ରମଣର ପ୍ରତିଜବାବ ରଖିବାକୁ ଯାଇ ଭାରତର ସେନା ମୁହଁତୋଡ଼ ଜବାବ ଦେଇଛନ୍ତି , ଯାହା ଦ୍ୱାରା ଦେଶର ସାର୍ବଭୌମତ୍ୱ ସୁରକ୍ଷା ବଜାୟ ରହିବା ସେନା ବୀରତ୍ୱର ପରିଚୟ ଦିଏ । ବୀର ଯବାନମାନଙ୍କ ଲଢେଇର ତରିକା ଏବଂ ନିଶାଣର ସ୍ଥାନଗୁଡ଼ିକୁ ଲକ୍ଷ୍ୟ କଲେ ସଂଯମତା ରକ୍ଷା ସହଜେ ବାରି ହୋଇଯାଏ। ଯେପରି ପ୍ରତିପକ୍ଷ ଦେଶର ନାଗରିକଙ୍କ ପ୍ରାଣହାନି ଘଟିବ ନାହିଁ ଅଥଚ ଆତଙ୍କବାଦୀଙ୍କ ଆଡ୍ଡା ଭାଙ୍ଗିବ ଓ ଆତଙ୍କବାଦୀମାନେ ମୃତ୍ୟୁ ଲଭିବେ ସେ ଦିଗରେ ତିନି ସେନାର ସମ୍ମିଳିତ ଲଢେଇ ତଥା ସମନ୍ୱୟରେ ଶୃଙ୍ଖଳା ବେଶ୍ ଲକ୍ଷଣୀୟ। ଅପରେସନ ସିନ୍ଦୂର-୧ ପର୍ଯ୍ୟାୟରେ ୯ଟି ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରି ଭାରତ ସମଗ୍ର ବିଶ୍ୱ ଆଗରେ ଦର୍ଶାଇ ଦେଇଥିଲା ଯେ ପାକିସ୍ତାନ କିଭଳି ଆତଙ୍କବାଦୀମାନଙ୍କ ପୋଷଣ କରୁଛି। ସେମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରୁଛି। ତେବେ ଦୁଇ ଦେଶର ନାଗରିକଙ୍କ ସୁରକ୍ଷା ନିମିତ୍ତ କିଛି ପାଶ୍ଚାତ୍ୟ ରାଷ୍ଟ୍ର ତଥା ସଂଗଠନ ମତାମତ ଯଦି ଅନୁଧ୍ୟାନ କରାଯାଏ ସେଥିରେ ପାକିସ୍ତାନକୁ ଶିକ୍ଷାର ସୂଚନା ମିଳିପାରିବ। ୟୁରୋପୀୟ ସମୁଦାୟର ବୈଦେଶିକ ବ୍ୟାପାର ଆଧାରିତ ଉଚ୍ଚ ପ୍ରତିନିଧି କାଜା କାଲାସ କହିଲେ ଭାରତ ତାହାର କାର୍ଯ୍ୟାନୁଷ୍ଠାନ ମପାଚୁପ୍ର ସହ କରୁଛି। ଯେକୌଣସି ଉତ୍ତେଜନାର ଦୃଢ ଜବାବ ରଖାଯିବା ଆବଶ୍ୟକ। ଆତଙ୍କବାଦକୁ କେବେହେଲେ ନ୍ୟାୟୋଚିତ ବୋଲି ଦାବି କରାଯାଇପାରିବ ନାହିଁ। ଯେଉଁମାନେ ଆତଙ୍କବାଦୀ କାର୍ଯ୍ୟକଳାପରେ ସଂପୃକ୍ତ ସେମାନଙ୍କୁ ନ୍ୟାୟ ପରିସରରେ ଅଣାଯିବା ଉଚିତ। ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧୀ ପଦକ୍ଷେପ ଆଇନଗତ ଭାବରେ ପ୍ରତ୍ୟେକ ରାଷ୍ଟ୍ର ଦାୟିତ୍ୱ ତଥା ନ୍ୟାୟପୂର୍ଣ୍ଣ ଭାବରେ ନାଗରିକଙ୍କ ସୁରକ୍ଷା ସଂପନ୍ନ କରିବା ଲୋଡ଼ା। ଆମେରିକା ପରରାଷ୍ଟ୍ର ସଚିବ ମାର୍କ ରୁବିଓ ଉକ୍ତ ବିଭାଗର ମୁଖପାତ୍ର ଟମି ବ୍ରୁଶଙ୍କ କହିବା କଥା ଉଭୟ ପକ୍ଷରୁ ସୈନ୍ୟ ଅପସରଣ ହେଉ। ଯୋଗାଯୋଗର ଉନ୍ନତି ଆଣିବା ପାଇଁ ଭାରତ-ପାକ୍ ମଧ୍ୟରେ ସିଧାସଳଖ କଥାବର୍ତ୍ତା ହେଉ। ଆତଙ୍କବାଦ ବିରୋଧରେ ଭାରତର ଲଢେଇରେ ମିଶି କାର୍ଯ୍ୟ କରିବାକୁ ଆମେରିକା ପ୍ରତିଶ୍ରୁତିବଦ୍ଧ ଅଛି। ସେହିପରି ଇରାନର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଏ ଅର୍ଘଚିଙ୍କ ବିବୃତି ଅନୁଧ୍ୟାନ କରାଯାଇପାରେ। ତାଙ୍କ କହିବା କଥା ଭାରତ-ପାକ୍ ଉଭୟେ ସୈନ୍ୟ ଅପସରଣ କରନ୍ତୁ। ଅଧିକ ଉତ୍ତେଜନା ସୃଷ୍ଟି ନ ହେବା ଉଭୟେ ପକ୍ଷ ସଂଯମତା ଆଚରଣ କରନ୍ତୁ। ଏହା ଆମେ ଆଶା କରୁ। ଏ ସବୁ ଭିତରେ ଆମ ଦେଶର କିଛି ନେତାଙ୍କ ବିବୃତି ମଧ୍ୟ ଦେଶର ଏକତା ରକ୍ଷା ତଥା ସେନାର କାର୍ଯ୍ୟ ସପକ୍ଷରେ ଉପସ୍ଥାପିତ ହୋଇଛି। ଯେପରି କି କଂଗ୍ରେସ ମୁଖ୍ୟ ଖଡ଼ଗେଙ୍କ କହିବା କଥା ଏ ଘଡ଼ିସନ୍ଧି ମୁହୂର୍ତ୍ତରେ ଆମେ ସରକାରଙ୍କ ସହିତ ରହିବୁ। କାରଣ ସରକାର ଦେଶର ସ୍ୱାର୍ଥ ସହିତ ଅଛନ୍ତି। ସେହିପରି ଏଆଇଏମ୍ଆଇଏମ୍ର ସାଂସଦ ଓୱେସି ପରାମର୍ଶ ଦେଇଛନ୍ତି ବିଶ୍ୱବ୍ୟାପୀ ବି ରେଜିଷ୍ଟାନସ ଫ୍ରଣ୍ଟ(ଟିଆର୍ଏଫ) ବିରୋଧୀ ଅଭିଯାନ ଚାଲୁ। ମୁଁ ଆମେରିକାକୁ ଅନୁରୋଧ କରିବି ଯେ ଏହାକୁ ଆତଙ୍କବାଦୀ ସଂଗଠନ ଭାବେ ଏହା ଆଖ୍ୟା ଦେଉ। ଏସବୁ ବିବୃତି ମଧ୍ୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ସଂପୃକ୍ତ ଆତଙ୍କବାଦୀ ଓ ଜମ୍ମୁକାଶ୍ମୀରରେ ଲୁଚିଛପି ରହିଥିବା ଆତଙ୍କବାଦୀଙ୍କ ବିରୋଧରେ ଖାନତଲାସିପୂର୍ବକ କଠୋର କାର୍ଯ୍ୟାନୁଷ୍ଠାନ ହେଉ। ଯଦି ସେପରି ନ ହୁଏ ଯୁଦ୍ଧ ଚାଲୁ ଥିବା ମଧ୍ୟରେ ସେମାନେ ମଧ୍ୟ ଉପତ୍ୟକାରେ ସକ୍ରିୟ ହୋଇପାରନ୍ତି ।ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ ଯୁଦ୍ଧର ଲାଇଭ ଟେଲିକାଷ୍ଟ ଦ୍ୱାରା ଦେଶର ସେନାଙ୍କ ଗତିବିଧି ଶତ୍ରୁପକ୍ଷ ଜାଣି ସେହି ଅନୁସାରେ ପାଲଟା ରଣନୀତି କରିପାରନ୍ତି। ଏ ଦୃଷ୍ଟିରୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି କଟକଣାକୁ ଗଣମାଧ୍ୟମ ଗୁଡ଼ିକ ଅନୁପାଳନ କରିବା ସମୟର ଆବଶ୍ୟକତା। ସୂଚନା ରଖାଯାଇପାରେ ଯେ ଅପରେସନ ସିନ୍ଦୂର -୨ ଯୋଗୁଁ ଅତିକମ୍ରେ ୧୦୦ ଆତଙ୍କବାଦୀ ନିହତ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଯାହା ଆତଙ୍କବାଦୀଙ୍କ ପ୍ରତି ବଡ଼ ଝଟକା। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏସିଆର ମାହୋଲ ଖରାପ କରନାହିଁ ବୋଲି ପାକିସ୍ତାନକୁ ଦେଇଥିବା ପରାମର୍ଶ ଯଦି ଉକ୍ତ ରାଷ୍ଟ୍ର ନ ମାନେ ତେବେ ଆଗକୁ ବିପଦ ଅଧିକ ଘନେଇବାର ଆଶଙ୍କା ଆଦୌ ଏଡ଼ାଇ ହେବନାହିଁ।

# ‘ସିନ୍ଦୂର’ର ନ୍ୟାୟ

## ସୌଭାଗ୍ୟ ରଂଜନ ମହାନ୍ତି

ଭାରତୀୟ ସେନାବାହିନୀର ‘ଅପରେସନ ସିନ୍ଦୂର’ ନାମରେ ସାମରିକ କାର୍ଯ୍ୟାନୁଷ୍ଠାନ ପାକିସ୍ଥାନକୁ ଥରହର କରିଦେଇଛି। ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିବାରେ ସମର୍ଥ ହୋଇଛି। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ପାଲଟା ଜବାବ ଦେବା ଲାଗି ପାକିସ୍ଥାନର ସେନାବାହିନୀକୁ ସେଠାକାର ସରକାର ପୂର୍ଣ୍ଣ ସ୍ୱାଧୀନତା ଦେଇଥିବାବେଳେ ଭାରତୀୟ ଯବାବ ପାକ୍ ଉଦ୍ୟମକୁ ପଣ୍ଡ କରିଦେବାରେ ସମର୍ଥ ହେବା ଆଉ ଏକ ବୀରତ୍ୱର ଗାଥା ବହନ କରେ। ତେବେ ଦୁଇ ପରମାଣୁ ଶକ୍ତି ସମ୍ପନ୍ନ ପଡୋଶୀ ରାଷ୍ଟ୍ରଙ୍କ ମଧ୍ୟରେ ଏବେ ଯେଉଁଳି ଉତ୍ତେଜନା ଦେଖାଦେଇଛି। ତାହା ବଡ଼ ଯୁଦ୍ଧରେ ପରିଣତ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଏହା ନିଃସନ୍ଦେହ ଯେ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଏୟାର ଷ୍ଟ୍ରାଇକ ଅପ୍ରତ୍ୟାଶିତ ନ ଥିଲା। ଯେକୌଣସି ମୁହୂର୍ତ୍ତରେ ଭାରତୀୟ ସେନା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆଶଙ୍କା ରହିଥିଲା। କାରଣ ପାକିସ୍ଥାନ ମାଟିରେ ଆତଙ୍କବାଦୀଙ୍କ ଆଡ୍ଡା ଓ ତାଲିମ ଶିବିର ଉପରେ ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ ନୂଆ ନୁହେଁ। ୨୦୧୬ରେ ଉରି ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ପ୍ରକୃତ ନିୟନ୍ତ୍ରଣ ରେଖା(ଏଲଓସି)ରେ ଥିବା ଆତଙ୍କବାଦୀଙ୍କ ଶିବିର ଉପରେ ଚଢାଉ କରି ଧ୍ୱଂସର ସ୍ତୁପ ସୃଷ୍ଟି କରିଥିଲେ। ଯେଉଁଥିରେ ସାରା ବିଶ୍ୱ ସ୍ତମ୍ଭୀଭୂତ ହୋଇପଡିଥିଲା। ସେହିପରି ୨୦୧୯ରେ ପୁଲୱାମା ଆକ୍ରମଣ ଘଟଣାରେ ‘ବାଲକୋଟ’ରେ ଏୟାର ଷ୍ଟ୍ରାଇକ କରି ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଏବେ ପହଲଗାମ ଆକ୍ରମଣ ଘଟଣାରେ ଭାରତ ‘ଅପରେସନ ସିନ୍ଦୂର’ ନାମରେ ନାମିତ କରିଛି। ଯାହାର ଏକ ଭାବାବେଗ ରହିଛି। ଭାରତୀୟ ସଂସ୍କୃତିରେ ‘ସିନ୍ଦୂର’ ହେଉଛି ବିବାହିତା ମହିଳାଙ୍କର ସୌଭାଗ୍ୟର ଚିହ୍ନ, ଯାହାର ସେମାନଙ୍କର ପବିତ୍ର ବନ୍ଧନର ପ୍ରତୀକ। ପତି-ପତ୍ନୀଙ୍କର ପ୍ରେମର ପ୍ରତୀକ। ସଧବା ନାରୀ ପାଇଁ ସିନ୍ଦୂର ଏକ କସମେଟିକ ନୁହେଁ। ‘ସଧବା’ର ପରିଚୟ। କିନ୍ତୁ ପହଲଗାମରେ ପତ୍ନୀ ସମ୍ମୁଖରେ ସ୍ୱାମୀକୁ ଧର୍ମ ପଚାରି ଯେଉଁଭଳି ଗୁଳିକରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ, ତାହା ଥିଲା ଅମାନବୀୟ। ଜଣକ ପରେ ଜଣେ ବିବାହିତା ମହିଳାଙ୍କ ମୁଣ୍ଡରୁ ସିନ୍ଦୂର ପୋଛି ନିଃସଙ୍ଗ କରିଥିଲେ। ଏବେ ଭାରତୀୟ ଯବାନ ଏକ ସମୟରେ ମାତ୍ର ୨୫ ମିନିଟରେ ୯୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିହତ କରି ସିନ୍ଦୂର’ର ନ୍ୟାୟ ଦେଇଛନ୍ତି ବୋଲି ନିଃସନ୍ଦେହରେ କୁହାଯାଇପାରିବ।

କେବଳ ଏତିକି ନୁହେଁ, ଏହି ଅପରେସନ ‘ସିନ୍ଦୂର’ର ଯେଉଁମାନେ ନେତୃତ୍ୱ ନେଇଥିଲେ, ସେମାନେ ଥିଲେ ମହିଳା ପୁଣି ଦୁଇ ସମ୍ପ୍ରଦାୟର। ଜଣେ ହିନ୍ଦୁ ଓ ଜଣେ ମୁସଲମାନ ମହିଳା କମାଣ୍ଡର। ସେମାନେ ଅପରେସନର ସଫଳତା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଉଥିବାବେଳେ ସମଗ୍ର ଦେଶରେ ସୃଷ୍ଟି ହୋଇଥିଲା, ଅଦଭୂତ୍ ଭାବାବେଗ ଓ ଦେଶପ୍ରେମ।

ଉଲ୍ଲେଖଯୋଗ୍ୟ ଯେ, କାଶ୍ମୀର’କୁ ନେଇ ୧୯୬୫ ଏବଂ ୧୯୭୧ ଯୁଦ୍ଧର ପାକିସ୍ଥାନ ପରାଜିତ ଏବଂ ବିଭାଜିତ ହେବା ପରେ ଆତଙ୍କବାଦ ବିରୁଦ୍ଧରେ ଛାୟା ଯୁଦ୍ଧ ଜାରି ରଖିଛି। ପହଲଗାମ୍ ଆକ୍ରମଣ ପରେ ଦେଶ ତଥା କାଶ୍ମୀରରେ ଯେଉଁଭଳି ଏକତା, ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରକାଶ ପାଇଛି, ତାହା ମଧ ଅଭୂତପୂର୍ବ। ଆତଙ୍କବାଦ ବିରୁଦ୍ଧରେ ହଜାର ହଜାର କାଶ୍ମୀର ମୁସଲିମ୍ ବିକ୍ଷୋଭ ପ୍ରଦର୍ଶନ କରିବା, ପାକିସ୍ଥାନ ବିରୁଦ୍ଧରେ ନାରା ଦେବା ହେଉଛି, ଭାରତରେ ବିବିଧତା ମଧ୍ୟରେ ଏକତା’ର ନିଦର୍ଶନ। ସେହିପରି ଅପରେସନ ‘ସିନ୍ଦୂର’ ପ୍ରତି ଦେଶର ରାଜନୈତିକ ଦଳଗୁଡିକ ଯେପରି ଐକ୍ୟଭାବ ପ୍ରଦର୍ଶନ କରିଛଁ, ତାହା ‘ସିନ୍ଦୂର’ର ନ୍ୟାୟକୁ ପ୍ରତିପାଦିତ କରୁଛି। ଏଥିରୁ ପାକିସ୍ଥାନ ଶିକ୍ଷା କରିବ, ବୋଲି ଆଶା କରାଯାଏ।

ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ-୭୯୭୮୬୬୬୪୦୩

# ପହଲଗାମ ଆକ୍ରମଣ : ଭାରତ-ପାକିସ୍ତାନର ଶକ୍ତି ଓ ଯୁଦ୍ଧ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

“ ଦେଶ ପାଖରେ ପ୍ରାୟ ୩୦,୦୦୦ ଆଣବିକ ବୋମା ଗଚ୍ଛିତ ଅଛି ଯାହା ସମଗ୍ର ପୃଥିବୀକୁ ଶତଶତ ଥର ଧ୍ୱଂସ କରିବାକୁ ସକ୍ଷମ । ବର୍ତ୍ତମାନ ଆମେ କ୍ଷମତାର ଉନ୍ମାଦ ପାଇଁ ସମଗ୍ର ଶାନ୍ତ ପୃଥିବୀରେ ବିଷାକ୍ତ ଅଗ୍ନିବଳୟର ବାତାବରଣ ସୃଷ୍ଟି କରିଛେ । ଏ ବିଷୟରେ ସମଗ୍ର ପୃଥିବୀର ଅନୁଚିନ୍ତା ଦରକାର । ନ୍ୟୁକ୍ଲିୟର ଟ୍ରାଏଡ୍ ରଖିଥିବା ବିଶ୍ୱର ଅଳ୍ପ କେତେକ ଦେଶ ମଧ୍ୟରେ ଭାରତ ରହିଛି । ପାକିସ୍ତାନ ପାଖରେ ଏହି ଶକ୍ତି ନାହିଁ । ଭାରତ ଉପରେ କୌଣସି ଦେଶ ଆଗ ପରମାଣୁ ହମଲା କଲେ, ସେହି ଦେଶକୁ ଜଳ, ସ୍ଥଳ ଓ ଆକାଶ ପଥରୁ ବିନାଶ କରିବାର ଶକ୍ତି ଭାରତ ପାଖରେ ରହିଛି । ସ୍ଥଳ ଭାଗରେ ଅଗ୍ନି କ୍ଷେପଣାସ୍ତ୍ର ସିରିଜ ରହିଛି ତ ଜଳଭାଗରୁ ଆଇଏନଏସ ଅରିହନ୍ତ ଭଳି ସବମାରିନ(ବୁଡାଜାହାଜ)ରୁ ପରମାଣୁ ମିସାଇଲ୍ ଉତ୍କ୍ଷେପଣ କରାଯାଇପାରିବ ।

ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନକୁ ମୁହଁତୋଡ ଜବାବ ଦେଇଛି। ରାତିଅଧରେ ପାକିସ୍ତାନ ଉପରେ ଭାରତର ଆକ୍ରମଣ ପରେ, ଉଭୟ ଦେଶ ଯୁଦ୍ଧର ଦ୍ୱାରଦେଶରେ ପହଞ୍ଚିଛନ୍ତି। ଭାରତ ଆଡ଼କୁ କ୍ଷେପଣାସ୍ତ୍ର ନିକ୍ଷେପ କରାଯିବା ପରେ, ପାକିସ୍ତାନ କଡ଼ା ଜବାବ ଦେବାର ଦମ୍ଭ ଦେଖାଇଛି। ଏପରି ପରିସ୍ଥିତିରେ, ଦୁଇ ଦେଶ ମଧ୍ୟରେ ପରିସ୍ଥିତି ଆହୁରି ଖରାପ ହେବାର ସମ୍ଭାବନା ରହିଛି। ଏହି ଉତ୍ତେଜନାକୁ ଦୃଷ୍ଟିରେ ରଖି ଆଗାମୀ ୭୨ ଘଣ୍ଟା ଅର୍ଥାତ୍ ତିନି ଦିନ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ୧୯୪୮, ୧୯୬୫, ୧୯୭୧ ଏବଂ ୧୯୯୯ ମସିହାରେ ଯୁଦ୍ଧ ହୋଇ ସାରିଛି ।

ସାମରିକ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଯୁଦ୍ଧ ବିମାନ, କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ପାଇଁ ଦେଶଗୁଡ଼ିକ ଯେଉଁ ପରିମାଣର ଟଙ୍କା ଖର୍ଚ୍ଚ କରିଛନ୍ତି ତାହା ଏକ ସଙ୍କେତ ହୋଇପାରେ ଯେ ସଂଘର୍ଷରେ ପରିସ୍ଥିତି ଆହୁରି ଖରାପ ହୋଇପାରେ।

ଭାରତ ଏପର୍ଯ୍ୟନ୍ତ ବିଭିନ୍ନ ସମୟରେ ସାମ୍ପ୍ରଦାୟିକ ହିଂସା, ଜାତିପ୍ରଥା, ନକ୍ସଲବାଦ, ଆତଙ୍କବାଦ ତଥା ଆଞ୍ଚଳିକ ପୃଥକବାଦୀ ବିଦ୍ରୋହ ଆଦିର ସମ୍ମୁଖୀନ ହୋଇଛି । ଭାରତର ଚୀନ ସହ ଅସମାଧିତ କ୍ଷେତ୍ରୀୟ ବିବାଦ ରହିଆସିଛି, ଯାହା ୧୯୬୨ ମସିହାରେ ଭାରତ-ଚୀନ ଯୁଦ୍ଧରେ ପରିଣତ ହୋଇଥିଲା । ସ୍ୱାଧୀନତା ପରଠାରୁ ଭାରତ ଓ ପାକିସ୍ଥାନ ମଧ୍ୟରେ ବିବାଦ ଲାଗିରହିଥିଲା, ଫଳରେ ୧୯୪୭, ୧୯୬୫, ୧୯୭୧ ଓ ୧୯୯୯ ମସିହାରେ ଚାରିଥର ଯୁଦ୍ଧ ହୋଇଥିଲା । ଶୀତଳ ଯୁଦ୍ଧ ସମୟରେ ଭାରତ ନିରପେକ୍ଷ ରହିଥିଲା । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ନେତୃତ୍ୱ ନେଇଥିଲା । ଏହା ସହ ଯେତେବେଳେ ପାକିସ୍ଥାନର ଯୁକ୍ତରାଷ୍ଟ୍ର ଓ ଚୀନ ସହ ସମ୍ପର୍କ ବଢିଲା, ସେତେବେଳେ ଭାରତ ସୋଭିଏତ ସଙ୍ଘ ସହିତ ଘନିଷ୍ଠତା ବଢାଇଥିଲା । ଭାରତ ଏକ ଆଣବିକ ଶସ୍ତ୍ର ବିଶିଷ୍ଟ ରାଷ୍ଟ୍ର । ଏହା ନିଜର ପ୍ରଥମ ଆଣବିକ ପରୀକ୍ଷଣ ୧୯୭୪ ମସିହାରେ କରିଥିଲା, ପରେ ୧୯୯୮ ମସିହାରେ ଆଉ ପାଞ୍ଚଟି ପରୀକ୍ଷଣ କରିଥିଲା । ୧୯୫୦ରୁ ୧୯୮୦ ମସିହା ପର୍ଯ୍ୟନ୍ତ ଭାରତ ସମାଜବାଦୀ ନୀତି ଅନୁସରଣ କରିଥିଲା । ଭାରତର ଅର୍ଥନୀତି ଅତ୍ୟଧିକ ନିୟନ୍ତ୍ରଣ, ସୁରକ୍ଷାକରଣ ଓ ସାଧାରଣ ମାଲିକାନାର ପ୍ରଭାବରେ ପ୍ରଭାବିତ ହୋଇଥିଲା, ଫଳରେ ଦେଶରେ ପ୍ରସାରବାଦୀ ଦୁର୍ନୀତିର ସୂତ୍ରପାତ ହେଲା ଏବଂ ଅର୍ଥନୀତିର ଧୀର ଅଭିବୃଦ୍ଧି ହେଲା । ୧୯୯୧ ମସିହାରେ ଆରମ୍ଭ ହୋଇଥିବା ନୂଆ-ଉଦାରବାଦୀ ଅର୍ଥନୈତିକ ସଂସ୍କାର ଯୋଗୁଁ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଏବଂ ଦୃତ ଅଭିବୃଦ୍ଧି ବିଶିଷ୍ଟ ଅର୍ଥନୀତିରେ ପରିଣତ ହେଲା । ଭାରତର ବୃହତ୍ତମ ଓ ବିକାଶଶୀଳ ଅର୍ଥନୀତି, ସୈନ୍ୟବାହିନୀ ତଥା ଜନସଂଖ୍ୟା ଯୋଗୁଁ, ବେଳେବେଳେ ଏହାକୁ ଏକ ମହାଶକ୍ତି ଏବଂ ସମ୍ଭାବ୍ୟ ବିଶ୍ୱଶକ୍ତି ବୋଲି ବିବେଚନା କରାଯାଏ ।

ଏବେ ଆମେ ଯେଉଁ ପୃଥିବୀରେ ବାସ କରୁଛେ ଓ ଆମେ ପରସ୍ପର ଶକ୍ତି ପ୍ରଦର୍ଶନରେ ହେଉ ଅବା ସୁରକ୍ଷାରେ ଯେଉଁ ବୋମାମାନ ସଂଗ୍ରହ କରୁଛେ ତାହା ବର୍ତ୍ତମାନ ପୃଥିବୀବାସୀ ପାଇଁ ଚିନ୍ତାର କାରଣ । ବର୍ତ୍ତମାନ ପୃଥିବୀ ଭୀଷଣ ବୋମାମୟ । ପରମାଣୁ ବୋମା ସହିତ ଆହୁରି ଉଚ୍ଚଶକ୍ତି ସମ୍ପୂର୍ଣ୍ଣ ଉଦ୍‌ଜାନ, ନ୍ୟୁଟ୍ରନ ଓ ରାସାୟନିକ ଆଦି ବୋମାଗୁଡିକର ବିସ୍ଫୋରଣରେ ଏକାଧିକ ମହାଦେଶ ପୃଥିବୀ ମାନଚିତ୍ରରୁ ନିଶ୍ଚିହ୍ନ ହୋଇଯିବାର ସମ୍ଭାବନା ରହିଛି । ଏକ ଆକଳନ ଅନୁଯାୟୀ ସମସ୍ତ ଦେଶ ପାଖରେ ପ୍ରାୟ ୩୦,୦୦୦ ଆଣବିକ ବୋମା ଗଚ୍ଛିତ ଅଛି ଯାହା ସମଗ୍ର ପୃଥିବୀକୁ ଶତଶତ ଥର ଧ୍ୱଂସ କରିବାକୁ ସକ୍ଷମ । ବର୍ତ୍ତମାନ ଆମେ କ୍ଷମତାର ଉନ୍ମାଦ ପାଇଁ ସମଗ୍ର ଶାନ୍ତ ପୃଥିବୀରେ ବିଷାକ୍ତ ଅଗ୍ନିବଳୟର ବାତାବରଣ ସୃଷ୍ଟି କରିଛେ । ଏ ବିଷୟରେ ସମଗ୍ର ପୃଥିବୀର ଅନୁଚିନ୍ତା ଦରକାର । ନ୍ୟୁକ୍ଲିୟର ଟ୍ରାଏଡ୍ ରଖିଥିବା ବିଶ୍ୱର ଅଳ୍ପ କେତେକ ଦେଶ ମଧ୍ୟରେ ଭାରତ ରହିଛି । ପାକିସ୍ତାନ ପାଖରେ ଏହି ଶକ୍ତି ନାହିଁ । ଭାରତ ଉପରେ କୌଣସି ଦେଶ ଆଗ ପରମାଣୁ ହମଲା କଲେ, ସେହି ଦେଶକୁ ଜଳ, ସ୍ଥଳ ଓ ଆକାଶ ପଥରୁ ବିନାଶ କରିବାର ଶକ୍ତି ଭାରତ ପାଖରେ ରହିଛି । ସ୍ଥଳ ଭାଗରେ ଅଗ୍ନି କ୍ଷେପଣାସ୍ତ୍ର ସିରିଜ ରହିଛି ତ ଜଳଭାଗରୁ ଆଇଏନଏସ ଅରିହନ୍ତ ଭଳି ସବମାରିନରୁ ପରମାଣୁ ମିସାଇଲ୍ ଉତ୍କ୍ଷେପଣ କରାଯାଇପାରିବ ।



ସେହିପରି ଆକାଶମାର୍ଗରୁ ରାଫେଲ, ସୁଖୋଇ-୩୦ ଏମକେଆଇ, ମିରାଜ-୨୦୦୦, ଜାଗୁଆର ଭଳି ଲଢାଖୁ ବିମାନ ପରମାଣୁ ବୋମା ପକାଇବାରେ ସକ୍ଷମ । ଭାରତକୁ ପରମାଣୁ ଧମକର ନାଲିଆଖି ଦେଖାଉଥିବା ପାକିସ୍ତାନ, ବାସ୍ତବରେ ଭାରତର ଜବାବୀ ଆକ୍ରମନ ଭୟରେ ରହିଛି ।

ଭାରତ ୨୦୧୯ ମସିହାରୁ ଫ୍ରାନ୍ସଠାରୁ ୩୬ଟି ରାଫେଲ ଯୁଦ୍ଧ ବିମାନ କିଣିଛି, ଯାହା ପଶ୍ଚିମ ଦେଶଗୁଡ଼ିକର ସର୍ବୋତ୍ତମ ବିମାନ ମଧ୍ୟରେ ଅନ୍ୟତମ। ପାକିସ୍ତାନ ଚୀନ୍ଠାରୁ ଜେ-୧୦ ଯୁଦ୍ଧ ବିମାନ କିଣିଛି। ପାକିସ୍ତାନ ପାଖରେ ଅତି କମ୍ରେ ୨୦ଟି ଏପରି ବିମାନ ଅଛି, ଯେଉଁଥିରେ ସମସ୍ତ ଆଧୁନିକ କ୍ଷମତା ଅଛି। ବାୟୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଭାରତ ରୁଷଠାରୁ ଏସ୍-୪୦୦ କ୍ଷେପଣାସ୍ତ୍ର ପ୍ରଣାଳୀ କିଣିଛି। ପାକିସ୍ତାନ ଚୀନ୍ଠାରୁ ଯେଉଁ କ୍ଷେପଣାସ୍ତ୍ର ପ୍ରଣାଳୀ କିଣିଛି, ଯାହା ମଧ ରୁଷର ଏସ୍-୩୦୦ ଉପରେ ଆଧାରିତ । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯେକୌଣସି ବିବାଦରେ ଚୀନର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ବିଶେଷଜ୍ଞମାନେ କୁହନ୍ତି ଯେ ଚୀନ୍ ଏବଂ ଭାରତ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ। ଯେତେବେଳେ ପାକିସ୍ତାନ ପାଇଁ, ଚୀନ୍ ହେଉଛି ତାର ସବୁଠାରୁ ନିକଟତମ ବନ୍ଧୁ ଏବଂ ସବୁଠାରୁ ବଡ଼ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ପାଶ୍ଚାତ୍ୟ ଏବଂ ଚୀନ୍ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ଏକ ପ୍ରତିଯୋଗିତା ହୋଇପାରେ। ପାକିସ୍ତାନ ଚୀନ୍ରୁ ସର୍ବାଧିକ ସାମରିକ ଉପକରଣ ଆମଦାନୀ କରୁଥିବାବେଳ ଏହା ପଛକୁ ତୁର୍କୀ, ଫ୍ରାନ୍ସ ଏବଂ ରୁଷ୍ରୁ ଆମଦାନି କରିଥାଏ। ଉଭୟ ଦେଶ ସେମାନଙ୍କ ଘରୋଇ ପ୍ରତିରକ୍ଷା ଶିଳ୍ପ ବଢ଼ାଉଛନ୍ତି। ଉଭୟ ଦେଶ ବର୍ତ୍ତମାନ ଚରମ ଉତ୍ତେଜନା ପରିସ୍ଥିତିରେ ରହିଛନ୍ତି। ଯେକୌଣସି ମୁହୂର୍ତ୍ତରେ ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ହୋଇପାରେ। ତେବେ ଉଭୟ ଦେଶକୁ ସଂଯମ ପାଇଁ ଆନ୍ତର୍ଜାତିକ ଆହ୍ୱାନ ସତ୍ତ୍ୱେ, ପରିସ୍ଥିତି ଅସ୍ଥିର ରହିଛି। ଜାତିସଂଘ ଏବଂ ପ୍ରମୁଖ ପାଶ୍ଚାତ୍ୟ ଶକ୍ତି ସମେତ ବିଶ୍ୱ ସମ୍ପ୍ରଦାୟ ଉଭୟ ପକ୍ଷକୁ ଏକପାଖିଆ ପଦକ୍ଷେପ ଏଡ଼ାଇବାକୁ ଏବଂ ପୁନଃ ଆଲୋଚନା ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ଉଚ୍ଚ ରକ୍ତଚାପ

## ଡାକ୍ତର ରାମ ପ୍ରସାଦ ରାୟ

“ ଉଚ୍ଚ ରକ୍ତଚାପରୁ ରକ୍ଷା ପାଇବା ପାଇଁ ପ୍ରଥମେ ଖାଦ୍ୟ ପେୟରେ ନିୟନ୍ତ୍ରଣ ରହିବା ଦରକାର। ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର। ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଆନ୍ତୁ। ଏହାଠାରୁ ଅଧିକ ଖାଇଲେ ଅସୁବିଧା। ତେଲମସଲା, ଫାଷ୍ଟଫୁଡ ଓ ଜଙ୍କଫୁଡ୍ ପରି ଖାଦ୍ୟ ଠାରୁ ଦୂରେଇ ରହନ୍ତୁ। ସବୁଜ ପନିପରିବା ଓ ତଟକା ଖାଦ୍ୟ ଖାଆନ୍ତୁ। ପରିବର୍ତ୍ତନ ଜୀବନଶୈଳୀ ଯୋଗୁଁ ବର୍ତ୍ତମାନ ୪୦ ବର୍ଷ ପୂର୍ବରୁ ଉଚ୍ଚରକ୍ତଚାପ ସମସ୍ୟା ଦେଖାଯାଉଛି। ଏଣୁ ୩୫-୪୦ ବର୍ଷ ପରେ ସମସ୍ତେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ। ଉଚ୍ଚ ରକ୍ତଚାପ ହୋଇଥିଲେ, ତାହା ହଠାତ୍ ଜଣାପଡ଼େ ନାହିଁ। ବଂଶରେ କାହାର ଉଚ୍ଚ ରକ୍ତଚାପ ଥିଲେ, ଡାଇବେଟିସ କିମ୍ବା ବ୍ରେନ୍ ଷ୍ଟ୍ରୋକ ହୋଇଥିଲେ ୬ମାସରେ ଥରେ ରକ୍ତଚାପ ପରୀକ୍ଷା କରିବା ଦରକାର। ଏଥିପ୍ରତି ଅଧିକ ସଚେତନ ହେବା ଉଚିତ। ପ୍ରତିଦିନ ବ୍ୟାୟାମ ଓ ଯୋଗ କରନ୍ତୁ।

ଭାରତରେ ବୃଦ୍ଧି ପାଉଛି ଉଚ୍ଚ ରକ୍ତଚାପ ରୋଗୀଙ୍କ ସଂଖ୍ୟା। ପରିବର୍ତ୍ତନଶୀଳ ଜୀବନଶୈଳୀ ଯୋଗୁଁ ଏହି ସମସ୍ୟା ବୃଦ୍ଧି ପାଉଛି। ଗବେଷକଙ୍କ କହିବାନୁସାରେ ୨୦୩୦ ବେଳକୁ ଭାରତରେ ଏକ-ତୃତୀୟାଂଶ ଲୋକ ଉଚ୍ଚ ରକ୍ତଚାପର ଶିକାର ହେବେ। ୨୦୨୪ରେ ହୋଇଥିବା ଏକ ଗଣନାରୁ ଜଣାପଡ଼ିଛି ସହରାଞ୍ଚଳରେ ୨୦ରୁ ୪୦ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଥିବାବେଳେ ଗ୍ରାମାଞ୍ଚଳରେ ୧୨ରୁ ୧୭ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଛନ୍ତି। ଭାରତରେ ବର୍ଷକୁ ପ୍ରାୟ ୧.୫ ମିଲିୟନ ଲୋକ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁମୁଖରେ ପଡ଼ିଥାନ୍ତି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ବିଶ୍ୱରେ ବର୍ଷକୁ ୧୨.୮ ପ୍ରତିଶତ ଲୋକ ବିଭିନ୍ନ କାରଣରୁ ମୃତ୍ୟୁ ମୁଖରେ ପଡୁଥିବାବେଳେ ୭.୫ ମିଲିୟନ ଲୋକ କେବଳ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ସାଧାରଣତଃ ଉଚ୍ଚ ରକ୍ତଚାପ ବ୍ୟକ୍ତିଙ୍କୁ ୪୦ ବର୍ଷ ଟପିଲା ପରେ ଦେଖାଯାଏ। ହେଲେ ଆଜିକାଲି ୨୦-୩୦ ବର୍ଷ ବୟସର ବ୍ୟକ୍ତି ବିଶେଷ କରି କଲେଜ ଛାତ୍ରମାନଙ୍କ ଠାରେ ଦେଖାଯାଉଛି। ଏଭଳି ଉଚ୍ଚ ରକ୍ତଚାପ ଜନିତ ରୋଗୀଙ୍କ ସଂଖ୍ୟା ବଢ଼ିବାର କାରଣ କ’ଣ ହୋଇପାରେ।

ଆସନ୍ତୁ ଏହାର କାରଣ ସମ୍ପର୍କରେ ଛୋଟିଆ ଆଲୋଚନାଟି ରଖିବା।

**ଅସ୍ୱାସ୍ଥ୍ୟକର ଖାଦ୍ୟ :** ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ବ୍ୟକ୍ତି ସର୍ବଦା ଫାଷ୍ଟଫୁଡ୍, ଜଙ୍କଫୁଡ୍ ଓ ବାହାରେ ତିଆରି ହେଉଥିବା ତେଲ ମସଲା ଖାଦ୍ୟ ଖାଉଛି। ଯାହାକି ଉଚ୍ଚ ରକ୍ତଚାପ ବୃଦ୍ଧିର ମୁଖ୍ୟ କାରଣ। ଏହାଦ୍ୱାରା ରକ୍ତବାହୀ ନଳୀରେ କୋଲେଷ୍ଟେରଲ ବୃଦ୍ଧି ହୋଇ ନଳୀପଥକୁ ସରୁ କରିଦେଉଛି। ଫଳରେ ଉଚ୍ଚରକ୍ତ ଚାପ ସମସ୍ୟା ବୃଦ୍ଧି ପାଉଛି।

**ଶାରୀରିକ ପରିଶ୍ରମର ଅଭାବ :** ଆଜିକାଲିର ଲୋକମାନେ ଶାରୀରିକ ପରିଶ୍ରମ ବ୍ୟତୀତ ମାନସିକ ପରିଶ୍ରମ କରିବାକୁ ପସନ୍ଦ କରୁଛନ୍ତି। ଅଧିକ ଟଙ୍କା ଲୋଭ ହିଁ ବ୍ୟକ୍ତିକୁ ଶାରୀରିକ ପରିଶ୍ରମ ଠାରୁ ଦୂରେଇ ରଖୁଛି। ସମୟ ଅଭାବରୁ ମଧ ବ୍ୟକ୍ତି ବ୍ୟାୟାମ କରୁନି। ଏହାଦ୍ୱାରା ଶରୀରରେ ମେଦଜମା ହେଉଛି। ଯାହାକି ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ।

**ଅଧିକ ଲୁଣ ଖାଇବା :** ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ ହେଉଛି ଲୁଣ। ଆଡ଼େଡ୍ ଲୁଣ ଅର୍ଥାତ୍ ଖାଦ୍ୟ ପ୍ରସ୍ତୁତ ଅଧିକ ଲୁଣ ଛିଞ୍ଚି ଖାଇବା ହିଁ ରକ୍ତଚାପ ବୃଦ୍ଧି ହୋଇଥାଏ। ଏଣୁ ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର। ଜଣେ ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଇବା ଦରକାର। ଦୁଃଚିନ୍ତା କରିବା : ଉଚ୍ଚ ରକ୍ତଚାପ ବୃଦ୍ଧି ପାଇଁ ଚିନ୍ତା ହେଉଛି ଅନ୍ୟତମ ଏକ ମୁଖ୍ୟ କାରଣ। ଆବଶ୍ୟକତା ଠାରୁ ଅଧିକ କାମ କରିବାର ନିଶା, ଅଧିକ ଧନ ଅର୍ଜନ କରିବାର ପ୍ରୟାସ ହିଁ ମଣିଷକୁ ଚିନ୍ତାରେ ପକାଉଛି। ଚିନ୍ତାରେ ରହିବା ଯୋଗୁଁ ବ୍ୟକ୍ତିଠାରେ ଉଚ୍ଚ ରକ୍ତଚାପ ବୃଦ୍ଧି ପାଏ। ନିଶାସେବନ କରିବା : ଯୁବପିଢ଼ି ତମାଖୁ ତଥା ଗୁଟୁଖା, ବିଡ଼ି, ସିଗାରେଟ ଆଦି ଓ ଆଲକୋହଲଯୁକ୍ତ ପାନୀୟ ଗ୍ରହଣ କରିବା ଯୋଗୁଁ ଶିରା ପ୍ରଶିରା ଦୁର୍ବଳ ହୋଇଯାଉଛି। ଏହାଦ୍ୱାରା ରକ୍ତ ଠିକ୍ ଭାବରେ ସଞ୍ଚାଳନ ହୋଇପାରେ ନାହିଁ। ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଉଛି।

**ହର୍ମୋନ ନିର୍ଗତରେ ଅନିୟମିତତା :** ହର୍ମୋନରେ ଅସନ୍ତୁଳନ ଦେଖାଦେଲେ ମଧ ଉଚ୍ଚ ରକ୍ତଚାପ ବୃଦ୍ଧି ହୋଇଥାଏ। ବେଳେବେଳେ ବୟସ୍କମାନଙ୍କ କ୍ଷେତ୍ରରେ ହର୍ମୋନ ଅନିୟମିତତା ଉଚ୍ଚ ରକ୍ତଚାପର କାରଣ ହୋଇଥାଏ।

**ଗର୍ଭନିରୋଧକ ବଟିକା ଖାଇବା :** ଗର୍ଭନିରୋଧକ ବଟିକା ଓ ପେନ୍ କିଲର ଖାଇବା ଦ୍ୱାରା ମଧ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ। ଏହି ବଟିକା ଖାଇବା ଦ୍ୱାରା ରକ୍ତ ଜମାଟ ବାନ୍ଧେ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସୂଚାରୁ ରୂପେ ନ ହୋଇପାରିବା ଯୋଗୁଁ ମଧ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ।

**ଗାଢ଼ ନିଦ୍ରା ନ ଯିବା :** ଗାଢ଼ ନିଦ୍ରା ନ ହେଲେ ମଧ ଉଚ୍ଚରକ୍ତଚାପ ଦେଖାଯାଏ। ଦିନକୁ ୮ଘଣ୍ଟା ଗାଢ଼ ନିଦ୍ରାରେ ଶୋଇବା ଦରକାର। ଯଦି ଏଥିରେ ଅନିୟମିତତା ଦେଖାଯାଏ, ବ୍ୟକ୍ତି ଉପଯୁକ୍ତ ମାତ୍ରାରେ ଶୋଇ ନପାରେ, ଚିନ୍ତାରେ ରହେ ଓ ତା’ଠାରେ ଉଚ୍ଚ ରକ୍ତଚାପ ସମସ୍ୟା ବୃଦ୍ଧି ପାଏ।

**ଆସନ୍ତୁ ଉଚ୍ଚରକ୍ତଚାପ ଜନିତ ପ୍ରଭାବ ସମ୍ପର୍କରେ ଜାଣିବା :** ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୁଏ। ବ୍ରେନ୍, ହୃତପିଣ୍ଡ, କିଡ଼ନୀ ଓ ଆଖି ବିଶେଷ ପ୍ରଭାବିତ ହୋଇଥାଏ। ସମୟ ସମୟରେ ଉଚ୍ଚ ରକ୍ତଚାପ ଜୀବନ ନେଇଥାଏ। ହେଲେ ସବୁ ସମୟରେ ମଣିଷ ଜାଣିପାରେ ନାହିଁ ଯେ ସେ ଉଚ୍ଚ ରକ୍ତଚାପର ଶିକାର ହୋଇଛି। ବିନା ଚିକିତ୍ସାରେ ଏହା ଦୀର୍ଘଦିନ ଧରି ରହିବା ଯୋଗୁଁ ବ୍ରେନ୍ ଷ୍ଟ୍ରୋକ୍, ହୃଦ୍‌ଘାତ, କିଡ଼ନୀ ଫେଲ୍ୟୁୟର ଓ ରେଟିନା ଦୁର୍ବଳ ହୋଇଥାଏ। ଏହି ଅଙ୍ଗଗୁଡ଼ିକ କିପରି ପ୍ରଭାବିତ ହୁଏ।

**ମସ୍ତିଷ୍କ :** ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଦୁଇ ପ୍ରକାର ବ୍ରେନ୍‌ଷ୍ଟ୍ରୋକ ହୋଇଥାଏ। ଇସଚେମିକ୍ ଷ୍ଟ୍ରୋକ୍ ଓ ହେମୋରେଜିକ୍ ଷ୍ଟ୍ରୋକ୍। ବ୍ରେନକୁ ସଂଯୋଗ ହୋଇଥିବା ରକ୍ତବାହୀ ନଳୀରେ ଜମାଟ ବାନ୍ଧିରେ ବ୍ରେନ୍‌କୁ ରକ୍ତ ସଞ୍ଚାଳନର ଫ୍ଲୋ କମିଯାଏ। ବ୍ରେନ୍‌କୁ ସଂଯୋଗ ରକ୍ତବାହୀ ନଳୀରେ କୋଲେଷ୍ଟରଲର ମାତ୍ରା ବୃଦ୍ଧି ପାଇଲେ ଇସଚେମିକ୍ ଷ୍ଟ୍ରୋକ ହୁଏ। ବ୍ରେନ୍ ଷ୍ଟ୍ରୋକର ପ୍ରାୟ ୮୦ ପ୍ରତିଶତ ଇସଚେମିକ୍ ଷ୍ଟ୍ରୋକ ହୋଇଥାଏ। ରକ୍ତଚାପ ଅତ୍ୟଧିକ ବୃଦ୍ଧି ପାଇଲେ ବ୍ରେନ୍‌କୁ ସଂଯୋଗ ହୋଇଥିବା ନଳୀ ଫାଟିଗଲେ ହେମୋରେଜିକ୍ ଷ୍ଟ୍ରୋକ ହୋଇଥାଏ।

**ଚକ୍ଷୁ :** ଦେଖିବାରେ ଆଖି ସହ ସଂଯୋଗ ରେଟିନା ସହାୟକ ହୋଇଥାଏ। ଉଚ୍ଚ ରକ୍ତଚାପ ଯୋଗୁଁ ରେଟିନା ସହିତ ସଂଯୋଗ ଥିବା ରକ୍ତବାହୀ ନଳୀ ଦୁର୍ବଳ ହୋଇଯାଏ। ଏହାଦ୍ୱାରା ରେଟିନାକୁ ଉତ୍ତମ ଭାବେ ରକ୍ତ ସଞ୍ଚାଳନ ହୋଇପାରେ ନାହିଁ। ଫଳରେ ଦୃଷ୍ଟିଶକ୍ତି ହ୍ରାସ ପାଏ। ବ୍ୟକ୍ତିକୁ ଝାପ୍‌ସା ଝାପ୍‌ସା ଦେଖାଯାଏ।

**କିଡ଼ନୀ :** ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ଲାଗି ରହିଲେ କିଡ଼ନୀ ପ୍ରଭାବିତ ହୋଇଥାଏ। କିଡ଼ନୀ ରକ୍ତକୁ ଛାଣି ପରିଷ୍କାର କରିଥାଏ। ଆମ ଶରୀରରୁ ଅପରିଷ୍କାର ଦ୍ରବ୍ୟ ବାହାରକୁ ବାହାର କରିଥାଏ। ହେଲେ ଉଚ୍ଚ ରକ୍ତଚାପ ଯୋଗୁଁ ଅଧିକ ରକ୍ତ କିଡ଼ନୀକୁ ପ୍ରଭାବିତ ହୋଇଥାଏ, ଏହାଦ୍ୱାରା କିଡ଼ନୀ ଉପରେ ଚାପ ପଡ଼େ। ଯାହାଦ୍ୱାରା କିଡ଼ନୀ ଦୁର୍ବଳ ହୋଇଯାଏ। ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ରହିଲେ କିଡ଼ନୀ ଅକାମୀ ହୋଇଥାଏ।

**ହୃତ୍‌ପିଣ୍ଡ :** ଉଚ୍ଚ ରକ୍ତଚାପର ବିଶେଷ ପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡ଼େ। ରକ୍ତଚାପ ଉଚ୍ଚ ହେଲେ ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ। ଅଧିକ ସ୍ପନ୍ଦନ ଯୋଗୁଁ ହୃତ୍‌ପିଣ୍ଡର ମାଂସପେଶୀ ଦୁର୍ବଳ ହୋଯାଏ। ରକ୍ତଚାପ ବଢ଼ିବା ପରେ ରକ୍ତବାହୀ ନଳୀ ସରୁ ହୋଯାଏ। ଫଳରେ ହୃତ୍‌ପିଣ୍ଡକୁ ରକ୍ତ ସ୍ରୋତ କମିଯାଏ କିମ୍ବା ବନ୍ଦ ହୋଇଯାଏ। ଏହାଦ୍ୱାରା ହୃଦ୍‌ଘାତ ହୁଏ।

ଉଚ୍ଚ ରକ୍ତଚାପରୁ କିପରି ନିଜକୁ ରକ୍ଷା କରିବେ ଆସନ୍ତୁ ଜାଣିବା। ଉଚ୍ଚ ରକ୍ତଚାପରୁ ରକ୍ଷା ପାଇବା ପାଇଁ ପ୍ରଥମେ ଖାଦ୍ୟ ପେୟରେ ନିୟନ୍ତ୍ରଣ ରହିବା ଦରକାର। ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର। ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଆନ୍ତୁ। ଏହାଠାରୁ ଅଧିକ ଖାଇଲେ ଅସୁବିଧା। ତେଲମସଲା, ଫାଷ୍ଟଫୁଡ ଓ ଜଙ୍କଫୁଡ୍ ପରି ଖାଦ୍ୟ ଠାରୁ ଦୂରେଇ ରହନ୍ତୁ। ସବୁଜ ପନିପରିବା ଓ ତଟକା ଖାଦ୍ୟ ଖାଆନ୍ତୁ। ପରିବର୍ତ୍ତନ ଜୀବନଶୈଳୀ ଯୋଗୁଁ ବର୍ତ୍ତମାନ ୪୦ ବର୍ଷ ପୂର୍ବରୁ ଉଚ୍ଚରକ୍ତଚାପ ସମସ୍ୟା ଦେଖାଯାଉଛି। ଏଣୁ ୩୫-୪୦ ବର୍ଷ ପରେ ସମସ୍ତେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ। ଉଚ୍ଚ ରକ୍ତଚାପ ହୋଇଥିଲେ, ତାହା ହଠାତ୍ ଜଣାପଡ଼େ ନାହିଁ। ବଂଶରେ କାହାର ଉଚ୍ଚ ରକ୍ତଚାପ ଥିଲେ, ଡାଇବେଟିସ କିମ୍ବା ବ୍ରେନ୍ ଷ୍ଟ୍ରୋକ ହୋଇଥିଲେ ୬ମାସରେ ଥରେ ରକ୍ତଚାପ ପରୀକ୍ଷା କରିବା ଦରକାର। ଏଥିପ୍ରତି ଅଧିକ ସଚେତନ ହେବା ଉଚିତ। ପ୍ରତିଦିନ ବ୍ୟାୟାମ ଓ ଯୋଗ କରନ୍ତୁ। ଏହାଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସକ୍ରିୟ ରହେ। ଏହାଦ୍ୱାରା ମେଦବୃଦ୍ଧି ହୁଏ ନାହିଁ କି ଉଚ୍ଚ ରକ୍ତଚାପ ମଧ ହୁଏ ନାହିଁ। ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଠାରୁ ଦୂରେଇ ରହନ୍ତୁ। ବିଶେଷ କରି ଧୂମପାନ ଠାରୁ ଦୂରେଇ ରହିବା ଦରକାର। କାରଣ ଏହା ଶିରାପ୍ରଶିରାକୁ ସଙ୍କୁଚିତ କରିଦିଏ। ଯାହାଦ୍ୱାରା ଉଚ୍ଚ ରକ୍ତଚାପର ଆଶଙ୍କା ବଢ଼ିଯାଏ। ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ନିୟମିତ ଭାବରେ ଔଷଧ ଖାଇବା ଦରକାର। ଦିନେ ବି ବନ୍ଦ କରିବା ଉଚିତ ନୁହେଁ। ବି.ପି. ମେଡ଼ିସିନ ଗୋଟିଏ ଦିନ ବନ୍ଦ ହେଲେ ବି ବ୍ରେନ୍ ଷ୍ଟ୍ରୋକ, ହୃଦ୍‌ଘାତ ହେବାର ଆଶଙ୍କା ବଢ଼ିଯାଏ। ଏଣୁ ରୋଗୀ ଭୁଲରେ ବି ଔଷଧ ବନ୍ଦ କରିବା ଉଚିତ ନୁହେଁ। ଚିନ୍ତା, ଅତ୍ୟଧିକ କାମ ଠାରୁ ଦୂରରେ ରହି ଉପଯୁକ୍ତ ପରିମାଣ ତଥା ୬-୮ ଘଣ୍ଟା ଗାଢ଼ ନିଦ୍ରାରେ ଶୁଅନ୍ତୁ। ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ୨-୩ ମାସରେ ନିୟମିତ ଭାବରେ ଡାକ୍ତରଙ୍କ ପରାମର୍ଶ ନେବା ଦରକାର। କାରଣ ଔଷଧର ଡୋଜ୍ ପରିବର୍ତ୍ତନ କରିବାକୁ ପଡ଼ିପାରେ।

କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ,
ମୋ : ୮୨୬୦୪୦୮୮୩୬

## ଚୋରା ଦେଶୀମଦ ଜବତ,ଜଣେ ଗିରଫ

ଜଟଣୀ,୯।୫ (ନିପ୍ର): ବେଆଇନ ଦେଶୀମଦ ବିକ୍ରୀ କରିବା ଅଭିଯୋଗରେ ଜଟଣୀ ପୁଲିସ ଉପରବସ୍ତ ଗ୍ରାମର ମୋହନ ଓରଫ କାଳିଆ ବେହେରାଙ୍କୁ ଗିରଫ କରିଥିବା ଜଟଣୀ ପୁଲିସ ସୂଚନା ଦେଇଛି । ଉପରବସ୍ତ ଗ୍ରାମରେ ଏକ ପରିତ୍ୟକ୍ତ ଘରେ ବେଆଇନ ଦେଶୀମଦ ବିକ୍ରୀ କରା ଯାଉଥିବା ଜଟଣୀ ପୁଲିସ ସୂଚନା ପାଇଥିଲା । ସୂଚନା ଆଧାରରେ ପୁଲିସ ପାଟ୍ରୋଲିଂ ଦଳ ସେଠାରେ ଅତର୍କିତ ଚଢ଼ଉ କରି ମଦ ବେପାରୀକୁ କାବୁ କରି ନେଇଥିଲେ । ପଚରାଉଚରା ପରେ ଅଭିଯୁକ୍ତଙ୍କ ହେପାଜତରୁ ୨୦ ଲିଟର ଆସ୍କା ଫର୍ଟି ଦେଶୀମଦ ଜବତ କରା ଯାଇଥିଲା । ଅଭିଯୁକ୍ତ ବିରୋଧରେ ଜଟଣୀ ପୁଲିସ ଏକ ମାମଲା ରୁଜୁ କରିଥିବା ସୂଚନା ଦେଇଛି ।

## ମାନସ ଦଳେଇ ହତ୍ୟାକାଣ୍ଡ,ଫେରାର ଅଭିଯୁକ୍ତ ଗିରଫ

ଜଟଣୀ,୯।୫ (ନିପ୍ର) : ନୂଆଗାଁ ମାନସ ଦଳେଇ ହତ୍ୟାକଣ୍ଡରେ ଜଡ଼ିତ ଜଣେ ଫେରାର ଅଭିଯୁକ୍ତ ଉପରବସ୍ତ ମୁଣ୍ଡଳି ସାହିର କାଲୁ ଓରଫ ସିଦ୍ଧେଶ୍ୱର ବାଘସିଂହଙ୍କୁ ଜଟଣୀ ପୁଲିସ ଗିରଫ କରିଥିବା ଜଟଣୀ ପୁଲିସ ସୂଚନା ଦେଇଛି । ଗତ ମାସ ୩ ତାରିଖ ବିଳମ୍ବିତ ରାତିରେ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ଜଟଣୀ ସହର ମୁଖ୍ୟ ରାସ୍ତାରେ ମାନସଙ୍କୁ ହତ୍ୟା କରା ଯାଇଥିବା ତା ପରିବାର ପକ୍ଷରୁ ଜଟଣୀ ଥାନାରେ ଏତଲା ଦିଆ ଯାଇଥିଲା । ଅଭିଯୁକ୍ତମାନେ ମାନସଙ୍କୁ ଘଟଣାସ୍ଥଳକୁ ଡ଼ାକି ନିର୍ମମ ଭାବେ ହତ୍ୟା କରିଥିବା ଏତଲାରେ ଉଲ୍ଲେଖ କରା ଯାଇଥିଲା । ସିସିଟିଭି ଫୁଟେଜ ଏବଂ ସୂଚନା ଆଧାରରେ ପୁଲିସ ଏହି ମାମଲାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି ଅଦାଲତକୁ ଚାଲାଣ କରିଥିଲା । ଜଟଣୀ ଥାନାର ଭାରପ୍ରାପ୍ତ ପୁଲିସ ଅଧିକାରୀ ଷ୍ଟାଲିନ କୁମାର ବିଶ୍ୱାଳଙ୍କ ସୂଚନାନୁସାରେ ଏହି ଘଟଣାରେ ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତ କାଲୁ ବାଘସିଂହଙ୍କୁ ଗିରଫ କରା ଯାଇ ଅଦାଲତକୁ ଚାଲାଣ କରାଯାଇଛି । ଏହି ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ପୁଲିସ ପ୍ରୟାସ କରୁଥିବା ଜଣାପଡ଼ିଛି ।

## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଡେରାବିଶ, ୯/୫(ନି:ପ୍ର)-ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପକ ଅବନୀ ରଞ୍ଜନ ନାୟକଙ୍କ ଉଦ୍ଦେଶ୍ୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ମାତୃ ବାଟିକା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରାଧାପକ ବ୍ରଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ପ୍ରାଧାପକ ପ୍ରଫେସର ଡ଼ଃ ନରୋତ୍ତମ ଗାହାଣ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ଅଜୟ ସାମଲ, ପ୍ରାଧାପକ ଗୋଲକ ଚନ୍ଦ୍ର ମହାଭୋଇ, ସଞ୍ଜୟ କୁମାର ବରାଳ,ଗନ୍ଥାଗାରିକ ସରୋଜ କୁମାର ଭଦ୍ର, ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ନାରାୟଣ ଚନ୍ଦ୍ର ବାରିକ, ପ୍ରାଧାପକ ଡ଼କ୍ଟର ମୁରଲିଧର ରଥ, ଅଧାପକ ଉମାକାନ୍ତ ନାୟକ ଓ ଉତ୍ତମ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ପ୍ରାଧାପକ ଅବନୀ ରଞ୍ଜନ ନାୟକଙ୍କ ଅଧାପନା ଶୈଳୀ, କାର୍ଯ୍ୟଧାରା ଓ ଗୁଣାବଳୀ ଉପରେ ବକ୍ତବ୍ୟ ରଖିଥିଲେ । ବିଭାଗୀୟ ଅଧାପକ ପ୍ରଦୀପ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀ ମାନେ ଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଶେଷରେ ଅଧାପିକା ତେଜସ୍ୱିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୀବନ ବଞ୍ଚାଉଛି ସ୍ୱେଚ୍ଛାକୃତ ରକ୍ତଦାନ

ଭବାନୀପାଟଣା,୯।୫ (ନିପ୍ର): ରକ୍ତ ହିଁ ଜୀବନ । ଆପଦକାଳୀନ ସ୍ଥିତିରେ ଟୋପାଏ ରକ୍ତ ମଣିଷକୁ ବଞ୍ଚାଇଥାଏ । ଆମ୍ଭେମାନେ ସମସ୍ତେ ଏହାର ଗୁରୁତ୍ୱ ଉପଲବ୍ଧି କରିବା ଦରକାର । ସରକାର ଦୁର୍ଘଟଣା କ୍ଷେତ୍ରରେ ଶୂନ୍ୟ ମୃତ୍ୟୁ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି । ଆମ୍ଭେ ସମସ୍ତେ ସ୍ୱେଚ୍ଛାକୃତ ରକ୍ତଦାନ କରିବା ପାଇଁ ଆଗେଇ ଆସିବା ଉଚିତ ବୋଲି ପୂର୍ବତନ ସଦର ବ୍ଲକ ଉପାଧ୍ୟକ୍ଷ ତଥା ବିଶିଷ୍ଟ ସମାଜସେବୀ ଓ ୨୪ତମ ଫିଟ କ୍ଲବର ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ମହାକୁଡ଼ ପ୍ରକାଶ କରିଛନ୍ତି । ସହିଦ ରେଣ୍ଡୋ ମାଝୀ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ରେଡ଼କ୍ରସ ଭବନ ଠାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ କ୍ଲବର ପ୍ରଧାନ ପ୍ରଶିକ୍ଷକ ବିଶ୍ୱ ମେହେର । ଅନ୍ୟତମ ସମ୍ମାନିତ ଅତିଥିଭାବେ ପୂର୍ବତନ ପୌରାଧକ୍ଷା ତଥା ସମାଜସେବୀ ଲଳିତା ନାଏକ, ପୂର୍ବତନ ସଦର ବ୍ଲକ ଅଧକ୍ଷ୍ୟା ସରିତା ମହାକୁଡ଼, ବ୍ଲଡ଼ ବ୍ୟାଙ୍କ ଅଧିକାରୀ ବିବେନ୍ଦୁ ବଳ, ବରିଷ୍ଠ ଯୁବ ବିଜେଡି ଯୁବନେତା ସେନାପତି ନାଏକ ପ୍ରମୁଖ ଏହି ରକ୍ତଦାନ ଶିବିରରେ ଉପସ୍ଥିତ ରହିଥିଲେ । ଶ୍ରୀ ମେହେର କହିଲେ ଯେ, କ୍ଲବ ପକ୍ଷରୁ ଏଭଳି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଏବଂ ଏହିଭଳି ଶିବିର ଆୟୋଜନ ମାଧମରେ ସ୍ୱେଚ୍ଛାସେବୀ ମାନେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିଲେ ରକ୍ତସଂଗ୍ରହ ଅଭାବ ଦୂର ହୋଇପାରିବ ଓ ଆବଶ୍ୟକ ସମୟରେ ବହୁମୂଲ୍ୟ ଜୀବନଟିଏ ବଞ୍ଚାଯାଇ ପାରିବ । ରକ୍ତଦାନ ମହତ ଦାନ ସଚ୍ଚିଦାନନ୍ଦ ମହାକୁଡ଼ଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋଟ ୪୦ ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ।

## ଦାମନଯୋଡ଼ିରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ଦାମନଯୋଡ଼ି,୯/୫(ନିପ୍ର): ନାଲକୋ ଟାଉନସିପ ସେକ୍ଟର- ୧ ଯଜ୍ଞ ମଣ୍ଡପରେ ୨୩ତମ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ ହୋଇଛି । ବୁଧବାର ଅଙ୍କୁରାରୋପଣ ପରେ କଳସାଧିବାସ ଅନୁଷ୍ଠିତ ହୋଇଥିଲା । ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ନରେନ୍ଦ୍ର ପୁଷ୍କରିଣୀରେ ପୂଜାର୍ଚ୍ଚନା ପରେ ପବିତ୍ର ଜଳ ଅଣାଯାଇ ନାମ ସଙ୍କୀର୍ତ୍ତନ, ହରିବୋଲ ହୁଳହୁଳି ମଧ୍ୟରେ ଯଜ୍ଞ ମଣ୍ଡପରେ ସ୍ଥାପନ କରଯାଇଥିଲା । ମହେଶ କୁମାର ପାଢ଼ୀ ଓ ପତ୍ନୀ ସ୍ନିଗ୍ଧାରାଣୀ ,କେ.ଚଣ୍ଡି ପ୍ରସାଦ ରାଓ ଓ ପତ୍ନୀ କେ.ଭବାନୀ, ସୁଶାନ୍ତ କୁମାର ଦାଶ ଓ ପତ୍ନୀ ସରୋଜିନୀ ତ୍ରିପାଠୀ,ଗୌତମ ସାହୁ ଓ ପତ୍ନୀ ଶକୁନ୍ତଳା ଏବଂ ଲମ୍ବୋଦର ସ୍ୱାଇଁ ଓ ପତ୍ନୀ ଅନୁରାଧା କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି । ବିଭିନ୍ନ ଦିବସର ପୂଜାନୀତି ହୋଇ ୧୨ତାରିଖ ପବିତ୍ର ଚନ୍ଦନ ପୂର୍ଣ୍ଣିମା ଦିନରେ ସ୍ୱତନ୍ତ୍ର ପୂଜାନୀତି ସହିତ ସର୍ବ ଦେବାଦେବୀଙ୍କ ଆହୁତି,ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି,ପ୍ରବଚନ ଏବଂ ସମୂହ ପ୍ରସାଦ ସେବନ ଆଦି ଅନୁଷ୍ଠିତ ହେବ ।

## ରେଳ ଆନ୍ତଃବିଭାଗ ଦିବାରାତ୍ର କ୍ରିକେଟ

ଜଟଣୀ,୯।୫ (ନିପ୍ର): ଖୋର୍ଦ୍ଧାରୋଡ଼ ରେଳ ଷ୍ଟାଡ଼ିୟମରେ ୧୩ ଦିନ ଧରି ଚାଲିଥିବା ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ଆନ୍ତଃ ବିଭାଗ ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ରାତିରେ ଉଦ୍‌ଯାପିତ ହୋଇଯାଇଛି । ରେଳ ବିଦ୍ୟୁତ (ଓପି) ବିଭାଗକୁ ୬ ରନ୍‌ରେ ପରାସ୍ତ କରି ପରିଚାଳନା ବିଭାଗ ଚାମ୍ପିଅନ ହୋଇଥିଲା । ପରିଚାଳନା ବିଭାଗର ସୁନୀଲ ସୂତାର ଶ୍ରେଷ୍ଠ ବୋଲର,ଦୂର ସଞ୍ଚାର ଓ ସଙ୍କେତ ବିଭାଗର ବୈକୁଣ୍ଠ କରଣ ଶ୍ରେଷ୍ଠ ଫିଲ୍ଡର,ବିଦ୍ୟୁତ (ଓପି) ବିଭାଗର ଅମିତ କୁମାର ଶ୍ରେଷ୍ଠ ବ୍ୟାଟସ୍ ମ୍ୟାନ ଏବଂ ବାଣିଜ୍ୟ ବିଭାଗକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରା ଯାଇଥିଲା । ଆରପିଏଫ୍‌ର ଲିଙ୍ଗରାଜ ବରାଳ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଏବଂ ପରିଚାଳନା ବିଭାଗର ଶୁଭ୍ରକାନ୍ତ ଦତ୍ତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରା ଯାଇଥିଲା । ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ଡ଼ିଏଫଏମ୍ ହିମାଦ୍ରୀ ଭୂଷଣ ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିବା ବେଳେ ଖୋର୍ଦ୍ଧାରୋଡ଼ର ଏଡ଼ିଆରଏମ୍ ପି.କେ.ବେହେରା ଓ ଶୁଭ୍ରଜ୍ୟୋତି ମଣ୍ଡଳ ଅତିଥି ଭାବେ ଯୋଗ ଦେଇ ଟ୍ରଫି ଓ ପୁରସ୍କାର ବିତରଣ କରିଥିଲେ ।

# ବୌଦ୍ଧଜିଲ୍ଲା ସଡ଼କ ଦୁର୍ଘଟଣା: ୧୫ ମାସରେ ଗଲାଣି ୯୫ ଜୀବନ

ବୌଦ୍ଧ,୯/୫(ନି.ପ୍ର); ବୌଦ୍ଧ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଯୋଜନା ସବୁ ଫେଲ ମାରୁଛି । ଜିଲ୍ଲାରେ ଗତ ୧୫ ମାସ ମଧ୍ୟରେ ୧୮୭ ଟି ସଡ଼କ ଦୁର୍ଘଟଣା ଘଟି ୯୫ ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ୧୫୯ ଗୁରୁତର ଓ ୫୦ ଜଣ ଆହତ ହୋଇଥିବା ଜଣାପଡିଛି । ଜିଲ୍ଲାରେ ସଡ଼କ ଦୁର୍ଘଟଣା ତଥ୍ୟକୁ ଆକଳନ କଲେ ଗତ ୫ ବର୍ଷରେ ଜିଲ୍ଲାରେ ସଡକ ଦୁର୍ଘଟଣାରେ ପ୍ରତି ବର୍ଷ ୬୦ରୁ ଉର୍ଦ୍ଧ୍ୱ ମୃତ୍ୟୁ ସଂଖ୍ୟା ରହୁଛି । ୨୦୨୪ ମସିହାରେ ୧୪୦ଟି ଦୁର୍ଘଟଣା ଘଟି ୬୬ ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ୧୨୧ ଗୁରୁତର ଓ ୪୪ ଜଣ ଆହତ ହୋଇଥିବା ଜଣାପଡିଛି । ସେହିପରି ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ୪୭ଟି ଦୁର୍ଘଟଣା ଘଟି ୨୯ ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ୩୮ ଗୁରୁତର ଓ ୬ ଜଣ ଆହତ ହୋଇଥିବା ଜଣାପଡିଛି । ୨୦୨୦ ମସିହା ୧୪୧ଟି ସଡ଼କ ଦୁର୍ଘଟଣା ଘଟି ୬୩ ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ୬୪ ଗୁରୁତର ଓ ୮୪ ଜଣ ଆହତ ହୋଇଥିବା ଜଣାପଡିଛି । ୨୦୨୧ ମସିହା ୧୫୪ ଟି ସଡକ ଦୁର୍ଘଟଣା ଘଟି ୮୧ ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ୮୬ ଗୁରୁତର ଓ ୮୦ ଜଣ ଆହତ ହୋଇଥିବା ଜଣାପଡିଛି । ୨୦୨୨ ମସିହା ୧୭୪ ଟି ସଡକ ଦୁର୍ଘଟଣା ଘଟି ୭୪ ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ୮୪ ଗୁରୁତର ଓ ୧୦୬ ଜଣ ଆହତ ହୋଇଥିବା ଜଣାପଡିଛି । ୨୦୨୩ ମସିହା ୧୪୦ଟି ସଡକ ଦୁର୍ଘଟଣା ଘଟି ୬୮ ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ୭୪ ଗୁରୁତର ଓ ୫୦ ଜଣ ଆହତ ହୋଇଥିବା ଜଣାପଡିଛି । ୨୦୨୪ ମସିହାରେ ୧୪୦ଟି ଦୁର୍ଘଟଣା ଘଟି ୬୬ ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ୧୨୧ ଗୁରୁତର ଓ ୪୪ ଜଣ ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ,ଜିଲ୍ଲାରେ ଚଳିତ ବର୍ଷ ଜାନୁଆରୀ ମାସରେ ୧୪ ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୬ ଜଣଙ୍କର ପ୍ରାଣହାନି ଘଟିଛି ଓ ୧୦ ଜଣ ଗୁରୁତର ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ଫେବୃଆରୀ ମାସରେ ୧୬ ଟି ସଡକ ଦୁର୍ଘଟଣା ଘଟିଥିଲା ୧୩ ଜଣଙ୍କର ମୃତ୍ୟୁ ଘଟିଥିଲା ଓ ୧୧ ଜଣ ଗୁରୁତର ଆହତ ହୋଇଥିଲେ ଏବଂ କେହି ଆହତ ହୋଇଥିଲେ । ମାର୍ଚ୍ଚରେ ୧୭ଟି ସଡକ ଦୁର୍ଘଟଣାରେ ୧୦ ଜଣଙ୍କର ଜୀବନ ଯାଇଥିବା ବେଳେ ୧୭ ଜଣ ଗୁରୁତର ଆହତ ହୋଇଥିଲେ ଏବଂ ୨ ଜଣ ଆହତ ହୋଇଥିଲେ । ଚଳିତ ବର୍ଷର ଗତ ତିନି ମାସର ମୃତ୍ୟୁ ସଂଖ୍ୟା ତଥ୍ୟକୁ ଆକଳନ କଲେ ଜିଲ୍ଲାରେ ସଡକ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଉଦ୍‌ବେଗ ଜନକ ସ୍ଥିତିରେ ପହଞ୍ଚିଛି । ଜିଲ୍ଲା ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗିର ୫୭ନମ୍ବର ଜାତୀୟ ରାଜପଥରେ ଅଧିକ ଦୁର୍ଘଟଣା ଘଟି ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିବା ଅଭିଯୋଗ ହେଉଛି । ଖୋର୍ଦ୍ଧା- ବଲାଙ୍ଗିର ଜାତୀୟରାଜ ପଥ ବୌଦ୍ଧଜିଲ୍ଲାରେ ସର୍ବାଧିକ କଣ୍ଟାମାଳ ବ୍ଲକର ମନମୁଣ୍ଡା ଠାରୁ ଆଡଣୀଗଡ ପଞ୍ଚାୟତର ବଦଲାସାହି ପର୍ଯ୍ୟନ୍ତ ୧୦୮ କିଲୋମିଟର ଯାଇଛି । ଏହି ଜାତୀୟ ରାଜପଥରେ ପ୍ରତିଦିନ କେଉଁଠି ନା କେଉଁଠି ଛୋଟବଡ ଦୁର୍ଘଟଣାମାନ ଘଟୁଛି । ସେହିପରି ମନମୁଣ୍ଡାରୁ କଣ୍ଟାମାଳ ଦେଇ ଘଣ୍ଟାପାଡା ପର୍ଯ୍ୟନ୍ତ ଯାଇ ୪୧ ନମ୍ବର ଜାତୀୟ ରାଜପଥରେ ମଧ୍ୟ ଦୁର୍ଘଟଣା ଘଟୁଥିବା ବେଳେ ବୌଦ୍ଧରୁ ବଘିଆପଡା ରାସ୍ତାରେ ମଧ୍ୟ ଅନେକ ଦୁର୍ଘଟଣା ଘଟୁଛି । ସେହିପରି ଚାରିଛକ ଠାରୁ ହରଭଙ୍ଗା ଓ କୁଶଙ୍ଗ ରାସ୍ତାରେ ମଧ୍ୟ ସଡକ ଦୁର୍ଘଟଣା ଘଟି ଅନେକଙ୍କ ଜୀବନ ଗଲାଣି ।

ଜିଲ୍ଲାର ସର୍ବପୁରାତନ ଜଗନ୍ନାଥ ସଡକ ମଧ୍ୟ ଏଥିରୁ ବାଦ୍ ପଡିବାହିଁ । ଜିଲ୍ଲାରେ ସଡକ ଦୁର୍ଘଟଣାରେ ପ୍ରତି ବର୍ଷ ବହୁ ଧନ ଜୀବନ ନଷ୍ଟ ହେବାରେ ଲାଗିଛି । ଏହି ଦୁର୍ଘଟଣାର ଅନେକ କାରଣ ଥିଲେ ମଧ୍ୟ ବିଶେଷ ଭାବରେ ବେପରୁଆ ଗାଡିଚାଳନା, ଅତ୍ୟଧିକ ମଦ୍ୟପାନ କରି ଦ୍ରୁତ ଗତିରେ ଗାଡିମୋଟର ଚଳାଇବା, ଟ୍ରାଫିକ୍ ନିୟମକୁ ଅଣଦେଖା କରି ବେପରୁଆ ଗାଡିମଟର ଚଳାଇବା, ଓଭରଟେକ କରିବା, ରାଜପଥରେ ବିଭିନ୍ନ ସ୍ଥାନରେ ଘର କରଣା ଜିନିଷ ରଖି ରାସ୍ତାକୁ ଅବରୋଧ କରି ରଖିବା ଫଳରେ ରାସ୍ତାଟି ଅଣଓସାରିଆ ହୋଇଯାଉଛି ।

ଯାହାଦ୍ୱାରା ଏଭଳି ଦୁର୍ଘଟଣା ଘଟୁଥିବାର ଅଭିଯୋଗ ହେଉଛି । ସେହିପରି ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଗୁଡିକର ବିଭିନ୍ନ ସ୍ଥାନରେ ଗାତ ଏବଂ ପିଚୁ ଉଠି ଖାଲ ହୋଇଥିବା ଯୋଗୁଁ ଦୁର୍ଘଟଣାମାନ ଘଟୁଛି । ଏହାର ମରାମତି ଆବଶ୍ୟକତା ରହିଥିଲେ ମଧ୍ୟ ବିଭାଗ ଏଥି ପ୍ରତି ଦୃଷ୍ଟି ଦେଉନାହିଁ ବୋଲି ଅଭିଯୋଗ ହେଉଛି । ଆଗକୁ ବର୍ଷା ଋତୁ ଆସୁଥିବାରୁ ଏହି ସ୍ଥାନ ଗୁଡିକରେ ପାଣି ଜମି ଅଧିକ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି । ଜିଲ୍ଲାରେ ଘଟୁଥିବା ଦୁର୍ଘଟଣା ଗୁଡିକ ପଛରେ ଅନେକ କାରଣ ରହିଥିଲେ ମଧ୍ୟ ତାର ସମାଧାନ ପାଇଁ ଗୁରୁତ୍ୱ ଦିଆଗଲେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବା ସହିତ ଧନ ଜୀବନର ରକ୍ଷା ମଧ୍ୟ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀରେ ମତ ପ୍ରକାଶ ପାଉଛି ।

# କେନ୍ଦୁଝରର ଜିଲ୍ଲା ରତ୍ନଗର୍ଭା : ମାତ୍ର ସ୍ଥାନୀୟ ବହୁ ଲୋକ ବେରୋଜଗାର



କେନ୍ଦୁଝର,୯।୫ (ନିପ୍ର): କେନ୍ଦୁଝର ଜିଲ୍ଲା ଭାରତ ବର୍ଷରେ ଧନିକ ଜିଲ୍ଲା ହୋଇଥିବା ବେଳେ କେନ୍ଦୁଝରକୁ ରତ୍ନଗର୍ଭା କୁହା ଯାଇଥାଏ । ଜିଲ୍ଲାରେ ଖଣି ଖାଦାନ ଓ ଶିଳ୍ପ ଭରପୂର ରହିଥିବାବେଳେ ଏହି ଜିଲ୍ଲାରୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ଓ ମୁନାଫା ପାଇଥାଏ । କିନ୍ତୁ ବାସ୍ତବ ପକ୍ଷେ ସବୁ ଥାଇ ଆଜି କେନ୍ଦୁଝର ଜିଲ୍ଲାରେ ବେକାରୀ ସମସ୍ୟା ଉତ୍କଟ ହେବାର ଲାଗିଥିବାବେଳେ କାମଧନ୍ଦା ନ ପାଇ ଏଠିକାର ଲୋକ ପରିବାର ପ୍ରତିପୋଷଣ ପାଇଁ ଭିଟା ମାଟି ଛାଡି ସବୁଦିନ ରାଜ୍ୟ ବାହାରକୁ ଛୁଆ ପିଲା ଧରି ଦାଦନ ଖଟିବାକୁ ପଳେଇ ଯାଉଛନ୍ତି । ଟାଟା କମ୍ପାନୀ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଯୋଡ଼ା ଅଞ୍ଚଳରେ ଖଣି ଖୋଳି କୋଟି କୋଟି ଟଙ୍କା ରୋଜଗାର କରିଛି ହେଲେ ଟାଟା କମ୍ପାନୀ ଜିଲ୍ଲାରେ ମେଗା ଷ୍ଟିଲ ପ୍ଲାଣ୍ଟ ନ କରି ଜିଲ୍ଲାରୁ କଞ୍ଚା ମାଲ ନେଇ ଯାଜପୁର ଜିଲ୍ଲାରେ ପ୍ଲାଣ୍ଟ ପ୍ରତିଷ୍ଠା କରିଛି । ଦଶନ୍ଧି ଦଶନ୍ଧି ଧରି ଜିଲ୍ଲାରେ କାୟା ବିସ୍ତାର କରିଛି ହେଲେ ଆଜି ପର୍ଯ୍ୟନ୍ତ ଶିଳ୍ପ ତାଲିମ କେନ୍ଦ୍ରଟିଏ ଖୋଲି ପାରି ନାହିଁ କି ଜିଲ୍ଲାର ମେଧାବୀ ପିଲାଙ୍କୁ ନିଯୁକ୍ତି ନ ଦେଇ ଓଣ ଓଡ଼ିଆଙ୍କୁ ନିଯୁକ୍ତି ପ୍ରଦାନ କରିଛି । ସେଭଳି ଜିଲ୍ଲାରେ କିଛି ନାମକରା ବଡ ବଡ କମ୍ପାନୀ ଖଣି ଓ ଶିଳ୍ପ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଜିଲ୍ଲାର ଉନ୍ନତି କିମ୍ବା ନିଯୁକ୍ତି ଉପରେ ଗୁରୁତ୍ୱ ଦେଇ ନାହାନ୍ତି ଯାହାଫଳରେ ଜିଲ୍ଲାରେ ବେକାରି ସମସ୍ୟା ବଢି ଚାଲୁଛି ଏଥି ପ୍ରତି କାହାର ନିଘା ନାହିଁ । ପାଟଣା, ତରମାକାନ୍ତ, ତେଲକୋଇ, ଆନନ୍ଦପୁର, ଚମ୍ପୁଆ, ସଦର ଆଦି ଅଞ୍ଚଳରେ ମେଗା ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରାଯାଇ ଜିଲ୍ଲାର ବେକାରି ପିଲାଙ୍କୁ ନିଯୁକ୍ତି କରାଯାଉ ଆମର କିଛି କହିବାର ନାହିଁ । କିନ୍ତୁ ଜିଲ୍ଲାରେ ଯେତିକି ଖଣି ଖଦାନ ଅଛି ଅଣଓଡ଼ିଆଙ୍କୁ ବାହାର କରି ସ୍ଥାନୀୟ ଅଞ୍ଚଳ ଓ ଜିଲ୍ଲା ଭିତର ମେଧାବୀ ପିଲାଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ ବୋଲି ଆଣ୍ଟୀ କର୍ପୋରେସନ ସୋସାଇଟି ସଭାପତି ସରୋଜ କୁମାର ସାହୁ ,ବନ୍ଦେ ଓଡ଼ିଆ ସମାଜ ମୁଖ୍ୟ ବିପିନ ବିହାରୀ ମିଶ୍ର କହିଛନ୍ତି । ରାଜ୍ୟ ସରକାର ଓଡ଼ିଆ ଅସ୍ମିତା କହୁଥିବାବେଳେ ପ୍ରାୟ ବିଜେପି ସରକାର ବର୍ଷେ ପୁରିବାକୁ ବସିଲାଣି ଆଜି ପର୍ଯ୍ୟନ୍ତ ଓଣ ଓଡ଼ିଆ ମାନେ ସବୁ କ୍ଷେତ୍ରରେ ନିଜର ଦବଦବା ବଜାୟ ରଖିଛନ୍ତି । କେନ୍ଦୁଝର ଜିଲ୍ଲାରେ ଯେତିକି ଖଣି ଖଦାନ ଓ କାରଖାନା ଗଢି ଉଠିଛି ସେତିକିରେ ଜିଲ୍ଲା ବାସୀଙ୍କୁ କାମ ଧନ୍ଦା ଯୋଗାଇ ଦେଲେ କେହି ଜଣେ ହେଲେ ଲୋକ ବେକାରି ରହିବେ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏଣୁ ବିଭାଗୀୟ ଅଧିକାରୀ ସ୍ଥାନୀୟ ଓ ଜିଲ୍ଲାରେ ଥିବା ଉଚ୍ଚ ଶିକ୍ଷିତ ମେଧାବୀ ପିଲାଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବାକୁ ସମାଜସେବୀ ପ୍ରେମା ସିଂ,ଶୈଳବାଳା ପରିଡ଼ା, ପୁଷ୍ପାଞ୍ଜଳି ବେହେରା,ରଞ୍ଜିତା ବେହେରା, ଲକ୍ଷ୍ମୀ ମହାରଣା ଶମ୍ଭୁନାଥ ନାଏକ, ସୁଜନ ଦେହୁରୀ ପ୍ରମୁଖ ନିବେଦନ କରିଛନ୍ତି । ଏ ଦିଗରେ ରାଜ୍ୟ ସରକାର କେନ୍ଦୁଝର ସ୍ୱାର୍ଥ ରକ୍ଷା ପୂର୍ବକ ବିଭିନ୍ନ ଉଦ୍ୟୋଗରେ ଲୋକେ କାମ ପାଇବେ ତାହାଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦିଅନ୍ତୁ, ଯାହାକି ଜିଲ୍ଲାବାସୀ ଆଶା ରଖିଛନ୍ତି ।

# ନରଣପୁର ଜୁଏଲାରୀ ଲୁଟ୍ ଘଟଣାରେ ଜଣେ ନାବାଳକ ସମେତ ଦୁଇ ଅପରାଧୀ ଗିରଫ

## ଲୁଟ୍ ଗହଣା ସମେତ ମୋବାଇଲ ଓ ଅସ୍ତ୍ର ଜବତ




କେନ୍ଦୁଝର,୯।୫ (ନିପ୍ର): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର ଠାରେ ସାହୁ ଜୁଏଲାରୀ ୱର୍କସପ ମାଲିକ ଦୀପକ ସାହୁଙ୍କ ଠାରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ରୁପା ଲୁଟ ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗତ ଏପ୍ରିଲ ୨୭ତାରିଖ ରାତି ୧୦ଟା ସମୟରେ ମାଡମାରି ଲୁଟି ନେଇ ଥିବା ଅପରାଧୀମାନଙ୍କ ମଧ୍ୟରୁ ଜଣେ ନାବାଳକ ସମେତ ଦୁଇ ଜଣଙ୍କୁ ପୋଲିସ ଗିରଫ କରିଛି ।

ଗିରଫ ଅପରାଧୀ ହେଲେ ଛତିଶଗଡ ରାଜ୍ୟର ମହାସମୁଦ ଜିଲ୍ଲାର ଖଳରାଇ ଥାନା ବିକେ ବାହାର ଗ୍ରାମର ଲକ୍ଷମନ ଗଣ୍ଡ (୨୪ବର୍ଷ) ଓ ନାବାଳକ ଅପରାଧୀର ନାମ ପ୍ରକାଶ କରାଯାଇନାହିଁ । ଅନ୍ୟ ତିନିଜଣ ଅପରାଧୀ ସିନ୍ଧୁ,ସିଦ୍ଧାନ୍ତ ଓ ରୋଶନ ଗଣ୍ଡ ଫେରାର ଅଛନ୍ତି । ସେମାନଙ୍କ ନିକଟରୁ ପୋଲିସ ସୁନା ୧୨.୦୯ଗ୍ରାମ, ରୁପା ୧. ୪୩କିଲୋ ଦୁଇଟି ମୋବାଇଲ ଓ ଦୁଇଟି ଅସ୍ତ୍ର ଜବତ କରିଛି । ପୋଲିସର ଏକ ସ୍ୱତନ୍ତ୍ର ଦଳ ଏଥିପାଇଁ ଗଠନ କରାଯାଇଥିଲା ବୋଲି ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ପ୍ରକାଶ କରିଛନ୍ତି ।ଏହାକୁ ନେଇ ଟାଉନ ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୯(୬)ଓ ପରିବର୍ତ୍ତିତ ୩୧୦(୨)କେଶ ସଂଖ୍ୟା ୨୪୬/୨୭. ୪. ୨୦୨୫ରେ ମାମଲା ରଜୁ ହୋଇଥିଲା । ସିସି ଟିଭି ଫୁଟେଜ, ବୈଷୟିକ ଦଳର ତଦନ୍ତ, ଫୋରେନସିକ ଯାଞ୍ଚ ଓ ଲଜର ସିସି ଟିଭି ଯାଞ୍ଚ କରି ଏହି ଅପରାଧୀ ମାନଙ୍କୁ ଧରା ଯାଇଛି ବୋଲି ପୋଲିସ ପ୍ରକାଶ କରିଛି । ସୂଚନାଯୋଗ୍ୟ ଯେ ଏପ୍ରିଲ ୨୭ରାତିରେ ଦୋକାନ ବନ୍ଦ କରି ନରଣପୁରର ଜୁଏଲାରୀ ମାଲିକ ଦୀପକ କୁମାର ସାହୁ ନିଜ ମୋଟର ସାଇକେଲରେ ଘରକୁ ଫେରୁଥିବା ସମୟରେ ଘର ନିକଟରେ ୫ ଜଣ ଦୁର୍ବୃତ୍ତ ୨ ଟି ମୋଟର ସାଇକେଲରେ ଆସି ତାଙ୍କ ମୁଣ୍ଡକୁ ଓ ହାତକୁ ବାଡାଇଦେବା ଫଳରେ ସେ ତଳେ ପଡିଯିଇଥିଲେ । ଦୁର୍ବୃତ୍ତମାନେ ତାଙ୍କ ମୋଟର ସାଇକେଲ ଡିକି ରୁ ସୁନା ରୁପା ଭର୍ତ୍ତି ବ୍ୟାଗ ଧରି ଆଖି ପିଛୁଳା କେ ପାର ହୋଇ ଯାଇଥିଲେ । ଖବର ପାଇ ଟାଉନ ପୋଲିସ ପାଖରେ ଥିବା ତାରିଣୀ ଗେଷ୍ଟ ହାଉସରେ ଲାଗିଥିବା ସିସି ଟିଭି ଫୁଟେଜ ସଂଗ୍ରହ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ପରେ ଏହି ସଫଳତା ପାଇଛନ୍ତି । ସୁଦର୍ଶନ ଗାଙ୍ଗେଇ ଏସଡିପିଓ ଓ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ପ୍ରେସମିଟରେ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ

କେନ୍ଦୁଝର,୯।୫ (ନିପ୍ର): କେନ୍ଦୁଝର ଜିଲ୍ଲା ସଦରମହକୁମାରେ ଭାରତୀୟ ରେଡକ୍ରସ ସଂସ୍ଥା ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍‌ବୋଧନ ଦେବା ସହିତ ସମାଜର ମଙ୍ଗଳ ପାଇଁ ଆଗଭର ହୋଇ କାମ କରିବା ଜରୁରୀ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି ରକ୍ତଦାନର ଆବଶ୍ୟକତା ଓ ଥାଲାସେମିଆ, ରକ୍ତ ଶିକୁଳି ଅବା ସିକଲସେଲ ରୋଗୀଙ୍କ ଜୀବନ ରକ୍ଷା ସମ୍ପର୍କରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ । ଡିପିଏମ ନିତ୍ୟାନନ୍ଦ ବରାଳ ,ଇଣ୍ଡିଆନ ମେଡ଼ିକାଲ ଆସୋସିଏସନ ସମ୍ପାଦକ ଡ଼ଃ ମହେଶ ପ୍ରସାଦ ମହାନ୍ତ ,ସହକାରୀ ପ୍ରଫେସର ଧରଣୀଧର ଭେଷଜ ମହାବିଦ୍ୟାଳୟ ବିଭୁପ୍ରସାଦ ନାୟକ,ସମାଜସେବିକା ଧରିତ୍ରୀ ରାଉତ ପ୍ରମୁଖ ମତବ୍ୟକ୍ତ କରିଥିବା ବେଳେ ,ଡେପୁଟି କଲେକ୍ଟର ଆପତକାଳୀନ, ଅଭିଳାଷ ପୁରୋହିତ ଆଜିର ଦିବସ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଜିଲ୍ଲା ରେଡକ୍ରସ ଯୁଗ୍ମସମ୍ପାଦକ ଏ ଆର ଖାନ ସମାରୋହରେ ଅଧକ୍ଷତା କରିବାସହ ପରିଚାଳନା କରିଥିଲେ । ଏ ଅବସରେରେ ଥାଲାସେମିଆ ରୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ସହିତ ରେଡକ୍ରସ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ସୁଶ୍ରୀ ସତ୍ୟବତୀ ଲାଗୁରି ,ସମରେନ୍ଦ୍ର ମହାନ୍ତ, ସଂଦୀପ ପଟ୍ଟନାୟକ ,ଚନ୍ଦ୍ରକାନ୍ତ ସା , ରଞ୍ଜନ ବାରିକ ,ସସ୍ମିତ ଧଡା ପ୍ରମୁଖ ସହଯୋଗ କରିଥିଲେ ।

# ରାଜଗାଙ୍ଗପୁର ଡାଲମିଆ କଲେଜ ଅଧକ୍ଷ ଓ କର୍ମଚାରୀଙ୍କ ବିରୋଧରେ ସ୍ଥାନୀୟ ଲୋକଙ୍କ ବିକ୍ଷୋଦ୍‌ଗାର




ରାଜଗାଙ୍ଗପୁର,୯।୫ (ନିପ୍ର): ଓଡିଶାର ରାଜଗାଙ୍ଗପୁର ସହର ଅନ୍ତର୍ଗତ ଝାରବେଡା ଠାରେ ଅବସ୍ଥିତ ଡାଲମିଆଁ କଲେଜର ବିଭିନ୍ନ ଉନ୍ନତିମୂଳକ କାମ ଓ ଆସବାବପତ୍ର କିଣାକିଣି ପାଇଁ ଆସିଥିବା ୨୨ଲକ୍ଷ ଟଙ୍କା ଫେରିଯିବା ପରେ ସେଠାକାର ସ୍ଥାନୀୟ ଜନସାଧାରଣ ଏବଂ ପୁରାତନ ଛାତ୍ରମାନେ, କଲେଜର ଅଧକ୍ଷଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରି ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କୁ ପତ୍ର ଲେଖିବା ସହିତ ସୁନ୍ଦରଗଡ ଜିଲାପାଳଙ୍କୁ ଏବିଷୟରେ ଜଣାଇଥିଲେ । ସୁନ୍ଦରଗଡ ଜିଲ୍ଲାପାଳ, ତହସିଲଦାରଙ୍କୁ ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ସୁପାରିସ କରିଥିଲେ । ଏବାଦ ଅଭିଯୋଗର ତଦନ୍ତ କରିବାକୁ ତହସିଲଦାର ଡାଲମିଆ କଲେଜରେ ପହଞ୍ଚିବା ପରେ, ଗଣମାଧମର ପ୍ରତିନିଧିମାନେ ମଧ୍ୟ ସେଠାରେ ପହଞ୍ଚି ଥିଲେ । ସ୍ଥାନୀୟ ଜନସାଧାରଣ ଓ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ୨୦୨୪ ମେ ମାସରୁ ଡାଲମିଆଁ କଲେଜର ଅଧକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ କଲେଜ ଷ୍ଟାଫମାନଙ୍କର ଦରମା ୩ ପ୍ରତିଶତରୁ ୮ ପ୍ରତିଶତ ବୃଦ୍ଧି କରିଥିଲେ । ଏହା ଦ୍ୱାରା ଛାତ୍ର ଛାତ୍ରୀମାନଙ୍କ ଉପରେ ଏହି ବୋଝ ପଡିଥିଲା ଏବଂ ଛାତ୍ରଛାତ୍ରୀଙ୍କ ଆଡମିଶନ୍ ଫି ବୃଦ୍ଧି ପାଇଥିଲା । ଡାଲମିଆଁ କଲେଜ ଅଧକ୍ଷ ମ୍ୟାନେଜିଂ କମିଟିର ବିନା ପରାମର୍ଶରେ ଏହି କାର୍ଯ୍ୟ କରିଛନ୍ତି ବୋଲି ଅଭିଯୋଗ କରାଯାଇଛି । ଡାଲମିଆ କଲେଜର ଜନୈକ ଷ୍ଟାଫ୍ କଲେଜକୁ ନ ଆସି ଅନୁପସ୍ଥିତ ରହିବା ଏବଂ ମାଦକ ଦ୍ରବ୍ୟ ସେବନ କରି କଲେଜକୁ ଆସୁଥିବା ଯୋଗୁଁ, ଉକ୍ତ କର୍ମଚାରୀଙ୍କ ଦରମା ବନ୍ଦ କରାଯାଇଥିଲା । କିନ୍ତୁ ବର୍ତ୍ତମାନର ଅଧ୍ୟକ୍ଷ ତାଙ୍କୁ କାର୍ଯ୍ୟରେ ଲଗାଇଥିବାରୁ କଲେଜ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଡାଲମିଆ କଲେଜ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ନିଜର ପରୀକ୍ଷା ଫଳ ପାଇଁ ସୁନାମ ଅର୍ଜନ କରିଥିଲେ ମଧ୍ୟ ବର୍ତ୍ତମାନ ଅଧ୍ୟକ୍ଷଙ୍କ କାର୍ଯ୍ୟଭାର ଗ୍ରହଣ ପରେ ୩/୪ଟି ବିଭାଗକୁ ଛାଡିଦେଲେ ଅନ୍ୟାନ୍ୟ ବିଭାଗରେ ପାଠପଢା ଭଲ ହେଉନାହିଁ ବୋଲି ଅଭିଯୋଗ କରାଯାଇଛି । କଲେଜର କର୍ମଚାରୀମାନଙ୍କ ଉପସ୍ଥାନରେ ବାୟୋମେଟ୍ରିକ୍ ପଦ୍ଧତି ବ୍ୟବହୃତ ହେଉଥିଲେ ମଧ୍ୟ, କେତେକ କର୍ମଚାରୀ ସେଥିରୁ ବିରତ ହୋଇ ଉପସ୍ଥାନ ସମୟ ସକାଳ ୮ଟା ୩୦ ମିନିଟରେ ବାୟୋମେଟ୍ରିକ୍ ପଦ୍ଧତିରେ ଉପସ୍ଥାନ ଦେଇ ଘରକୁ ଯାଇ ନିଜ କାମ ସାରି ୭ ଘଣ୍ଟା ପରେ ଆସି ଏକ୍ସିଟ୍ ମାରୁଥିବା ବେଳେ କଲେଜ ଅଧକ୍ଷ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି । କଲେଜ ଚାଲୁଥିବା ବେଳେ କଲେଜ ଅଧକ୍ଷ କଲେଜରେ ଉପସ୍ଥିତ ନରହି ଲୋକମାନଙ୍କ ଜନ୍ମଦିନ ପାଳନରେ ଯୋଗ ଦେଉଛନ୍ତି ବୋଲି ଅଭିଯୋଗ କରାଯାଇଛି । ଏଥିସହିତ କଲେଜର ଉନ୍ନତି ପାଇଁ କଲେଜ ଅଧକ୍ଷ ଧ୍ୟାନ ଦେଉନଥିବା ଅଭିଯୋଗ କରାଯାଇଛି । ଡାଲମିଆ କଲେଜର ପୂର୍ବତନ ଅଧକ୍ଷାଙ୍କ ସମୟରେ କଲେଜର ବହୁ ଉନ୍ନୟନ ମୂଳକ କାମ ହୋଇଥିଲା ଏବଂ କଲେଜ ପରିସରରେ ୧୦୦ ସ୍ଥାନ ବିଶିଷ୍ଟ ମାଇନୋରିଟି ଲେଡିଜ୍ ହଷ୍ଟେଲ୍ ତିଆରି ହୋଇଥିଲେ ମଧ୍ୟ ତାହା ବର୍ତ୍ତମାନର ଅଧ୍ୟକ୍ଷଙ୍କ ସମୟରେ ଉଦ୍ଘାଟନ ହୋଇପାରୁ ନାହିଁ ବୋଲି ଅଭିଯୋଗ କରାଯାଇଛି । କଲେଜରେ ଏନ୍‌ଏସ୍‌ଏସ୍, ଏନସିସି ଓ ରେଡକ୍ରସ କାର୍ଯ୍ୟକ୍ରମ ପୂର୍ବରୁ ହୋଇପାରୁନଥିଲା ବେଳେ ବର୍ତ୍ତମାନ ଏନସିସିକୁ ଛାଡିଦେଲେ ଏନ୍‌ଏସ୍‌ଏସ୍ ଓ ରେଡକ୍ରସ କାର୍ଯ୍ୟକ୍ରମ ହୋଇ ପାରୁନାହିଁ ବୋଲି ଅଧକ୍ଷଙ୍କୁ ଦାୟୀ କରାଯାଇଛି । କଲେଜ ପାଇଁ ବିଭିନ୍ନ ସମୟରେ ସରକାରଙ୍କ ଠାରୁ ବିଭିନ୍ନ ଅନୁଦାନ ରାଶି ପ୍ରାପ୍ତ ହୋଇଛି । ଛାତ୍ରଛାତ୍ରୀଙ୍କ ପାଇଁ କଲେଜରେ ଏକ କମ୍ପୁଟର ଲ୍ୟାବ୍ ରହିଛି । କିନ୍ତୁ ଅଧିକ କମ୍ପ୍ୟୁଟରର ଆବଶ୍ୟକତା ଥିବାବେଳେ ସରକାରଙ୍କ ଠାରୁ ଆସିଥିବା ୨୨ଲକ୍ଷ ଟଙ୍କା ଅନୁଦାନ ରାଶି ଫେରିଯାଇଥିବା ଯୋଗୁଁ କଲେଜ ଅଧକ୍ଷଙ୍କୁ ଏଥିପାଇଁ ଦାୟୀ କରାଯାଇଛି । ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ଏହି ପତ୍ରରେ କଲେଜର ପୂର୍ବତନ ଅଧକ୍ଷା ଡକ୍ଟର ହୀରନ ଲୁଗୁନ୍, କଲେଜ ଆଲୁମିନି ଉପସଭାପତି ତଥା କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ଅମରେଶ ପଣ୍ଡା, ରାଜେନ୍ଦ୍ର କୁମାର ବେହେରା, ଏମ୍ ଡି ଜାଫର୍ ମୋବି, ଅଟଳ ବିହାରୀ ପଣ୍ଡା, ଜିତେନ୍ଦ୍ର ନାୟକ, ବିଜୟ ପ୍ରସାଦ ସିହ୍ନା, ଭବାନୀ ଶଙ୍କର ରଣା, କୁନ୍ଦର ସିଂହ, ଜନାର୍ଦ୍ଦନ ମହାପାତ୍ର, ଶ୍ରୀନିବାସ ମହାନ୍ତି, ମନୋଜ ଗୁପ୍ତା, ସଞ୍ଜିବ କୁମାର ପ୍ରମୁଖ ସ୍ୱାକ୍ଷର କରିଛନ୍ତି ।

## ବିଲରୁ ଅକ୍ଷତ ମିଳିଲା ଚୀନ୍ ନିର୍ମିତ ପିଏଲ-୧୫ଇ କ୍ଷେପଣାସ୍ତ୍ର




ହୋସିୟାରପୁର ୯ ।୫:ପଞ୍ଜାବ ହୋସିୟାରପୁରରୁ ଏଭଳି ଛବି ଆସୁଛି ଯେଉଁଥିରୁ ଚୀନ୍ ନିର୍ମିତ କ୍ଷେପଣାସ୍ତ୍ରର ଭେଦ ଖୋଲି ଯାଇଛି । ରିପୋର୍ଟ ଅନୁସାରେ ପାକିସ୍ତାନୀ ଯୁଦ୍ଧ ବିମାନ ଜେଏଫ-୧୭ ଭାରତୀୟ ଯୁଦ୍ଧବିମାନକୁ ଟାର୍ଗେଟ କରି ଏକ ପିଏଲ-୧୫ଇ କ୍ଷେପଣାସ୍ତ୍ର ମାଡ଼ କରିଥିଲା । ତେବେ ଏହା ଆକାଶରେ କାର୍ଯ୍ୟକ୍ଷମ ହେବା ବଦଳେ ସିଧା ଆସି ବିଲରେ ପଡିଥିଲା । ଏହି କ୍ଷେପଣାସ୍ତ୍ର ସମ୍ପର୍କରେ ଚୀନ୍ ଅନେକ ବଢେଇଚଢେଇ କହିଥିଲା । ହେଲେ ଅସଲ ବେଳରେ କାମରେ ଆସିନଥିବା ଜଣାପଡିଛି । ଚୀନ୍ ଅନୁସାରେ ଏହି କ୍ଷେପଣାସ୍ତ୍ରଟି ଆକାଶରେ ଆକାଶକୁ ୩୦୦ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ । ଏହା ଭାରତୀୟ ଯୁଦ୍ଧବିମାନ ନିମନ୍ତେ କାଳ ସାବ୍ୟସ୍ତ ହେବ । ହେଲେ ବିମାନରୁ ଖସିବା ପରେ ଏହା ଅକ୍ଷତ ଅବସ୍ଥାରେ ଆସି ଚାଷ ଜମିରେ ପଡିଛି । ଏହି କ୍ଷେପଣାସ୍ତ୍ରଟି ସମ୍ପୂର୍ଣ୍ଣ ଭଲ ଅବସ୍ଥାରେ ମିଳିଛି । ଏହା ଡିଟୋନେଟ ହୋଇ ନାହିଁ । ଅନୁମାନ କରାଯାଉଛି ଇନ୍ଧନ ସମାପ୍ତ ହେବା ପରେ ଏହା ଖସି ପଡିଛି । ଚୀନ୍ ଅନୁସାରେ ପିଏଲ-୧୫ଇ କ୍ଷେପଣାସ୍ତ୍ରରେ ଆକ୍ଟିଭ ହୋମିଂ ଗାଇଡାନ୍ସ ସିଷ୍ଟମ ଲାଗିଛି । ଏହା ଛଡା ଏହି କ୍ଷେପଣାସ୍ତ୍ରଟି ଟୁ-ୱେ ଡାଟା ଲିଙ୍କରେ ସୁସଜ୍ଜିତ । ଯୁଦ୍ଧ ବିମାନରୁ ଲଞ୍ଚ କରାଯିବା ପରେ ଏହାକୁ 'ଆୱାକସ୍' ବିମାନରୁ ମଧ୍ୟ ଗାଇଡ କରାଯାଇ ପାରିବ । ତେବେ ଏହି କ୍ଷେପଣାସ୍ତ୍ରଟି ପାକିସ୍ତାନର ତରବରିଆ ଯୁଦ୍ଧରେ ଡିଟୋନେଟ ନ ହୋଇ ଭଲ ଅବସ୍ଥାରେ ମିଳିଛି । ଏହାକୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ଏଥିରୁ ଭାରତକୁ ଅନେକ ଲାଭ ମିଳିବ ବୋଲି ଏବେ ଅନୁମାନ କରାଯାଉଛି । ଆମର ବୈଜ୍ଞାନିକମାନେ ଏହି କ୍ଷେପଣାସ୍ତ୍ରର ଏବେ ଯାଞ୍ଚ କରି ଏହାର ବୈଷୟିକ ଜ୍ଞାନ କୌଶଳକୁ ବୁଝିବାକୁ ଚେଷ୍ଟା କରିବେ ।

## ପାକ୍ ଆତ୍ମସମର୍ପଣ କରୁ ନଚେତ୍ ସେମାନେ କ୍ଷତି ସହିବେ: ଓମାର ଅବଦୁଲ୍ଲା

ନୂଆଦିଲ୍ଲୀ ୯ ।୫; ଜାମ୍ମୁ-କାଶ୍ମୀର ସୀମାରେ ପାକିସ୍ତାନ ଗୁଳିମାଡ଼ ପରେ ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ବଡ ବୟାନ । ଏନେଇ ସେ କହିଛନ୍ତି- ବହୁତ କ୍ଷତି ହୋଇଛି । ପାକିସ୍ତାନ ଏବେ ଆତ୍ମସମର୍ପଣ କରିବା ଉଚିତ, ନଚେତ୍ ସେମାନେ କ୍ଷତି ସହିବେ । 'ପାକିସ୍ତାନ ପକ୍ଷରୁ ସାଧାରଣ ଲୋକଙ୍କୁ ଟାର୍ଗେଟ କରାଯାଇଥିଲା । ଡ୍ରୋନ୍ ସାହାଯ୍ୟରେ ଜାମ୍ମୁ ସହର ଉପରେ ହମଲା କରିବାକୁ ଚେଷ୍ଟା କରାଯାଇଥିଲା । ୧୯୭୧ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ଜାମ୍ମୁକୁ ଟାର୍ଗେଟ କରାଯାଇଛି । ଆମର ସୁରକ୍ଷା କର୍ମୀମାନେ ସମସ୍ତ ଡ୍ରୋନକୁ ବିଫଳ କରିଥିଲେ । ଗୋଟିଏ ବି ଡ୍ରୋନ୍ ଟାର୍ଗେଟରେ ପହଞ୍ଚି ନଥିଲା । କାଶ୍ମୀରରେ ମଧ୍ୟ ଟାର୍ଗେଟ କରିବାକୁ ଚେଷ୍ଟା କରାଯାଇଥିଲା । ଏନେଇ ଓମାର ଅବଦୁଲ୍ଲା କହିଛନ୍ତି, 'ଆମେ ଏହି ପରିସ୍ଥିତି ସୃଷ୍ଟି କରିନାହୁଁ । ପହଲଗାମରେ ଆମ ଲୋକଙ୍କ ଉପରେ ଆକ୍ରମଣ ହୋଇଥିଲା । ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରାଯାଇଥିଲା । ଆମକୁ ଏହାର ଉତ୍ତର ଦେବାକୁ ପଡିଲା । ଏବେ ପାକିସ୍ତାନ ଏହାକୁ ପ୍ରୋତ୍ସାହିତ କରୁଛି । ପାକିସ୍ତାନ ଏଥିରୁ କିଛି ଲାଭ ମିଳିବନି କି ସଫଳ ହେବ ନାହିଁ । ସେ ତାଙ୍କ ବନ୍ଧୁକକୁ ଫୋପାଡି ଦେବା ଭଲ । ସେମାନେ ଗତକାଲି ରାତିରେ ଘଟିଥିବା ଘଟଣାକୁ ବଢାଇବାକୁ ଚାହୁଁଛନ୍ତି, ଏହା ସେମାନଙ୍କ ପାଇଁ କ୍ଷତି ହିଁ କରିବ । ସେମାନେ ନିଜର ମୁଣ୍ଡ ବ୍ୟବହାର କରିବା ଉଚିତ ।' ଜାମ୍ମୁ ଗସ୍ତରେ ଥିବା ଓମର ଅବଦୁଲ୍ଲା କହିଛନ୍ତି ଯେ ପୁଞ୍ଚରେ ପାକିସ୍ତାନୀ ଗୁଳିମାଡ଼ ଯୋଗୁଁ ବହୁତ କ୍ଷତି ହୋଇଛି । ଅଧିକାଂଶ ମୃତ୍ୟୁ ପୁଞ୍ଚରେ ଘଟିଛି, ଏବଂ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଗୁରୁତରଙ୍କୁ ପିଜିଆଇ ଚଣ୍ଡିଗଡ଼କୁ ସ୍ଥାନାନ୍ତର କରାଯାଇଛି ।

## ପାକିସ୍ତାନରୁ ଲୁଚି ପଳାଇଲା ଦାଉଦ ଇବ୍ରାହିମ

ନୂଆଦିଲ୍ଲୀ, ୯ ।୫: ଭାରତର ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ଦାଉଦ ଇବ୍ରାହିମଙ୍କୁ ନେଇ ଅପରେଶନ ସିନ୍ଦୂର ପରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି । ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଭାରତର ବାୟୁସେନାର ଆକ୍ରମଣ ପରେ ଦାଉଦ ଆତଙ୍କିତ ହୋଇ ପାକିସ୍ତାନ ଛାଡ଼ି ପଳାଇଥିବା ଚର୍ଚ୍ଚା ହେଉଛି । ଏଜେନ୍ସି ସୂତ୍ର ଅନୁସାରେ, ଦାଉଦ ପୂର୍ବରୁ ପାକିସ୍ତାନର ଆସ୍ତୋଲା ଦ୍ୱୀପରେ ଲୁଚି ରହୁଥିଲେ, ଯେଉଁଠାରେ ପାକିସ୍ତାନର ଏକ ସମ୍ବରିନ ବେସ ରହିଛି । କିନ୍ତୁ ତାଙ୍କ ଅବସ୍ଥାନ ପ୍ରକାଶ ପାଇବା ପରେ ସେ କରାଚିକୁ ସ୍ଥାନାନ୍ତର ହୋଇଥିବା ସମ୍ଭାବନା ରହିଛି । ବର୍ତ୍ତମାନ ତାଙ୍କ ସଠିକ ଅବସ୍ଥାନ ଅଜଣା ରହିଛି । ଦାଉଦ ଇବ୍ରାହିମ ୧୯୯୩ ମୁମ୍ବାଇ ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ ଏବଂ ଡି-କମ୍ପାନୀ ନାମକ ଅପରାଧୀ ସଂଗଠନର ନେତା । ଭାରତ ଓ ଆମେରିକା ତାଙ୍କୁ ଗ୍ଲୋବାଲ ଟେରୋରିଷ୍ଟ ଘୋଷଣା କରିଛନ୍ତି । ତାଙ୍କ ମୁଣ୍ଡରେ ୨୫ ମିଲିୟନ ଡଲାରର ପୁରସ୍କାର ରହିଛି । ପାକିସ୍ତାନ ଦୀର୍ଘ ଦିନ ଧରି ଦାଉଦଙ୍କୁ ଆଶ୍ରୟ ଦେଉଥିବା ଅଭିଯୋଗ ରହିଛି, ଯଦିଓ ସେମାନେ ଏହାକୁ ଅସ୍ୱୀକାର କରିଆସୁଛନ୍ତି । ଅପରେଶନ ସିନ୍ଦୂର ପରେ ଭାରତର କଠୋର ଆଭିମୁଖ୍ୟ ଦାଉଦଙ୍କ ପାଇଁ ନୂଆ ଚିନ୍ତା ସୃଷ୍ଟି କରିଛି । ସେ ଏବେ ନୂଆ ଗୁପ୍ତ ସ୍ଥାନକୁ ପଳାଇ ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି । ଭାରତୀୟ ଏଜେନ୍ସିଗୁଡ଼ିକ ତାଙ୍କୁ ଖୋଜିବା ପାଇଁ ଜୋରଦାର ପ୍ରୟାସ ଜାରି ରଖିଛନ୍ତି ।

## ଥରହର ପାକିସ୍ତାନ: ଇମ୍ରାନଙ୍କୁ ଜେଲରୁ ବାହାର କରିବାକୁ କରାଗଲା ଆବେଦନ

ନୂଆଦିଲ୍ଲୀ, ୯।୫: ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ପାକିସ୍ତାନ କ୍ରମାଗତ ଭାବେ ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରୁଛି । ଭାରତର ବି ଏହାର କଡ଼ା ଜବାବ ଦେଉଛି । ଭାରତର ଶକ୍ତିଶାଳୀ ଆକ୍ରମଣରେ ଭୟଭୀତ ହୋଇ ଏଣିକି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଜେଲରୁ ବାହାର କରିବା ପାଇଁ କୋର୍ଟରେ ଆବେଦନ ଦାଖଲ କରାଯାଇଛି । ଇମ୍ରାନ ଖାନଙ୍କ ଦଳ ପାକିସ୍ତାନ ତହରିକ-ଇ-ଇନସାଫ (ପିଟିଆଇ) ହ୍ୱାଟସ ଆପ ଜରିଆରେ ବାର୍ତ୍ତା ଦେଇଛି କି ଦଳର ଖାଇବର ପଖତୁନଖୱା ମୁଖ୍ୟମନ୍ତ୍ରୀ ଅଲି ଅମିନ ଗଣ୍ଡପୁର ଇସଲାମାବାଦ ହାଇକୋର୍ଟରେ ଇମ୍ରାନଙ୍କୁ ଜେଲରୁ ମୁକ୍ତ କରିବା ପାଇଁ ଆବେଦନ କରିଛନ୍ତି । ଆବେଦନ ପତ୍ରରେ ଉଲ୍ଲେଖ ଅଛି କି, ଯେଉଁ ଜେଲରେ ଇମ୍ରାନ ଖାନ ବନ୍ଦୀ ଅଛନ୍ତି । ସେଠାରେ ଭାରତ ପକ୍ଷରୁ ଡ୍ରୋନ ଆକ୍ରମଣ ହୋଇପାରେ । ତେଣୁ ସମୟ ଥାଉଥାଉ ଇମ୍ରାନଙ୍କୁ ଜେଲରୁ ବାହାର କରିବା ଜରୁରୀ ହୋଇପଡ଼ିଛି ।

# 'ଅପରେସନ ସିନ୍ଦୂର ୨.୦'

## ତୁର୍କୀ ଡ୍ରୋନ ବ୍ୟବହାର କରୁଛି ପାକିସ୍ତାନ

# ୩୬ଟି ସ୍ଥାନରେ ୪୦୦ ଡ୍ରୋନ ମାଡ, ସବୁ ବିଫଳ: ବୈଦେଶିକ ମନ୍ତ୍ରଣାଳୟ



ନୂଆଦିଲ୍ଲୀ, ୯ ।୫: ଅପରେଶନ 'ସିନ୍ଦୂର'ର ଜବାବ ଦେବାକୁ ଯାଇ ପାକିସ୍ତାନ ଗୁରୁବାର ଭାରତ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା । ଏହାକୁ ଭାରତ ବିଫଳ କରିଥିଲା । ତେବେ ପାକିସ୍ତାନ ତୁର୍କୀ ଡ୍ରୋନ ସାହାଯ୍ୟରେ ଆକ୍ରମଣ କରିଥିବା ଶୁକ୍ରବାର କେନ୍ଦ୍ର ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରେସ ବ୍ରିଫିଂରେ କର୍ଣ୍ଣେଲ ସୋଫିଆ କୁରେଶୀ କହିଛନ୍ତି । ତେବେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିବା ସହ ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିଥିବା ସେ ସ୍ପଷ୍ଟ କରିଛନ୍ତି । କର୍ଣ୍ଣେଲ ସୋଫିଆ କହିଛନ୍ତି ଯେ, ପାକିସ୍ତାନ ପକ୍ଷରୁ ଅନ୍ତର୍ଜାତୀୟ ସୀମାର ୩୬ଟି ସ୍ଥାନରେ ୪୦୦ ଡ୍ରୋନ ବ୍ୟବହାର କରି ଅନୁପ୍ରବେଶ କରିବାକୁ ଚେଷ୍ଟା କରାଯାଇଥିଲା । ଭାରତ ସେଗୁଡ଼ିକୁ ଖସାଇ ଦେଇଥିଲା । ଏହାର ଉଦ୍ଦେଶ୍ୟ ଗୁପ୍ତ ସୂଚନା ସଂଗ୍ରହ କରିବା ଥିଲା । ଭଗ୍ନାବଶେଷ ଯାଞ୍ଚ କରାଯାଇଥିଲା । ସେଗୁଡ଼ିକ ତୁର୍କୀର ଡ୍ରୋନ । ପାକିସ୍ତାନ ଏହି ଡ୍ରୋନ ବ୍ୟବହାର କରିଥିଲା । ତେବେ ପାକିସ୍ତାନ ବେସାମରିକ ବିମାନକୁ ଢାଲ ଭାବରେ ବ୍ୟବହାର କରୁଛି । ଏହା ଅନ୍ତର୍ଜାତୀୟ ଉଡାଣ ସମେତ ବେସାମରିକ ବିମାନ ପାଇଁ ନିରାପଦ ନୁହେଁ । କରାଚୀ ଏବଂ ଲାହୋର ରୁଟରେ ବେସାମରିକ ବିମାନ ଉଡ଼ାଣ କରୁଛି । ଏଥିଯୋଗୁ ଭାରତୀୟ ସେନା ବହୁତ ସଂଯମତା ଦେଖାଇଥିବା ସେ କହିଛନ୍ତି । ସେହିଭଳି ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂ କହିଛନ୍ତି, "ପାକିସ୍ତାନୀ ଆକ୍ରମଣର ଜବାବରେ, ଚାରୋଟି ପାକିସ୍ତାନୀ ବାୟୁ ପ୍ରତିରକ୍ଷା ସ୍ଥଳ ଉପରେ ସଶସ୍ତ୍ର ଡ୍ରୋନ ଗୁଳି କରାଯାଇଥିଲା । ଏହି ଡ୍ରୋନଗୁଡ଼ିକ ମଧ୍ୟରୁ ଗୋଟିଏ ଏଡି ରାଡାରକୁ ନଷ୍ଟ କରିବାରେ ସକ୍ଷମ ହୋଇଥିଲା । ପାକିସ୍ତାନ ମଧ୍ୟ ଭାରୀ କ୍ୟାଲିବର ବନ୍ଧୁକ ଏବଂ ସଶସ୍ତ୍ର ଡ୍ରୋନ ବ୍ୟବହାର କରି ନିୟନ୍ତ୍ରଣ ରେଖା ପାର ଗୁଳି ଚଳାଇଥିଲା, ଯାହା ଫଳରେ କିଛି ଭାରତୀୟ ସେନା କର୍ମଚାରୀଙ୍କ ମୃତ୍ୟୁ ଏବଂ ଆହତ ହୋଇଛି । ତେବେ ଭାରତର ପ୍ରତି ଆକ୍ରମଣରେ ପାକିସ୍ତାନୀ ସେନାର ମଧ୍ୟ ପ୍ରବଳ କ୍ଷତି ହୋଇଛି । କମାଣ୍ଡର ବ୍ୟୋମିକା କହିଛନ୍ତି, "ପାକିସ୍ତାନ ୭ ମଇ ରାତି ୮:୩୦ ରେ ଏକ ଅସଫଳ ଅପ୍ରରୋଚନାମୂଳକ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିବା ସତ୍ତ୍ୱେ ତାର ବେସାମରିକ ଆକାଶ ସୀମା ବନ୍ଦ କରି ନ ଥିଲା । ପାକିସ୍ତାନ ବେସାମରିକ ବିମାନକୁ ଢାଲ ଭାବରେ ବ୍ୟବହାର କରୁଛି । ଅପରପକ୍ଷେ ଆମର ଘୋଷିତ ବନ୍ଦ ଯୋଗୁ ଭାରତ ପାର୍ଶ୍ୱର ଆକାଶପଥ ସମ୍ପୂର୍ଣ୍ଣ ଭାବରେ ବେସାମରିକ ବିମାନ ଚଳାଚଳରୁ ମୁକ୍ତ ରହିଛି । କରାଚୀ ଏବଂ ଲାହୋର ମଧ୍ୟରେ ବିମାନ ରୁଟରେ ବେସାମରିକ ବିମାନ ଉଡ଼ାଣ କରୁଛି । ଭାରତୀୟ ବାୟୁସେନା ଏହାର ପ୍ରତିକ୍ରିୟାରେ ବହୁତ ସଂଯମତା ଦେଖାଇଛି, ଆନ୍ତର୍ଜାତୀୟ ବେସାମରିକ ବାହକମାନଙ୍କର ସୁରକ୍ଷା ସୁନିଶ୍ଚିତ କରିଛି । ବୈଦେଶିକ ସଚିବ ବିକ୍ରମ ମିଶ୍ରୀ କହିଛନ୍ତି ଯେ ପାକିସ୍ତାନ ସାମରିକ ଏବଂ ବେସାମରିକ ସ୍ଥାନଗୁଡ଼ିକୁ ଟାର୍ଗେଟ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ଭାରତ ଦାୟିତ୍ୱପୂର୍ଣ୍ଣ ଭାବେ ଜବାବ ଦେଇଥିଲା । ସେନା ଏବଂ ବୈଦେଶିକ ସଚିବ ବିକ୍ରମ ମିଶ୍ରି ପାକିସ୍ତାନର ଆକ୍ରମଣର କିପରି ଜବାବ ଦିଆଯାଇଥିଲା ଏବଂ ଏହି ଆତଙ୍କବାଦୀ ଦେଶ କିପରି ମିଥ୍ୟା ପ୍ରଚାର କରି ଭାରତରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବାକୁ ନିରନ୍ତର ଚେଷ୍ଟା କରୁଛି ସେ ବିଷୟରେ କହିଛନ୍ତି । ବିକ୍ରମ ମିଶ୍ରି କହିଛନ୍ତି, ଗତକାଲି ରାତିରେ ପାକିସ୍ତାନ ଦ୍ୱାରା କରାଯାଇଥିବା କାପୁରୁଷ କାର୍ଯ୍ୟକଳାପ ବିଷୟରେ ଆପଣଙ୍କୁ ସୂଚନା ଦିଆଯାଇଛି । ପାକିସ୍ତାନ ଗୁରୁଦ୍ୱାର ଉପରେ ଆକ୍ରମଣ କରିଥିଲା ଏବଂ ଏଥିରେ ଅନେକ ପ୍ରାଣ ଯାଇଛି । ଗତକାଲି ଏହି ଆକ୍ରମଣର ଜବାବ ଭାରତୀୟ ସେନା ଦେଇଛି । ପାକିସ୍ତାନ କହିଛି ଯେ ସେ ଧାର୍ମିକ ସ୍ଥଳକୁ ଟାର୍ଗେଟ କରି ନ ଥିଲା । କିନ୍ତୁ ଏହା ପୁଞ୍ଚର ଏକ ଗୁରୁଦ୍ୱାରକୁ ଟାର୍ଗେଟ କରିଥିଲା । କରତାରପୁର ସାହିବରେ ସେବା ବର୍ତ୍ତମାନ ସ୍ଥଗିତ ରଖାଯାଇଛି ।

## ପାକିସ୍ତାନକୁ ବଡ଼ ଝଟକା

# ସିନ୍ଧୁ ଜଳ ଚୁକ୍ତି ମାମଲାରେ ଦୂରେଇ ରହିଲା ବିଶ୍ୱ ବ୍ୟାଙ୍କ



ନୂଆଦିଲ୍ଲୀ, ୯।୫: ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଥିଲା । ପାକିସ୍ତାନ ଏହି ମାମଲାରେ ବହୁତ ରାଗି ଯାଇଥିଲା ଏବଂ ପାକିସ୍ତାନର ଅନେକ ବଡ଼ ନେତା ମଧ୍ୟ ଜଳ ଚୁକ୍ତିନାମା ସମ୍ପର୍କରେ ଧମକ ଦେଇଥିଲେ । ଏହି ସମୟରେ, ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସିନ୍ଧୁ ଜଳ ଚୁକ୍ତିନାମା ସମ୍ପର୍କରେ ଏକ ବିବୃତ୍ତି ଦେଇଛନ୍ତି ଏବଂ ଏଥିରେ ବିଶ୍ୱ ବ୍ୟାଙ୍କର କ'ଣ ଭୂମିକା ରହିପାରିବ ତାହା ସ୍ପଷ୍ଟ କରିଛନ୍ତି । ତେବେ ୧୯୬୦ରେ ହୋଇଥିବା ସିନ୍ଧୁ ଜଳ ଚୁକ୍ତିରେ ବିଶ୍ୱ ବ୍ୟାଙ୍କର ଭୂମିକା କେବଳ 'ଫେସିଲିଟେଟର' ଅର୍ଥାତ୍ ମଧ୍ୟସ୍ଥ ଥିଲା ଏବଂ ବର୍ତ୍ତମାନ ସୃଷ୍ଟି ହୋଇଥିବା ଗତିରୋଧରେ ହସ୍ତକ୍ଷେପ କରିବ ନାହିଁ ବୋଲି ଏହାର ଅଧ୍ୟକ୍ଷ ଅଜୟ ବଙ୍ଗା ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ ୱାର୍ଲଡ ବ୍ୟାଙ୍କ ଭାରତକୁ ରୋକିବା ପାଇଁ ହସ୍ତକ୍ଷେପ କରିବ ନାହିଁ । ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ତତ୍କାଳ ପ୍ରଭାବରୁ ବାତିଲ କରିଥିଲା । ଏହାପରେ ଅନୁମାନ କରାଯାଉଥିଲା ଯେ ୱାଲର୍ଡ ବ୍ୟାଙ୍କ ହୁଏତ ଏଥିରେ ହସ୍ତକ୍ଷେପ କରିବ, କିନ୍ତୁ ଅଜୟ ବଙ୍ଗା ସ୍ପଷ୍ଟ ରୂପେ ମନା କରିଦେଇଛନ୍ତି । ପ୍ରେସ୍ ସୂଚନା ବ୍ୟୁରୋ ଅନୁସାରେ, 'ଭାରତୀୟ ବଂଶୋଦ୍ଭବ ଅଜୟ ବଙ୍ଗା କହିଛନ୍ତି, ଆମ ଭୂମିକା କେବଳ ମଧ୍ୟସ୍ଥିର ଥିଲା । ମିଡିଆରେ ଯେଉଁ ଚର୍ଚ୍ଚା କରାଯାଉଛି ଯେ ବିଶ୍ୱ ବ୍ୟାଙ୍କ ବିବାଦର ସମାଧାନ କରିବ, ତାହା ସମ୍ପୂର୍ଣ୍ଣ ଭିତ୍ତିହିନୀ । ସେମାନେ କ'ଣ କରିବେ, ତାହା ସେମାନଙ୍କ ନିଷ୍ପତ୍ତି । ଆମେ କିଛି କରିପାରିବୁ ନାହିଁ ।' ଏହି ସନ୍ଧିରେ ଏପରି କୌଣସି ପ୍ରାବଧାନ ନାହିଁ, ଯାହା କୌଣସି ଦେଶ ଦ୍ୱାରା ଚୁକ୍ତି ବାତିଲକୁ ରୋକିବ । ତେବେ ସେ ଏହା ମଧ୍ୟ କହିଛନ୍ତି ଯେ, ବ୍ୟାଙ୍କକୁ ନୂଆ ଘଟଣାକ୍ରମ ବାବଦରେ ଦୁଇ ସରକାରଠାରୁ କୌଣସି ଔପଚାରିକ ଯୋଗାଯୋଗ କରାଯାଇ ନାହିଁ । ' ସବୁ ଦିଗରୁ ବିରୋଧର ସମ୍ମୁଖୀନ ହେଉଥିବା ପାକିସ୍ତାନକୁ ଏବେ ବିଶ୍ୱ ବ୍ୟାଙ୍କ ମଧ୍ୟ ଏକ ବଡ଼ ଝଟକା ଦେଇଛି । ଭାରତ ଦ୍ୱାରା ଅପରେସନ ସିନ୍ଦୁର କରାଯିବା ପରେ, ପାକିସ୍ତାନ ଆତଙ୍କିତ ଅବସ୍ଥାରେ ଅଛି ଏବଂ ଭାରତ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରୁଛି, କିନ୍ତୁ ଏହାର ପ୍ରୟାସ ବାରମ୍ବାର ବିଫଳ ହେଉଛି ।

## ଷ୍ଟକବଜାର ଉପରେ ଯୁଦ୍ଧ ପ୍ରଭାବ

## ୨ ଦିନରେ ସେନସେକ୍ସ କମିଲା ୧୨୦୦ ପଏଣ୍ଟ

ମୁମ୍ବାଇ, ୯।୫ : ଭାରତ ପାକିସ୍ତାନ ଉତ୍ତେଜନାର ପ୍ରଭାବର ଷ୍ଟକ ବଜାର ଉପରେ ପଡ଼ିଛି । ଶୁକ୍ରବାର ବିଏସଇ ସେନସେକ୍ସ ଏବଂ ଏନଏସଇ ନିଫଟି ୫୦ ପ୍ରାରମ୍ଭିକ ସେସନରୁ ହିଁ ନିମ୍ନଗାମୀ ଧାରା ଦେଖିଥିଲା । ସନ୍ଧ୍ୟାରେ କାରବାର ବନ୍ଦ ହେବା ବେଳକୁ, ସେନସେକ୍ସ ୮୮୦.୩୪ ପଏଣ୍ଟ ହ୍ରାସ ପାଇ ୭୯,୪୫୪.୪୭ ପଏଣ୍ଟରେ ବନ୍ଦ ହୋଇଥିଲା । ଯେତେବେଳେ ନିଫ୍ଟି ୫୦ ମଧ୍ୟ ୨୬୫.୮୦ ପଏଣ୍ଟ ହ୍ରାସ ପାଇ ୨୪,୦୦୮ ପଏଣ୍ଟରେ ବନ୍ଦ ହୋଇଥିଲା । ଏହା ନିବେଶକମାନଙ୍କୁ ବହୁତ କ୍ଷତି ପହଞ୍ଚାଇଛି । ଗୁରୁବାର ଦିନ ବି ସେନସେକ୍ସ ଓ ନିଫ୍ଟିରେ ହ୍ରାସ ପରିଲକ୍ଷିତ ହୋଇଥିଲା । ସେନସେକ୍ସପ୍ରାୟ ୪୧୧.୯୭ ପଏଣ୍ଟ ହ୍ରାସ ପାଇ ୮୦,୩୩୪ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ନିଫଟି ୧୪୦ ପଏଣ୍ଟ ହ୍ରାସ ପାଇ ୨୪,୨୭୩ ପଏଣ୍ଟରେ ବନ୍ଦ ହୋଇଛି । ଗତ ୨ ଦିନରେ ସେନସେକ୍ସ ପ୍ରାୟ ୧୨୦୦ ପଏଣ୍ଟ ହ୍ରାସ ପାଇଛି । ଯୁଦ୍ଧ ଉତ୍ତେଜନା ଲାଗି ରହିଲେ ଆଗକୁ ବଜାର ଆହୁରି ନିମ୍ନଗାମୀ ହେବାର ଅଶଙ୍କା ରହିଛି । ଅନ୍ୟପକ୍ଷରେ ପାକିସ୍ତାନର କରାଚୀ ଷ୍ଟକ ମାର୍କେଟରେ ପ୍ରବଳ ହ୍ରାସ ପରିଲକ୍ଷିତ ହୋଇଥିଲା ଓ ସୂଚକାଙ୍କ ଲୋୟର ସର୍କିଟ ଛୁଇଁବା ପରେ କାରବାରକୁ ବାଧ ହୋଇ ବନ୍ଦ କରାଯାଇଥିଲା ।

## ଖାଦ୍ୟ ସାମଗ୍ରୀ କଳାବଜାରୀ ନ କରିବାକୁ କେନ୍ଦ୍ରର ଚେତାବନୀ

ନୂଆଦିଲ୍ଲୀ, ୯ ।୫: ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ କେନ୍ଦ୍ର ସରକାର ବ୍ୟବସାୟୀମାନଙ୍କୁ ଖାଦ୍ୟ ସାମଗ୍ରୀ କଳାବଜାରୀ ବା ଗଚ୍ଛିତ ନ କରିବାକୁ ଚେତାବନୀ ଦେଇଛନ୍ତି । ସରକାର କହିଛନ୍ତି ଯେ ଦେଶରେ ଖାଦ୍ୟ ସାମଗ୍ରୀର ପର୍ଯ୍ୟାପ୍ତ ମହଜୁଦ ରହିଛି, ତେଣୁ ଆତଙ୍କିତ ହୋଇ ଅନାବଶ୍ୟକ ଭାବେ ମହଜୁତ କରିବାର ଆବଶ୍ୟକତା ନାହିଁ । କେନ୍ଦ୍ର ଖାଦ୍ୟ ଓ ସାର୍ବଜନୀନ ବଣ୍ଟନ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଯେ ଗହମ, ଚାଉଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ଯଥେଷ୍ଟ ଗଚ୍ଛିତ ରହିଛି । ସରକାର ବ୍ୟବସାୟୀ ଓ ଖୁଚୁରା ବିକ୍ରେତାମାନଙ୍କୁ ବଜାରରେ ସାମଗ୍ରୀର ନିୟମିତ ଯୋଗାଣ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ, ମଜୁତଦାରୀ ଏବଂ କୃତ୍ରିମ ଅଭାବ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ଚେତାବନୀ ଦେଇଛନ୍ତି । ସାଧାରଣ ଜନତାଙ୍କୁ ମଧ୍ୟ ଆତଙ୍କିତ ନହୋଇ ଆବଶ୍ୟକ ଅନୁଯାୟୀ କିଣିବାକୁ ଅନୁରୋଧ କରାଯାଇଛି ।

## ସାଇବର ସୁରକ୍ଷା ପ୍ରସ୍ତୁତିର ସମୀକ୍ଷା କଲେ ନିର୍ମଳା ସୀତାରମଣ

ନୂଆଦିଲ୍ଲୀ, ୯।୫(ପିଆଇବି): ସୀମାରେ ଲାଗି ରହିଥିବା ଉତ୍ତେଜନା ଓ ସୁରକ୍ଷା ଚିନ୍ତା ମଧ୍ୟରେ କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ରାଷ୍ଟ୍ରାୟତ୍ତ ଓ ବେସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ ଓ ସିଇଓମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ । ଏହି ବୈଠକରେ ଆର୍ଥିକ ସେବା ବିଭାଗ (ଡିଏଫ୍ଏସ୍), ଅର୍ଥ ମନ୍ତ୍ରଣାଳୟ, ସିଇଆରଟି-ଇନ୍, ଆରବିଆଇ, ଆଇଆରଡିଏଆଇ ଏବଂ ଏନପିସିଆଇର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଯେଉଁଥିରେ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଏବଂ ୟୁପିଆଇ ଭଳି ଡିଜିଟାଲ ଆପ୍ଲିକେସନ୍ ସମେତ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ପରିଚାଳନାଗତ ଏବଂ ସାଇବର ସୁରକ୍ଷା ପ୍ରସ୍ତୁତିର ସମୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସୀମାରେ ଚାଲିଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଓ ବୀମା କମ୍ପାନିମାନେ ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ସେଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ ଓ ସିଇଓମାନେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।ଏହି ବୈଠକରେ ସୀତାରମଣ ଭୂ-ରାଜନୈତିକ ଉତ୍ତେଜନା ଏବଂ ଆହ୍ୱାନପୂର୍ଣ୍ଣ ସମୟରେ ଅର୍ଥନୈତିକ ସ୍ଥିରତା ସୁନିଶ୍ଚିତ କରିବାରେ ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ।ଯେକୌଣସି ପରିସ୍ଥିତି କିମ୍ବା ସଙ୍କଟର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ସତର୍କ ରହିବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଦିଲ୍ଲୀ ଏମ୍ସରେ ସମସ୍ତ ଛୁଟି ବାତିଲ

ନୂଆଦିଲ୍ଲୀ, ୯।୫: ଦିଲ୍ଲୀ ଏମ୍ସରେ ଛୁଟି ବାତିଲ । ଭାରତ-ପାକିସ୍ତାନ ଉତ୍ତେଜନା ଭିତରେ ନିଆଗଲା ବଡ଼ ନିଷ୍ପତ୍ତି । ଛୁଟି ବାତିଲ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଜାରି ହେଲା ନିର୍ଦ୍ଦେଶନାମା । ତେବେ ବାତିଲ ହୋଇଛି ଦିଲ୍ଲୀ ଏମ୍ସର ସମସ୍ତ ଅଧିକାରୀଙ୍କ ଛୁଟି । ସ୍ୱାସ୍ଥ୍ୟଗତ କାରଣ ଛଡ଼ା ଅନ୍ୟ ସବୁ ଛୁଟି ବାତିଲ କରାଯାଇଛି । ଯଦି ପୂର୍ବରୁ ଛୁଟି ମଞ୍ଜୁର ଥାଏ ତାହେଲେ ବି ବାତିଲ । ଯେତେ ଶୀଘ୍ର ସମ୍ଭବ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ । ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସମସ୍ତ ଛୁଟି ବାତିଲ କରାଯାଇଛି ।

## କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କଡା ନିର୍ଦ୍ଦେଶ ପ୍ରଚୁର ଔଷଧ ମହଜୁଦ ରଖ

ନୂଆଦିଲ୍ଲୀ ୯/୫: ପ୍ରଚୁର ଔଷଧ ମହଜୁଦ ରଖ । ଜରୁରୀ ପରିସ୍ଥିତିରେ ଯେମିତି କେହି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବେନି । ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉପୁଜିବା ପରେ ଔଷଧ ନିର୍ମାତା କଂପାନୀ ଓ ବିତରକଙ୍କୁ ଏପରି କଡା ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡା । ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିବା ପରେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ । ଏଥିରେ ଖିଲାପ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଚେତାବନୀ ବି ଦେଇଛନ୍ତି । ସମୀକ୍ଷା ବୈଠକରେ ଦେଶରେ ଥିବା ଡାକ୍ତରଖାନା ଓ ସ୍ୱାସ୍ଥ୍ୟ ସୁବିଧା ସଂପର୍କରେ ଆଲୋଚନା କରିଥିଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ । ଏହା ଛଡା ଜରୁରୀକାଳୀନ ପରିସ୍ଥିତିରେ କେମିତି ଲୋକଙ୍କୁ ସହଜରେ ସ୍ୱାସ୍ଥ୍ୟ ସୁବିଧା ମିଳିବ ସେ ସଂପର୍କରେ ଆଲୋଚନା କରିଥିଲେ । ସମସ୍ତ ସ୍ୱାସ୍ଥ୍ୟ ସେବାକୁ ନିୟନ୍ତ୍ରଣ କକ୍ଷରୁ ତଦାରଖ ଉପରେ ଗୁରୁତ୍ୱାରୋପ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା ।

# ପାକିସ୍ତାନର ଓହ୍ଲାଇ ନିଜ ପତାକା ଉଡାଇଲା ବିଏଲ୍ଏ

## ଦୂତାବାସ ଖୋଲିବା ପାଇଁ ବିଶ୍ୱକୁ ଆମନ୍ତ୍ରଣ

ନୂଆଦିଲ୍ଲୀ, ୯।୫: ଭାରତ ସହ ସଂଘର୍ଷ କରୁଥିବା ପାକିସ୍ତାନ ଗୋଟିଏ ପରେ ଗୋଟିଏ ଅସଫଳ ଏୟାର ଷ୍ଟ୍ରାଇକ୍ କରିବାରେ ଲାଗିଛି । କିନ୍ତୁ ଏହାରି ଭିତରେ ପାକିସ୍ତାନକୁ ଆଉ ଏକ ଝଟକା ଲାଗିଛି । ଦଶନ୍ଧି ଦଶନ୍ଧି ଯାଏ ପାକିସ୍ତାନଠାରୁ ସ୍ୱାଧୀନତା ଚାହୁଁଥିବା ବଲୁଚ୍ ଏବେ ବିଦ୍ରୋହକୁ ଜୋରଦାର କରିଛନ୍ତି । ବଲୁଚ୍ ଲିବରେସନ ଆର୍ମିର ଯୋଦ୍ଧା ସୁଯୋଗ ଦେଖି ସ୍ୱାଧୀନତା ପତାକା ଉଡ଼ାଇଛନ୍ତି । ଏହାସହ ବଲୁଚ୍ ବିଦ୍ରୋହୀ ସଂଗଠନର ତିନି ଗୋଷ୍ଠୀ ବଲୁଚିସ୍ତାନ ପ୍ରାନ୍ତର ତିନି ଭିନ୍ନ ଭିନ୍ନ କ୍ଷେତ୍ରକୁ କବଜା କରିଥିବା ଦାବି କରିଛି । ଏହି ସ୍ଥାନଗୁଡ଼ିକରେ ବଲୁଚିସ୍ତାନର ପତାକା ଉଡ଼ାଯାଇଛି । ପାକିସ୍ତାନ ପତାକା ଓହ୍ଲାଇ ବଲୁଚିସ୍ତାନର ପତାକା ଉଡାଇବାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି ।



ଗୁରୁବାର ଦୁଇଟି ସ୍ଥାନରେ ବଲୁଚିସ୍ତାନ ଲିବରେସନ ଆର୍ମି ପାକିସ୍ତାନ ସେନା ଉପରେ ୨ଟି ହମଲା କରିଥିଲା । ଏଥିରୁ ଗୋଟିଏ ରିମୋଟ୍ ବୋମା ଆଟାକ୍ ଥିଲା, ଯେଉଁଥିରେ ପାକିସ୍ତାନ ସେନାର ଗାଡ଼ି ଧ୍ୱଂସ ହୋଇଥିଲା । ଏହି ଆକ୍ରମଣରେ ପାକିସ୍ତାନର ୧୨ ଜଣ ଯବାନ ନିହତ ହୋଇଥିଲେ । ବଲୁଚ୍ ଲିବରେସନ୍ ଆର୍ମି ନିଜ ସୋସିଆଲ୍ ମିଡିଆରେ ବିସ୍ଫୋରଣ ବେଳର ଭିଡିଓ ଅପଲୋଡ୍ କରିଥିଲା । ବଲୁଚ୍ ଲିବରେସନ୍ ଆର୍ମି ଗତ କିଛି ବର୍ଷ ହେଲା ପାକିସ୍ତାନ ସୁରକ୍ଷା ବଳଙ୍କ ଉପରେ ଲଗାତାର ଆକ୍ରମଣ କରୁଛି । କିନ୍ତୁ ଗତ ସପ୍ତାହେ ହେଲା ଏଭଳି ଆକ୍ରମଣରେ ବୃଦ୍ଧି ଦେଖିବାକୁ ମିଳିଛି । ଅନୁମାନ କରାଯାଉଛି ଯେ ଭାରତୀୟ ସେନାର ଅପରେସନ ସିନ୍ଦୂର ପରେ ବିଏଲଏ ପାକିସ୍ତାନ ବିରୋଧରେ ନିଜ ସଂଗ୍ରାମକୁ ଜୋରଦାର କରିଛି । ଗତ ଦୁଇ ଦିନରେ ପାକିସ୍ତାନ ସେନା ଉପରେ ୪ରୁ ଅଧିକ ଆକ୍ରମଣ କରିଛି ବିଏଲଏ । କ୍ୱେଟାର ଅନେକ ସ୍ଥାନରେ ଫାୟାରିଂ ହୋଇଛି । ବଲୁଚ୍ ଲେଖକ ମୀର ୟାର ବଲୋଚ ଏକ୍ସରେ ଲେଖିଛନ୍ତି, 'ବଲୁଚମାନେ ନିଜ ପତାକା ଉଡାଇବା ଆରମ୍ଭ କରିଛି । ପାକିସ୍ତାନର ପତାକା ଓହ୍ଲାଯାଉଛି । ଦୁନିଆ ପାଇଁ ସମୟ ଆସି ସାରିଛି ଯେ ସେମାନେ ପାକିସ୍ତାନରେ ନିଜ ଦୂତାବାସ ବନ୍ଦ କରି, ନୂଆ ଦେଶ ବଲୁଚିସ୍ତାନରେ ସ୍ଥାପନ କରନ୍ତୁ । ପାକିସ୍ତାନରୁ ବିଦାୟ ଓ ବଲୁଚିସ୍ତାନକୁ ୱେଲକମ୍ ।

## ସବୁ ସେନାଧିକାରୀଙ୍କ ଛୁଟି ବାତିଲ



ନୂଆଦିଲ୍ଲୀ, ୯।୫ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସିଡିଏସ୍ ଓ ୩ ସେନା ପ୍ରମୁଖଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ଏହି ବୈଠକରେ ଅନେକ ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର ସରକାରଙ୍କ ସମୀକ୍ଷା ବୈଠକ ପରେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଆସିଛି । ବାତିଲ ହୋଇଛି ସବୁ ସେନାଧିକାରୀଙ୍କ ଛୁଟି । କୌଣସି କାରଣରୁ ଛୁଟିରେ ଥିଲେ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସେନାକୁ ସହଯୋଗ କରିବାକୁ ଟେରିଟୋରିଆଲ ଆର୍ମିକୁ ମଧ୍ୟ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ରହିଛି । ଶୁକ୍ରବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସିଡିଏସ୍ ଓ ୩ ସେନା ପ୍ରମୁଖଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ବୈଠକର ଫଟୋ ଏବେ ସାମ୍ନାକୁ ଆସିଛି ।

# ଡକାୟତି ଉଦ୍ୟମ, ୩ ପେସାଦାର ଅପରାଧୀ ବନ୍ଧାହେଲେ

ଭୁବନେଶ୍ୱର(ନିପ୍ର): ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ବିଳମ୍ବିତ ରାତିରେ ଅଟକାଇ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ବିଭିନ୍ନ ସମୟରେ ଡକାୟତି କରୁଥିବା ୩ ଜଣ ପେଶାଦାର ଡକାୟତଙ୍କୁ ବାଲିଅନ୍ତା ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ଗତ ୬ ତାରିଖ ବିଳମ୍ବିତ ରାତିରେ ବାଲିଅନ୍ତା ଥାନା ଅନ୍ତର୍ଗତ ବନବିହାରୀ ପୀଠ ନିକଟରେ ଯାଉଥିବା ମୁରଲୀ ପଲେଇଙ୍କ ଗାଡ଼ିକୁ ଅଟକାଇ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କ ପାଖରୁ ନଗଦ ଅର୍ଥ ଲୁଟ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ସ୍ଥାନୀୟ ଅଂଚଳରୁ ମିଳିଥିବା ବିଶ୍ୱସ୍ତ ସୂଚନାକୁ ଆଧାର କରି ୩ ଡକାୟତଙ୍କୁ ଗିରଫ କରିଛି। ଗିରଫ ଡକାୟତମାନେ ହେଲେ ବାଲିଅନ୍ତା ଭୋଇସାହି ପରୀବାସୁଦେଇପୁର ଯୋଗେଶ୍ୱର ଭୋଇ ଓରଫ ଜଗା (୨୭), ବୃନ୍ଦାବନ ଭୋଇ (୨୫) ଓ ବଳରାମ ଭୋଇ (୨୫)। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ଡକାୟତିରେ ବ୍ୟବହୃତ ବାଇକ ଓ ଏକ ଲୁହା ରଡ଼କୁ ଜବତ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୬ ତାରିଖ ରାତି ପ୍ରାୟ ୧୦ଟା୩୦ ସମୟରେ, ଅଭିଯୋଗକାରୀ ତାଙ୍କ ବନ୍ଧୁଙ୍କ ସହିତ ମୋଟର ସାଇକେଲରେ ଘରକୁ ଫେରୁଥିବା ସମୟରେ, ଉପରୋକ୍ତ ଅଭିଯୁକ୍ତମାନେ ବନବିହାରୀ ପିଠ ନିକଟରେ ସେମାନଙ୍କୁ ବଳପୂର୍ବକ ଅଟକାଇଥିଲେ। ସେଠାରେ ଅଭିଯୁକ୍ତମାନେ ଟଙ୍କା ଦାବି କରିଥିଲେ ଏବଂ ଜୋରଜବରଦସ୍ତି ସେମାନଙ୍କ ମୋବାଇଲ୍ ଫୋନ୍ ଏବଂ ନଗଦ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ଅଭିଯୋଗକାରୀ ଏହାକୁ ବିରୋଧ କରିବାରୁ, ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଅଭିଯୋଗକାରୀଙ୍କ ବେକରେ ଭୁଜାଲି ଦେଖାଇ ଏକ ଲୁହା ରଡ୍ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ, ଯାହା ଫଳରେ ତାଙ୍କ ହାତପାଖରେ ଆଘାତ ଲାଗିଥିଲା। ଘଟଣା ବେଳେ, ଅଭିଯୁକ୍ତମାନେ ବାଲିଅନ୍ତା ପାର୍ଶ୍ୱରୁ ଏକ ଗାଡ଼ି ଆସୁଥିବାର ଦେଖିବା ପରେ, ସେମାନେ ଏକ ହିରୋ ଗ୍ଲାମର ମୋଟରସାଇକେଲରେ ଓଲାରବିନ୍ଧା ଗ୍ରାମ ଆଡ଼କୁ ପଳାଇ ଯାଇଥିଲେ। ତଦନ୍ତ ସମୟରେ, ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା ଏବଂ ସେମାନଙ୍କ ହେପାଜତରୁ ଗୋଟିଏ ଲୁହା ରଡ୍ ସହିତ ଅପରାଧରେ ବ୍ୟବହୃତ ବାଇକ୍ ଜବତ କରାଯାଇଥିଲା। ପଚରା ଉଚରା ବେଳେ ଅଭିଯୁକ୍ତ ମାନେ ସେମାନଙ୍କର ଅପରାଧ ସ୍ୱୀକାର କରିଥିଲେ । ଯାଞ୍ଚରୁ ଜଣାପଡିଛି ଯେ, ଅଭିଯୁକ୍ତମାନେ ବିଳମ୍ବିତ ରାତିରେ ସାଧାରଣ ଲୋକଙ୍କୁ ଅଟକାଇ ଆକ୍ରମଣ କରୁଥିଲେ ଏବଂ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଜୋରଜବରଦସ୍ତି ଟଙ୍କା ଏବଂ ମୂଲ୍ୟବାନ ଜିନିଷ ଲୁଟୁଥିଲେ।

## ଛାଡ଼ପତ୍ର ଓ ଭରଣପୋଷଣ ମାମଲା:
# ଟେଲି ଅଭିନେତା ଗିରଫ ଜାମିନ ପ୍ରଦାନ କଲେ କୋର୍ଟ

କଟକ(ନିପ୍ର): ଗିରଫ ହେଲେ ଟେଲି ଅଭିନେତା ହରିଶ ଖଣ୍ଡେଲୱାଲ । ଛାଡ଼ପତ୍ର ଓ ଭରଣ ପୋଷଣ ମାମଲାରେ କୋର୍ଟଙ୍କ ଆଦେଶ ବଳରେ ହରିଶଙ୍କୁ ବାଦାମବାଡ଼ି ଥାନା ପୋଲିସ ଗିରଫ



କରିଛି । ହରିଶଙ୍କ ପ୍ରଥମ ସ୍ତ୍ରୀ ଛାଡ଼ପତ୍ର ଓ ଭରକ୍ଷ ପୋଷଣ ନେଇ ୮ ବର୍ଷ ତଳେ କୋର୍ଟରେ ମାମଲା ଦାୟର କରିଥିଲେ । ଏହି ମାମଲାକୁ ବିଚାରକୁ ନେଇ କୋର୍ଟ ହରିଶ ଖଣ୍ଡେଲୱାଲଙ୍କ ବିରୋଧରେ ଏନବିଡବ୍ଲୁ ବାଦାମବାଡ଼ି ଥାନାକୁ ଜାରି କରିଥିଲେ । କୋର୍ଟଙ୍କ ଏନବିଡବ୍ଲୁ ଆଦେଶ ପାଇବା ପରେ ପୋଲିସ ଅଭିନେତା ହରିଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହରିଶ କୋର୍ଟରେ ଭରଣ ପୋଷଣ ପାଇଁ ବାକି ଥିବା ୧୭ଲକ୍ଷ ଟଙ୍କା ଓ ପ୍ରତିମାସରେ ୩୧ ହଜାର ଟଙ୍କା ଦେବା ପାଇଁ ଚୁକ୍ତି କରିବା ପରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ସଂପ୍ରତି ହରିଶ ଟେଲି ଅଭିନେତ୍ରୀ ଜ୍ୟୋତିର୍ମୟୀଙ୍କୁ ବିବାହ କରି ୩ ବର୍ଷ ହେଲା ଏକାଠି ରହୁଛନ୍ତି । ପ୍ରଥମ ପତ୍ନୀ ଶୁଭଶ୍ରୀ ଏହାକୁ କୋର୍ଟରେ ଅବଗତ କରିଥିଲେ । କୋର୍ଟ ଏହାକୁ ବିଚାରକୁ ନେଇ ଏନବିଡବ୍ଲୁ ଜାରି କରିବା ସହ ହରିଶଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବାଦାମବାଡ଼ି ଥାନାକୁ ନିର୍ଦ୍ଦେଶ ଦେଇଥିଲେ ।

# ଯୁବତୀଙ୍କୁ ଅସଦାଚରଣ କରି ବନ୍ଧାହେଲେ ଯୁବକ

ଭୁବନେଶ୍ୱର(ନିପ୍ର): ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ସହ ତାଙ୍କ ମୋବାଇଲକୁ କଲ କରି ତାଙ୍କୁ ହଇରାଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ଶିବ ସୁନ୍ଦର ମଲ୍ଲିକ ଓରଫ ଶିବ (୨୨) ଓ ତାଙ୍କ ଘର ଭରତପୁର ଥାନା ଅନ୍ତର୍ଗତ ଜଗନ୍ନାଥବିହାର ଲେନ ୧ରେ ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତ ଜଣଙ୍କ ଏକ ମୋବାଇଲ ନମ୍ବରକୁ ବ୍ୟବହାର କରି ହ୍ୱାର୍ଟସପ ମେସେଜ ଏବଂ କଲ୍ ମାଧ୍ୟମରେ ଅଭିଯୋଗକାରିଣୀ ଏବଂ ତାଙ୍କ ପରିବାର ଲୋକଙ୍କୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ । ଏପରିକି ଅଭିଯୁକ୍ତ ଜଣଙ୍କ ପୀଡ଼ିତାଙ୍କୁ ବାରମ୍ବାର ସାଧାରଣରେ ଆକ୍ରମଣ କରିବା ସହ ଅପମାନିତ କରୁଥିଲେ। ଏହି ମାମଲାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଶିବକୁ ଗିରଫ କରିଛି ।

# ବସ୍ ଚଳାଚଳରେ ମାନମାନି ଯୋଗୁଁ ଯାତ୍ରୀ ହନ୍ତସନ୍ତ

ରମ୍ଭା(ନିପ୍ର): ଜିଲ୍ଲା ସଦର ମହକୁମା ଛତ୍ରପୁରଠାରୁ ପୁରୁଷୋତ୍ତମପୁର ରାସ୍ତାରେ ଯାତ୍ରୀବାହୀ ବସ୍‌ର ମନମାନି ଯୋଗୁଁ ଅନେକ ସମୟରେ ଅପେକ୍ଷାରତ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ବିଭିନ୍ନ ସରକାରୀ କାର୍ଯ୍ୟ ହେଉ କିମ୍ବା ବ୍ୟକ୍ତିଗତ କାର୍ଯ୍ୟରେ ଯାଇଥିବା ଯାତ୍ରୀଗାଡ଼ିକୁ ଅପେକ୍ଷା କରି ନିର୍ଦ୍ଧାରିତ ଗାଡ଼ିରେ ବସିଲା ବେଳକୁ ଗାଡ଼ି ନିର୍ଦ୍ଧାରିତ ସ୍ଥଳକୁ ନଯାଇ ଅଧା ରାସ୍ତାରେ ଯାତ୍ରୀକୁ ଛାଡ଼ିଦେବା ଅନେକ ସମୟରେ ଦେଖାଯାଏ। ଫଳରେ ଏହି ଗ୍ରୀଷ୍ମ କାଳରେ ଗରମରେ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ରୋଗୀ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଯିବା ଆସିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି । ଛତ୍ରପୁରରେ ଥିବା ପୁରୁଷୋତ୍ତମପୁର ବସ ପାଇଁ କିଛି ସୂଚନା ଫଳକ ନଥିବା ବେଳେ ବସ କର୍ମଚାରୀଙ୍କ ନିଷ୍ପତ୍ତି ହିଁ ନିର୍ଦ୍ଧାରିତ ସମୟ ବୋଲି ଧରାଯାଏ । ଛତ୍ରପୁରରୁ ପୁରୁଷୋତ୍ତମପୁର ମଧ୍ୟରେ ଡାଇରେକ୍ଟ କୌଣସି ସରକାରୀ ବସ୍ ଚଳାଚଳ ନହେବା ଫଳରେ ବେସରକାରୀ ବସ୍‌ଙ୍କ ଏଭଳି ମନମାନି ଦେଖିବାକୁ ମିଳୁଛି । ଏଥିପାଇଁ ସରକାରୀ କର୍ତ୍ତୃପକ୍ଷ କୌଣସି ନିର୍ଦ୍ଦେଶନାମା ଜାରି କରିନାହାନ୍ତି। ତେଣୁ ଏହି ରାସ୍ତାରେ ସରକାରୀ ବସ୍ ଚଳାଚଳ ପାଇଁ ବ୍ୟବସ୍ଥା କରିବା ସହ ବେସରକାରୀ ବସ୍ ଚଳାଚଳରେ ନିର୍ଦ୍ଦିଷ୍ଟ ନିୟମ ଜାରି କରିବାକୁ ସାଧାରଣରେ ଦାବି ହେଉଛି ।

# ଏ-୧ ଗ୍ରେଡ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ୪ ଜଣ ଛାତ୍ରଛାତ୍ରୀ ଗତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଶୁକ୍ରବାର କୁଚିଣ୍ଡା ସ୍ଥିତ ମନ୍ତ୍ରୀଙ୍କ ବାସଭବନରେ ଏ-୧ ଗ୍ରେଡ ପାଇଥିବା ବରୁଣ ପୃଷ୍ଟେ, ସୁଭଦ୍ରା ସ୍ନେହାସିନୀ ବେହେରା, ଯସ୍ମିନ ମହାପାତ୍ର ଓ ଅନନ୍ତ ପଟେଲଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସଫଳତା ପାଇଁ ସେମାନଙ୍କ ମା'ବାପାଙ୍କୁ ମଧ ଅଭିନନ୍ଦନ ଜଣାଇଛନ୍ତି। ଏହାଛଡା ସଂପୃକ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ପ୍ରେରଣା ଓ ଦିଗଦର୍ଶନ ଛାତ୍ରଛାତ୍ରୀଙ୍କୁ ଏଭଳି କୃତିତ୍ୱ ହାସଲ କରିବାରେ ସହାୟକ ହୋଇଥିବା ମନ୍ତ୍ରୀ ନାଏକ କହିଛନ୍ତି । ଏହି ପ୍ରତିଭାବାନ ଛାତ୍ରଛାତ୍ରୀ ଆଗାମୀ ଦିନରେ ନିଜକୁ ଦେଶ ଗଠନରେ ସାମିଲ କରି କୁଚିଣ୍ଡା ପାଇଁ ଗୌରବ ଆଣିବାକୁ ପରାମର୍ଶ ଦେଇଛନ୍ତି ।

# ଖତ ଖାଉଛି ମହାପୁରୁଷଙ୍କ ମୂର୍ତ୍ତି ଓ କଇଁଛ

ରମ୍ଭା(ନିପ୍ର): ବିଗତ ସରକାରଙ୍କ ଅମଳରେ ଲକ୍ଷ ଲକ୍ଷ ଟଙ୍କାର ବିକାଶମୂଳକ କାର୍ଯ୍ୟକ୍ରମରେ କରାଯାଇଥିବା ମହାପୁରୁଷଙ୍କ ମୂର୍ତ୍ତି ଓ କଇଁଛ ଏବେ ଖତ ଖାଉଛି । ନୂଆ ସରକାର ଅଣଦେଖା କରିବା, ସୁହାଇଲା ଭଳି କାମ ଚାଲୁ ରଖିବା, ରକ୍ଷଣାବେକ୍ଷଣ ଅଭାବରୁ ରମ୍ଭା ସହରାଞ୍ଚଳର ମୁକ୍ତାକାଶ ମିନି ପାର୍କ ଅବହେଳିତ ଅବସ୍ଥାରେ ପଡିରହିଛି । କର୍ପୁର ଉଡିଯାଇଛି କାନା ପଡ଼ି ରହିଛି ନୀତିରେ ରମ୍ଭା ଥାନା ସମ୍ମୁଖରେ ୪ ନମ୍ବର ଓ୍ୱାର୍ଡ଼ ବାଉରୀ ସାହି ପାର୍ଶ୍ୱରେ ମିନି ପାର୍କରେ ବୁଦ୍ଧଦେବଙ୍କ ସହ ଦୁଇଟି କଇଁଛ ଚତୁପାର୍ଶ୍ୱ ଉଇ ହୁଙ୍କା ସହିତ ସରୀସୃପଙ୍କ ଆତଜାତକୁ ଏଡାଇ ଦିଆଯାଇନପାରେ । ତତ୍‌ସହିତ ଯୋଜନା ଯାହାଙ୍କ ପାଇଁ ହୋଇଛି ସେମାନେ ଏହାର ଲାଭ ଉଠାଇ ପାଇପାରୁ ନାହାନ୍ତି । ଦିବାରାତ୍ର ଗୃହବନ୍ଦୀ ଭଳି ମୁଖ୍ୟଗେଟରେ ତାଲା ପଡିରହିଥିବା ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ଅସନ୍ତୋଷ ବୃଦ୍ଧି ଘଟିବାରେ ଲାଗିଛି । କିଛି ସମୟ ଖୋଲା ରହନ୍ତା ତାହେଲେ ପରିବେଶ ପରିଚ୍ଛନ୍ନ ଘାସ ବୁଦାରେ ପରିପୂର୍ଣ୍ଣ ହୋଇନଥାନ୍ତା । ସ୍ଥାନୀୟ ପ୍ରଶାସନ ବିହିତ ପଦକ୍ଷେପ ନେଇ ତତ୍ପରତା ଦେଖାଇଥାନ୍ତା ତାହାହେଲେ ୧୩ ଓ୍ୱାର୍ଡର ବିଭିନ୍ନ ସ୍ଥାନରେ ଉପରୋକ୍ତ ପାର୍କ, ଜିମ ବ୍ୟାପକ କ୍ଷୟକ୍ଷତିରୁ ବଞ୍ଚିତ ହୋଇପାରନ୍ତା ।

# କଟକ ଜିଲ୍ଲା ଶ୍ରେଷ୍ଠ ସ୍କାଉଟ୍ ଗାଇଡ଼ ଭାବେ ରାଜ୍ୟସ୍ତରୀୟ ପୁରସ୍କାର ପାଇଲେ




କଟକ(ନିପ୍ର): ଓଡ଼ିଶା ସ୍କାଉଟ ଗାଇଡ଼ କମିଶନରଙ୍କ ଦ୍ୱାରା ମନୋନୀତ ହୋଇଥିବା କଟକ ଜିଲ୍ଲାର ଭାରତ ସ୍କାଉଟ ଓ ଗାଇଡ଼ ଚଳିତବର୍ଷ ରାଜ୍ୟସ୍ତରୀୟ ପୁରସ୍କାର ହାସଲ କରିଛି । ଆଜି ଭୁବନେଶ୍ୱର ସ୍ଥିତ ରାଜ୍ୟପାଳଙ୍କ ବାସଭବନ ଅଭିଷେକ ହଲଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚଳିତ ବର୍ଷ ଭାରତ ସ୍କାଉଟ ଓ ଗାଇଡ଼ର ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ରାଜ୍ୟ ସ୍କାଉଟ କମିଶନର କଟକ ଜିଲ୍ଲା ସ୍କାଉଟ ଗାଇଡ଼ ସର୍ବାଧିକ ପଏଣ୍ଟ ହାସଲ କରି ଚଳିତ ବର୍ଷ ଶ୍ରେଷ୍ଠ ଜିଲ୍ଲା ଭାବେ ବିବେଚିତ ହୋଇ ରାଜ୍ୟସ୍ତରୀୟ ପୁରସ୍କାର ରାଜ୍ୟପାଳଙ୍କ ଠାରୁ ଗ୍ରହଣ କରିଥିଲେ । ସ୍କାଉଟ ଗାଇଡ଼ର ବିଭିନ୍ନ କାର୍ଯ୍ୟକୁ ରାଜ୍ୟପାଳ ଉଚ୍ଚ ପ୍ରଶଂସା କରି ଛାତ୍ରଛାତ୍ରୀମାନଙ୍କୁ ସେବା କ୍ଷେତ୍ରରେ ଉତ୍ସର୍ଗ କରିବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ବିଦ୍ୟାଳୟସ୍ତରରେ ସ୍କାଉଟ ଗାଇଡ଼କୁ ସକ୍ରିୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସ୍କାଉଟ ଗାଇଡ଼ କମିଶନର କାଳୀ ପ୍ରସନ୍ନ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଶା ବୈଠକ

କଟକ(ନିପ୍ର): ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ତୃତୀୟ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧକ୍ଷତାରେ ତଥା ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳୀ ବିଧାୟକ ଛବି ମଲ୍ଲିକ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ସିଏମସି ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ଦାସ, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ ଓ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଜିଲ୍ଲାରେ ଜଳଜୀବନ ମିଶନର କାର୍ଯ୍ୟକାରିତା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ସମଗ୍ର ଶିକ୍ଷା ଅଭିଯାନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନର ଯୋଜନା ଆଦି ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା । ଏଥିସହ ଦ୍ୱିତୀୟ ଦିଶା ବୈଠକର ଆଲୋଚନା ଉପରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ଜନପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୃହତ ପାଇପ ଜଳ ଯୋଗାଣ ପ୍ରକଳ୍ପର ଅବଗତି ସଂପର୍କରେ ସମୀକ୍ଷା କରାଯାଇଥିଲା ।

# ଯୁବକଙ୍କୁ ପିଟି ପିଟି ହତ୍ୟା
## କାରଣ ଅସ୍ପଷ୍ଟ, ପୋଲିସର ତଦନ୍ତ ଜାରି

କଟକ(ନିପ୍ର): ବାରଙ୍ଗ ଥାନା ଅନ୍ତର୍ଗତ ଗୋଡ଼ିସାହି ମୁଣ୍ଡୁଳି-ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗୋଟିଏ ଟ୍ରାଭେଲା ଗାଡ଼ିକୁ ପୋଡ଼ିଦେବା ସହ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଶୁକ୍ରବାର ଭୋର ସମୟରେ ଗୋଡ଼ିସାହି କେନାଲ ବନ୍ଧ ରାସ୍ତାର କିଛି ଦୂରରେ ଥିବା କଣ୍ଟାବାସେଣି ମନ୍ଦିର ଜଙ୍ଗଲ ରାସ୍ତାରେ ସ୍ଥାନୀୟ ଲୋକେ ଜଣେ ଯୁବକଙ୍କ ମୃତ ଦେହ ପଡ଼ିଥିବା ସହ ଗୋଟିଏ କାର ଜଳୁଥିବା ଦେଖିବାକୁ ପାଇଥିଲେ । ଏହା ପରେ ସ୍ଥାନୀୟ ଲୋକମାନେ ପୋଲିସକୁ ଏ ବିଷୟରେ ଖବର ଦେଇଥିଲେ । ସୂଚନା ପାଇ ଗୋଡ଼ିସାହି ଆଉଟପୋଷ୍ଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ମୃତ ଯୁବକର ପରିଚୟ ଅସ୍ପଷ୍ଟ ରହିଥିବା ବେଳେ ମୃତକଙ୍କ ମୁଣ୍ଡ ଓ ଦେହରେ ଗଭୀର ଆଘାତ ସହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କ ମୃତଦେହ ପଡ଼ିଥିଲା । ଘଟଣା ସ୍ଥଳରୁ ପୋଲିସ ଏକ ରକ୍ତ ଭିଜା ଲୁହା ରଡ଼ ଜବତ କରିଛି । ପୋଲିସ ସାଇଣ୍ଟିଫିକ୍ ଟିମ ସହିତ ମାମଲାର ଅଧିକ ଅନୁସନ୍ଧାନ ଜାରି ରଖିଛି ।

# ମିଳିତ ଟ୍ରେଡ୍ ୟୁନିୟନର କନଭେନସନ

କଟକ(ନିପ୍ର): ସ୍ଥାନୀୟ ଏସଏନ ସରକାର ମେମୋରିଆଲ ହଲରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ କର୍ମଚାରୀ ଫେଡ଼େରେସନ ମାନଙ୍କର ଏକ ଜିଲ୍ଲାସ୍ତରୀୟ କନଭେନସନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କିଶୋର ଜେନା, ରବି ନାରାୟଣ ମଲ୍ଲିକ, ଖଗେଶ୍ୱର ସେଠୀ, ମନୋରଂଜନ ମହାରଣା, ଗୋକୁଳାନନ୍ଦ ବେହେରା ଓ ବିପିନ ପାଢ଼ି ପ୍ରମୁଖ ଯୋଗ ଦେଇଥିଲେ । ଜନାର୍ଦ୍ଦନ ପତି, ଅମରେନ୍ଦ୍ର ମହାନ୍ତି, ରାଜକିଶୋର ମଲିକ, ସୌଭାଗ୍ୟ କେତନ ସମାଲ, ଅଭୟ ଦାସ ଓ ବିଜୟ ପଡ଼ିହାରୀ ପ୍ରମୁଖ କନଭେନସନରେ ବକ୍ତବ୍ୟ ରଖି ମୋଦି ସରକାରଙ୍କ କର୍ପୋରେଟ ସପକ୍ଷବାଦୀ ଏବଂ ଶ୍ରମିକବିରୋଧୀ ଓ ସାଂପ୍ରଦାୟିକ ବିଭାଜନକାରୀ ନୀତି ବିରୁଦ୍ଧରେ ପ୍ରଚାର ଅଭିଯାନ ଚଳାଇବାକୁ ଅନୁରୋଧ କରିଥିଲେ । ମେ ୨୦ ଦେଶବ୍ୟାପୀ ଧର୍ମଘଟ ସଂପର୍କରେ ୧୫ ତାରିଖରେ ସର୍ବଭାରତୀୟ ସ୍ତରରେ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ଓ ତା ପରେ ମଧ୍ୟ ସାଧାରଣ ଶ୍ରମିକ କର୍ମଚାରୀମାନଙ୍କ ମଧ୍ୟରେ ସଭା ସମିତି ଜରିଆରେ ପ୍ରଚାର ଅଭିଯାନ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ଜମି ବିବାଦକୁ ନେଇ ବିଲ୍ଡରଙ୍କୁ ହତ୍ୟା ମାମଲା, ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଜଟଣୀ ବ୍ଲକ ପ୍ରଧାନସାହି ଖେଳ ପଡିଆ ନିକଟ କାଜୁ ଜଙ୍ଗଲରୁ ୟୁନିଟ -୬ ଅଂଚଳରେ ରହୁଥିବା ସସ୍ମିତ ବିଶ୍ୱାଳ ଓରଫ ଚିନୁ ନାମକ ଜଣେ ବିଲ୍ଡରଙ୍କ ମୃତ ଦେହକୁ ଏପ୍ରିଲ ୧୧ ତାରିଖ ସନ୍ଧ୍ୟାରେ ପୋଲିସ ଜବତ କରିଥିଲା। ଜମିଜମା ବିବାଦକୁ କେନ୍ଦ୍ରକରି ବିଲ୍ଡର ଚିନୁଙ୍କୁ ତାଙ୍କର କିଛି ସହଯୋଗୀ ବାଉଁଶରେ ପିଟିପିଟି ହତ୍ୟା କରିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଏହି ମାମଲାରେ ପୂର୍ବରୁ ୩ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଶୁକ୍ରବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ। ଗିରଫ ଅଭିଯୁକ୍ତଙ୍କ ନାମ ସୁକାନ୍ତ ପରିଡ଼ା ଓରଫ ସୁକା (୩୬)। ଗିରଫ ସୁକାର ଘର ସ୍ଥାନୀୟ ପ୍ରଧାନ ସାହିରେ ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ପୋଲିସ ଗୋଟାଏ ସ୍କୁଟି ଏବଂ ଏକ ମୋବାଇଲ ଫୋନକୁ ପୋଲିସ ଜବତ କରିଛି। ପୂର୍ବରୁ ଏହି ମାମଲାରେ ପୋଲିସ ଘଟଣାର ମାଷ୍ଟରମାଇଣ୍ଡ ହୋମଗାର୍ଡ ସୁକାନ୍ତ ବେହେରା, ଗୁଲୁ ମହାନ୍ତି ଓ ମନୋଜ୍ ବେହେରା। ପ୍ରାପ୍ତ ସୂଚନା ଅନୁଯାୟୀ, ମୃତ ବିଲଡ଼ର ଚିନୁ ଏୟାରଫିଲଡ ଥାନା ଅଂଚଳରେ କିଛି ବର୍ଷ ହେବ ଜମି ବ୍ୟବସାୟ କରିଆସୁଥିଲେ। ଗତ ୨ ବର୍ଷ ତଳେ ଏୟାରଫିଲ୍ଡ ଥାନା ଅଧିନ ପ୍ରଧାନସାହି ନିକଟରେ ମାଷ୍ଟରମାଇଣ୍ଡ ହୋମଗାର୍ଡ ସୁକାନ୍ତ ବେହେରାର ଏକ ଜମିକୁ ସେ ବିକ୍ରି କରିବାକୁ ବିଲଡର ଚିନୁଙ୍କୁ କହିଥିଲା। ପରେ ସେହି ଜମିକୁ ନେବା ପାଇଁ ଚିନୁ ଅଭିଯୁକ୍ତ ସୁକାନ୍ତକୁ ଅଧା ଟଙ୍କା ଦେବା ସହ ଏକ ଏଗ୍ରିମେଂଟ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ହୋମଗାର୍ଡ ସୁକାନ୍ତ ନିଜ ପୁଲିସ ପୋଷାକର କ୍ଷମତାକୁ ଅପବ୍ୟବହାର କରି ଶେଷରେ ବିଲଡର ଚିନୁଙ୍କୁ ଟଙ୍କା ଫେରସ୍ତ କରିଥିଲା ନାଁ ଜମି ଦେଇଥିଲା। ଏନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହ ଏୟାରଫିଲ୍ଡ ଥାନାରେ ଏକ ମାମଲା ହୋଇଥିଲା। ସେବେଠାରୁ ଏହି ଜମିବାଡିକୁ ନେଇ ବିବାଦ ଲାଗିରହିଥିବା ବେଳେ ହତ୍ୟାର ପୂର୍ବ ଦିନ ସେହି ଜମିରେ କିଛି ବେଆଇନ୍ ? ପଥର ପଡ଼ିଥିବା ବେଳେ ତାକୁ ଚିନୁ ଆଇନର ଆଶ୍ରୟ ନେଇ ପୁଲିସ ଛିଡ଼ା କରି ପଥର ସବୁକୁ ସେଠାରୁ ହଟାଇଥିଲେ। ପରେ ସେ ନିଜ ୟୁନିଟ୍ ?-୬ ଘରକୁ ପ୍ରଧାନସାହି ରାସ୍ତା ଦେଇ ଜଟଣୀ ଯିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ପ୍ରଧାନସାହି ଛକରୁ ଅପହରଣ କରିନେଇ ନିକଟସ୍ଥ କାଜୁ ଜଙ୍ଗଲକୁ ନେଇଥିଲେ। ସେଠାରେ ତାଙ୍କୁ ୬ରୁ ୭ ଜଣ ମିଶି କାଠଫାଳିଆରେ ଆକ୍ରମଣ କରି ହତ୍ୟା କରିବା ସହ ସେଠାରେ ଚିନୁଙ୍କ ମୃତଦେହକୁ ଫୋପାଡି ସମସ୍ତେ ସେଠାରୁ ଫେରାର ହୋଇଯାଇଥିଲେ। ସନ୍ଧ୍ୟା ୫ଟା ବେଳେ କିଛିଲୋକ କାଜୁ ଜଙ୍ଗଲକୁ ଯାଇଥିବା ବେଳେ ଚିନୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସଙ୍ଗେ ସଙ୍ଗେ ଏୟାରଫିଲ୍ଡ ଥାନାକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଂଚିବା ସହ ସାଇଂଟିଫିକ୍ ଟିମ ମଧ୍ୟ ପହଂଚି ଛାନଭିନ ଚଳାଇ ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ଏନେଇ ଚିନୁଙ୍କ ପରିବାର ଲେଶକେ ଖବର ପାଇ ହସ୍ପିଟାଲରେ ପହଂଚିବା ସହ ମୃତ ଚିନୁଙ୍କ ବଡ଼ ଭାଇ ଦେବଦତ୍ତ ମହାନ୍ତି ଥାନାରେ ଏକ ହତ୍ୟା ଅଭିଯୋଗ କରିଥିଲେ। ତାଙ୍କ ଭାଇଙ୍କୁ ୭ ଜଣ ମିଶି ହତ୍ୟା କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଥିଲା। ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁକରି ରାତାରାତି ମାଷ୍ଟରମାଇଣ୍ଡ ହୋମଗାର୍ଡ ସମେତ ବାକି ୨ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା।

# ଟ୍ରକ କ୍ୟାବିନରୁ ଟଙ୍କା ଲୁଟ୍, ପେସାଦାର ଲୁଟେରା ଗିରଫ

ଭୁବନେଶ୍ୱର(ନିପ୍ର): କ୍ୟାପିଟାଲ ଥାନା ଅନ୍ତର୍ଗତ ଅଶୋକ ନଗରରେ ଏକ ଫଳ ବୋଝେଇ ଟ୍ରକ ଶୁକ୍ରବାର ଫଳ ଖଲାସି କରୁଥିବା ବେଳେ ଟ୍ରକର ଡ୍ରାଇଭର କ୍ୟାବିନରେ ପଶି ଜଣେ ଅଭିଯୁକ୍ତ ସେଥିରେ ଥିବା ଟଙ୍କା ଲୁଟ କରି ନେଇଥିଲା। ଏହି ସମୟରେ ଟ୍ରକ ଡ୍ରାଇଭର ବିବେକ କୁମାରଙ୍କ ସହ ଅଭିଯୁକ୍ତ ରବି ହରିଚନ୍ଦନଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଅଭିଯୁକ୍ତ ରବି ଟ୍ରକ ଡ୍ରାଇଭରଙ୍କୁ ଆକ୍ରମଣ କରି କ୍ୟାବିନରେ ଥିବା ୪ ହଜାର ୪ଶହ ଟଙ୍କାକୁ ଲୁଟ୍ କରି ନେଇଥିଲା। ଏନେଇ ଡ୍ରାଇଭର ବିବେକ କୁମାର କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରବିକୁ ଗିରଫ କରିବା ସହ ତା' ଠାରୁ ୨୫ଶହ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଜଣେ ପେଶାଦାର ଲୁଟେରା ହୋଇଥିବା ବେଳେ ତା' ନାମରେ ୧୧ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

# ବ୍ଲକଗ୍ରାଣ୍ଟ କର୍ମଚାରୀଙ୍କୁ ବଦଳି କରାଯାଇ ପାରିବ ନାହିଁ: ହାଇକୋର୍ଟ

କଟକ(ନିପ୍ର): ବ୍ଲକ ଗ୍ରାଣ୍ଟ କର୍ମଚାରୀଙ୍କ ବଦଳି ପ୍ରସଙ୍ଗରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ବ୍ଲକ ଗ୍ରାଣ୍ଟ ପାଉଥିବା ଅଣଶିକ୍ଷକ କର୍ମଚାରୀଙ୍କୁ ଗୋଟିଏ ଶିକ୍ଷାନୁଷ୍ଠାନରୁ ଅନ୍ୟ ଏକ ଅନୁଷ୍ଠାନକୁ ବଦଳି କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁରେନ୍ଦ୍ର କୁମାର ଜେନାଙ୍କ ରିଟ ଅପିଲର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, ଆବେଦନକାରୀ ଧାମନଗର କଲେଜରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟରତ ଥିବାବେଳେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ମାର୍ଚ୍ଚ ୧୦ରେ ନିର୍ଦ୍ଦେଶନାମା ତାଙ୍କ ନିକଟରେ ପହଞ୍ଚିଥିଲା । ତାଙ୍କୁ ଜିଲ୍ଲା ଭିତରର ନାମୀ କଲେଜରେ କାର୍ଯ୍ୟ କରିବାକୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଆଦେଶ ଦେଇଥିଲେ । ପ୍ରଶାସନିକ କାରଣରୁ ଏପରି ଆଦେଶ ଦିଆଯାଇଥିବା ମାର୍ଚ୍ଚ ୧୦ର ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଥିଲା । ଏପରି ନିର୍ଦ୍ଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ମାର୍ଚ୍ଚ ୨୦ରେ ମାମଲାର ଶୁଣାଣି କରି ମାର୍ଚ୍ଚ ୧୦ର ନିର୍ଦ୍ଦେଶରେ



ହସ୍ତକ୍ଷେପ କରିବାକୁ ମନା କରିଥିଲେ । ଜଣିକିଆ ବିଚାରପତିଙ୍କ ମାର୍ଚ୍ଚ ୨୦ର ରାୟକୁ ଚାଲେଂଜ କରି ଆବେଦନକାରୀ ୨ ଜଣିଆ ଖଣ୍ଡପୀଠରେ ରିଟ ଅପିଲ ଦାୟର କରିଥିଲେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ, ବ୍ଲକ ଗ୍ରାଣ୍ଟ କର୍ମଚାରୀଙ୍କ କ୍ୟାଡ଼ର ଗଠନ କରାଯାଇନାହିଁ । ତେଣୁ ନିୟମ ଅନୁସାରେ ବ୍ଲକଗ୍ରାଣ୍ଟ କର୍ମଚାରୀଙ୍କ ବଦଳି ହୋଇପାରିବ ନାହିଁ । ସେ ଜଣେ ବ୍ଲକ ଗ୍ରାଣ୍ଟ କର୍ମଚାରୀ । ତେଣୁ ଭଦ୍ରକ ଜିଲ୍ଲାର ମିନିଷ୍ଟରିଆଲ କର୍ମଚାରୀଙ୍କ ସାଧାରଣ କ୍ୟାଡ଼ରରେ ସେ ଅନ୍ତର୍ଭୁକ୍ତ ହୋଇ ନାହାନ୍ତି । ତେଣୁ ତାଙ୍କୁ ଅନ୍ୟ ଏକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରିବାକୁ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ପ୍ରଦାନ କରିଥିବା ଆଦେଶ ବେଆଇନ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା । ଏଥିସହ ୨୦୨୨ ଏପ୍ରିଲ ୧୬ର ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରସଙ୍ଗରେ ଆବେଦନକାରୀଙ୍କ ତରଫରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ବିଜ୍ଞପ୍ତି ଅନୁସାରେ ବ୍ଲକ ଗ୍ରାଣ୍ଟ କର୍ମଚାରୀଙ୍କୁ ବଦଳି କରାଯାଇ ପାରିବ ନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା । ହାଇକୋର୍ଟ ମାମଲାର ଶୁଣାଣି କରି ପ୍ରକାଶ କରିଥିବା ରାୟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୨ ଏପ୍ରିଲ ୧୬ରେ ଉଚ୍ଚଶିକ୍ଷା ବିଭାଗ ସ୍ପଷ୍ଟୀକରଣ ବିଜ୍ଞପ୍ତି ଜାରି କରିଥିଲା । ଏଥିରେ ବେସରକାରୀ ଅନୁଦାନପ୍ରାପ୍ତ କଲେଜର ବ୍ଲକଗ୍ରାଣ୍ଟ ପାଉଥିବା କର୍ମଚାରୀଙ୍କୁ ଗୋଟିଏ ଅନୁଷ୍ଠାନରୁ ଅନ୍ୟ ଅନୁଷ୍ଠାନକୁ ବଦଳି କରାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା । ଏପରି କର୍ମଚାରୀମାନେ ରାଜ୍ୟବ୍ୟାପୀ ସାଧାରଣ କ୍ୟାଡ଼ରରେ ଅନ୍ତର୍ଭୁକ୍ତ ହୋଇନଥିବାରୁ ସେମାନଙ୍କୁ ବଦଳି କରାଯାଇ ପାରିବ ନାହିଁ । ଏହି ବିଜ୍ଞପ୍ତିକୁ ହାଇକୋର୍ଟ ବିଚାରକୁ ନେଇ ଆବେଦନକାରୀଙ୍କୁ ଅନ୍ୟ ଏକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରିବାକୁ ମାର୍ଚ୍ଚ ୧୦ରେ ଦିଆଯାଇଥିବା ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସମୀର କୁମାର ଦାସ ମାମଲା ପରିଚାଳନା କରୁଥିଲେ ।

# ସପ୍ତାହେ ପରେ ଆରମ୍ଭ ହେବ ଆଇପିଏଲ !



ନୂଆଦିଲ୍ଲୀ,୯।୫: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତୁରନ୍ତ ପ୍ରଭାବରେ ଚଳିତ ଆଇପିଏଲ ୨୦୨୫ର ବାକି ମ୍ୟାଚ ଗୁଡ଼ିକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ରାଜୀବ ଶୁକ୍ଲା କହିଛନ୍ତି ଯେ ବର୍ତ୍ତମାନ ଆଇପିଏଲ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ଅଛି। ପରେ, ପରିସ୍ଥିତି ଦେଖିବା ଏବଂ ଆଲୋଚନା କରିବା ପରେ, ଆମେ ବାକି ମ୍ୟାଚ ଗୁଡ଼ିକୁ କିପରି ପରିଚାଳନା କରିବୁ ତାହା ନିଷ୍ପତ୍ତି ନେବୁ। ସେନା ପାଇଁ ଆମେ ଗର୍ବିତ, ବିସିସିଆଇ ସେନା ଏବଂ ସରକାରଙ୍କ ସହିତ ଛିଡ଼ା ହୋଇଛି। ଏହି ସମୟରେ ରାଜୀବ ଶୁକ୍ଲାଙ୍କୁ ପଚରାଯାଇଥିଲା ଯେ ମ୍ୟାଚ ଭାରତରେ ହେବ ନା ବିଦେଶରେ, ଏହି ପ୍ରଶ୍ନରେ ସେ କହିଥିଲେ, 'ଆମେ ସମସ୍ତଙ୍କ ସହ କଥା ହେବୁ ଏବଂ ମ୍ୟାଚ କିପରି ଆୟୋଜନ କରାଯିବ ତାହା ନିଷ୍ପତ୍ତି ନେବୁ।' ବିଦେଶୀ ଖେଳାଳିମାନେ ଏଠାରେ ଗୋଟିଏ ସପ୍ତାହ ରହିବାକୁ ଚାହାଁନ୍ତି ନା ନିଜ ଦେଶକୁ ଫେରିବାକୁ ଚାହାଁନ୍ତି ତାହା ନିଜେ ନିଷ୍ପତ୍ତି ନେବେ। କ୍ରମାଗତ ଭାବରେ ବଢୁଥିବା ଉତ୍ତେଜନା ମଧ୍ୟରେ, କମିଟି ଆଇପିଏଲକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ଆଇପିଏଲ ହେବ କି ନାହିଁ ତାହା ନିଷ୍ପତ୍ତି ଗଭର୍ଣ୍ଣିଂ କାଉନସିଲ ନେବ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ବିସିସିଆଇ ଦେଶ ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛି। ବୋର୍ଡ କହିଛି ଯେ ଆମେ ଭାରତ ସରକାର, ସଶସ୍ତ୍ର ବାହିନୀ ଏବଂ ଆମ ଦେଶର ଲୋକଙ୍କ ସହିତ ଆମର ଏକତା ପ୍ରକାଶ କରୁଛୁ। ବୋର୍ଡ ଆମର ସଶସ୍ତ୍ର ବାହିନୀର ସାହସ, ଧୈର୍ଯ୍ୟ ଏବଂ ସେବାକୁ ସଲାମ କରେ। ସେ ଅପରେଶନ ସିନ୍ଦୂର ମାଧ୍ୟମରେ ସମ୍ପ୍ରତି ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ଦେଇଥିଲେ। ଯେଉଁଥିରେ ପାକିସ୍ତାନର ୯ଟି ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା।

# ମହାବୀର କପ୍ ଜିଲ୍ଲାସ୍ତରୀୟ କ୍ରିକେଟ: ବରୁଣାଇଁ ଦଳ ଚାମ୍ପିଅନ



କୃଷ୍ଣପ୍ରସାଦ,୯/୫(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଉଦୟନାଥ ଷ୍ଟାଡିୟମ ଚାରିଛକଠାରେ ଭାଗବତ ଦେବ ସାଂସ୍କୃତିକ ଯୁବକ ସଂଘ ଟୁବୁକା ଆନୁକୂଲ୍ୟରେ ଏବଂ ଜେବିଏସ ଆକ୍ୟୁଆଟିକ ସହଯୋଗରେ ଚାଲିଥିବା ୨୩ତମ ମହାବୀର କପ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ମା ବରୁଣାଇଁ ଦଳ ଚାମ୍ପିଅନ ହୋଇଛି । ଏହି ଦିବସର ଖେଳ ମା ବରୁଣାଇଁ କ୍ରିକେଟ ଟିମ୍ ନନ୍ଦଳା ବନାମ ମା ଚାମୁଣ୍ଡା କ୍ରିକେଟ ଟିମ୍ ବ୍ରାହ୍ମଣଦେଓ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନନ୍ଦଳା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ମଧ୍ୟରେ ୧୪୮ ରନ ସଂଗ୍ରହ କରିଥିବା ବେଳେ ବ୍ରାହ୍ମଣଦେଓ ଦଳ ଆବଶ୍ୟକ ରନ ସଂଗ୍ରହ ନକରିପାରି ପରାଜୟ ହୋଇଥିଲା । ଯାହା ଫଳରେ ବରୁଣାଇଁ ଦଳ ନନ୍ଦଳା ଚାମ୍ପିଅନ ହୋଇଥିଲା । ସୁନୀଲ କୁମାର ଜେନା, ସଂଗ୍ରାମ କୁମାର ଜେନା ଖେଳ ପରିଚାଳନା କରିଥିବା ବେଳେ ଚିନ୍ମୟ କୁମାର ଜେନା, ଧୃଶାସନ ତରେଇ ଧାରା ବିବରଣୀ ଏବଂ ସ୍କୋର ବୋର୍ଡରେ ରିଙ୍କୁ ଜେନା ସହଯୋଗ କରିଥିଲେ । ଏହି ଦିବସରେ ନିମନ୍ତ୍ରିତ ଅତିଥି ଭାବେ ଜେବିଏସ ଆକ୍ୟୁଆଟିକ ମୁଖ୍ୟ ପରିଚାଳକ ବାଲୁଙ୍କେଶ୍ୱର ବିଶ୍ୱାଳ, ବଡ଼ଅଁଳ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ନାଲୁ ପ୍ରଧାନ, ଟୁବୁକା ଗ୍ରାମ୍ୟ କମିଟି ସଭାପତି କାଶୀନାଥ ଜେନା, ଯୁବ ସମାଜସେବୀ ବିଷ୍ଣୁ ଚରଣ ବେହେରା, ପୂର୍ବତନ ସରପଞ୍ଚ ନବୀନ କୁମାର ଜେନା, ଯୁବନେତା କାହ୍ନୁ ଚରଣ ଜେନା, ବୁଦ୍ଧିମାନ ଜେନା, ପଞ୍ଚାନନ ଜେନା ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଭାଗବତ ଦେବ ସାଂସ୍କୃତିକ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଏବଂ ଟୁବୁକା ଗ୍ରାମବାସୀ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ ।

## ରଗ୍ ବି ଦଳରେ କିସ୍ ଛାତ୍ରଙ୍କ ରୌପ୍ୟ ହାସଲ

**ଭୁବନେଶ୍ୱର, ୯/୫(ନିପ୍ର):** ଦକ୍ଷତା ଏବଂ ଦୃଢ଼ତାର ଏକ ରୋମାଞ୍ଚକର ପ୍ରଦର୍ଶନରେ, ଓଡ଼ିଶା ରଗ୍ ବି ଦଳଗୁଡ଼ିକ ମଇ ୫ ରୁ ୯ ୨୦୨୫ ପର୍ଯ୍ୟନ୍ତ ବିହାର ଲୋକ ପ୍ରଶାସନ ଏବଂ ଗ୍ରାମୀଣ ବିକାଶ ପ୍ରତିଷ୍ଠାନ, ପାଟନାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଯୁବ ଜାତୀୟ କ୍ରୀଡ଼ାରେ ନିଜର ନାମ ଗୌରବରେ ପ୍ରକାଶ କରିଥିଲେ। ଓଡ଼ିଶା ବାଳିକା ଦଳ ମହାରାଷ୍ଟ୍ରକୁ ୩୪-୩୧ ପଏଣ୍ଟରେ ପରାସ୍ତ କରି ଜାତୀୟ ଚାମ୍ପିଅନ୍ ଭାବରେ ଉଭା ହୋଇଥିଲା, ଯେତେବେଳେ ବାଳକ ଦଳ ଅପାର ପ୍ରତିଭା ଏବଂ କ୍ରୀଡା ମନୋଭାବ ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଥିଲା, ଅଳ୍ପ କିଛି ସ୍କୋରରେ ୨୫-୩୪ ସ୍କୋର ସହିତ ମହାରାଷ୍ଟ୍ରଠାରୁ ପରାସ୍ତ ହୋଇଥିଲା। ଏହି ବିଜୟର ହୃଦୟ କଳିଙ୍ଗ ସାମାଜିକ ବିଜ୍ଞାନ ପ୍ରତିଷ୍ଠାନ (କିସ୍)ରେ ସବୁଠାରୁ ଅଧିକ ସ୍ପନ୍ଦିତ ହୋଇଥିଲା, ଯାହାର ଯୁବ ଖେଳାଳିମାନେ ଓଡ଼ିଶାର ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାଳିକା ଦଳରେ କିସ୍‌ର ତିନି ଜଣ ଉଦୀୟମାନ ତାରକା - ସବିତା ମୁର୍ମୁ, ଲିସାରାଣି ରଇତା ଏବଂ ଶୁଭଶ୍ରୀ ମଲ୍ଲିକ - ଥିଲେ - ଯେଉଁମାନେ ପ୍ରତ୍ୟେକ ମ୍ୟାଚ୍ ପାଇଁ ଉତ୍ସାହ ଏବଂ ଦୃଢ଼ତା ଆଣିଥିଲେ, ଯାହା ସେମାନଙ୍କର ଅବିସ୍ମରଣୀୟ ସ୍ୱର୍ଣ୍ଣ ପଦକ ବିଜୟରେ ପରିଣତ ହୋଇଥିଲା।





ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପାଇଁ ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ- ଦିନଲିପି)

## ଯାତ୍ରୀମାନେ ଭୟଭୀତ ହୁଅନ୍ତୁ ନାହିଁ : ଏୟାରପୋର୍ଟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୯/୫(ନିପ୍ର):** ଯାତ୍ରୀମାନେ ଭୟଭୀତ ହୁଅନ୍ତୁ ନାହିଁ। ଭୁବନେଶ୍ୱର ବିମାନ ବନ୍ଦରରେ ଅପରେସନ ସ୍ୱାଭାବିକ ରହିଛି। ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହି ସୂଚନା ଦେଇଛନ୍ତି। କେବଳ ଗୋଟିଏ ଫ୍ଲାଇଟ କ୍ୟାନସେଲ ହୋଇଛି। ଏନେଇ ସୂଚନା ଦିଆଯାଇଛି ଯେ ହିଣ୍ଡନ ଫ୍ଲାଇଟ କ୍ୟାନସେଲ ହୋଇଛି। ହିଣ୍ଡନ ଉପଲବ୍ଧ ହେଉ ନାହିଁ ବୋଲି ଏଭଳି ସ୍ଥିତି ହୋଇଛି। ଭୁବନେଶ୍ୱର ବିମାନ ବନ୍ଦରରେ ପକ୍ଷରୁ ଯେମିତି ପ୍ରସ୍ତୁତ କରିବା ସେଭଳି ପ୍ରସ୍ତୁତି ସରିଛି। ଅନ୍ୟପଟେ ଆଭ୍ୟନ୍ତରୀଣ ସୁରକ୍ଷା ନେଇ ଯାହା ଏସଓପି ରହିଛି। ତାକୁ ଅନୁସରଣ କରି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଉତ୍ତର ଭାରତ ଏବଂ ପଶ୍ଚିମ ଭାରତ କିଛି ଏୟାରପୋର୍ଟ ବନ୍ଦ କରାଯାଇଛି। ଯାତ୍ରୀ ଭୟଭୀତ ହୁଅନ୍ତୁ ନାହିଁ। ସବୁ ଅପରେସନ ସ୍ୱାଭାବିକ ରହିଛି ବୋଲି ସେ କହିଛନ୍ତି ।

## ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟ ଅବକାରୀ ନୀତି

**ଭୁବନେଶ୍ୱର, ୯/୫(ନିପ୍ର):** ରାଜ୍ୟ ସରକାର ଚଳିତମାସ ଶେଷ ସୁଦ୍ଧା ଆଣିବାକୁ ଯାଉଛନ୍ତି ରାଜ୍ୟ ଅବକାରୀ ନୀତି। ଏହି ପଲିସି ତିନିବର୍ଷ ପାଇଁ କାର୍ଯ୍ୟକାରୀ ହେବ। ପୂର୍ବରୁ ଅବକାରୀ ନୀତି କେବଳ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାରୀ ହେଉଥିଲା। ଏହାପରେ ଅଧିକ ବିଚାରବିମର୍ଶ କରି ରାଜ୍ୟ ସରକାର ପଲିସିରେ କିଛିଟା ପରିବର୍ତ୍ତନ କରିବାକୁ ଯାଉଛନ୍ତି । ବିଭିନ୍ନ ରାଜ୍ୟର ଅବକାରୀ ନୀତିକୁ ତର୍ଜମା କରାଯାଇ ପୋଲିସିରେ ପରିବର୍ତ୍ତନ ସହ ଏହାକୁ କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଉଥିବା କହିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

# ମେରାଇନ ଥାନା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

କୋଣାର୍କ,୯/୫(ନିପ୍ର): ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନସ୍ଥ ଚନ୍ଦ୍ରଭାଗା ସମୁଦ୍ରର ଜଳପଥରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କାରେ ସାମୁଦ୍ରିକ ଥାନା ପୋଲିସ୍ ପକ୍ଷରୁ ଚନ୍ଦ୍ରଭାଗା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକ ଓ ଜନସାଧାରଣ ମାନଙ୍କ ସୁରକ୍ଷା ଦୃଷ୍ଟିରେ ରଖି ସମୁଦ୍ର କୂଳରେ ପାଟ୍ରୋଲିଂ କରାଯିବା ସହିତ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ପ୍ରତିମା ସାହୁଙ୍କ ନେତୃତ୍ୱରେ ସାମୁଦ୍ରିକ ଥାନା ପୋଲିସ କର୍ମଚାରୀମାନେ ଚନ୍ଦ୍ରଭାଗା ସମୁଦ୍ର ତଟରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିଛନ୍ତି। ସମୁଦ୍ରର ଜଳ ପଥରେ ଆତଙ୍କବାଦୀ ହାମଲା ନେଇ ସଜାଗ ହୋଇଛି ଚନ୍ଦ୍ରଭାଗା ଥାନା ପୋଲିସ୍। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ମକଡ୍ରିଲ କରି ପର୍ଯ୍ୟଟକ ଓ ଜନସାଧାରଣ ମାନଙ୍କୁ ସଚେତନତା କରିବା ଦିଗରେ କାର୍ଯ୍ୟ ଅବ୍ୟାହତ ରଖିଛନ୍ତି। ଚନ୍ଦ୍ରଭାଗା ସମୁଦ୍ର କୂଳରେ ଆତଙ୍କବାଦୀ ହମଲା ଉପରେ ରୋକ୍ ଲଗାଇବା ପାଇଁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ୍ ପକ୍ଷରୁ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା ସହ ସୁରକ୍ଷା ବ୍ୟବସ୍ଥା ଉପରେ ପୋଲିସ୍ କର୍ମଚାରୀମାନେ ସଜାଗ ହୋଇ ରହିଛନ୍ତି ବୋଲି ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ପ୍ରତିମା ସାହୁ ପ୍ରକାଶ କରିଛନ୍ତି।

## ତିନି ମହିଳାଙ୍କୁ ସମ୍ମାନିତ କଲା ବେଦାନ୍ତ ଆଲୁମିନିୟମ

**ଭୁବନେଶ୍ୱର, ୯/୫(ନିପ୍ର):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଆଇସିସି ଆଇଏନଡବ୍ଲୁଇସି ବ୍ୟବସାୟ ମେଳା ୨୦୨୫ରେ ମହିଳାମାନଙ୍କ ବିକାଶ ପାଇଁ ଏହାର ପରିବର୍ତ୍ତନକାରୀ ପଦକ୍ଷେପର ଏକ ସ୍ପଷ୍ଟ ପ୍ରଦର୍ଶନ ଉପସ୍ଥାପନ କରିଛି। ସମଗ୍ର ଓଡ଼ିଶାରେ ମହିଳା ଉଦ୍ୟୋଗୀ ଏବଂ ନେତାମାନଙ୍କୁ ପାଳନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରି ଏହି କାର୍ଯ୍ୟକ୍ରମ ଭାରତୀୟ ବାଣିଜ୍ୟ ଚାମ୍ବର (ଆଇସିସି)ର ତତ୍ତ୍ୱାବଧାନରେ ଭାରତୀୟ ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ (ଆଇଏନଡବ୍ଲୁଇସି) ଦ୍ୱାରା ଆୟୋଜିତ ହୋଇଥିଲା। ବେଦାନ୍ତ କମ୍ପାନୀ ଦ୍ୱାରା ସମର୍ଥିତ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ପ୍ରକଳ୍ପରୁ ଉଦ୍ଭାବନକାରୀ ମହିଳା ଉଦ୍ୟୋଗୀ ମାନଙ୍କ ଦ୍ୱାରା ଡିଜାଇନ୍, ବିକଶିତ ଏବଂ ବିପଣନ କରାଯାଇଥିବା ବିଭିନ୍ନ ଉତ୍ପାଦ ପ୍ରଦର୍ଶନ କରାଯାଇଥିଲା। ଏଥିରେ ୫୦୦୦ରୁ ଅଧିକ ସଦସ୍ୟଙ୍କ ସହିତ ଓଡ଼ିଶାର ସର୍ବବୃହତ ଏସଏଚଜି ପ୍ରକଳ୍ପ ମଧ୍ୟରେ ଝାରସୁଗୁଡାର ପ୍ରକଳ୍ପ ଶୁଭଲକ୍ଷ୍ମୀ, ପ୍ରାୟ ୫୦୦୦ ସଦସ୍ୟଙ୍କ ସହିତ ଲାଞ୍ଜିଗଡ଼ର ପ୍ରକଳ୍ପ ସଖି ଏବଂ ୫୮୦୦ରୁ ଅଧିକ ସଦସ୍ୟଙ୍କ ସହିତ ଛତିଶଗଡ଼ର ପ୍ରକଳ୍ପ ଉନ୍ନତି ପ୍ରମୁଖ ଅନ୍ତର୍ଭୁକ୍ତ ଥିଲା। ଏହି ଉତ୍ପାଦଗୁଡ଼ିକ କମ୍ପାନୀର ପ୍ରୟାସର ବିବିଧ ପ୍ରଭାବକୁ ପ୍ରତିଫଳିତ କରିଥିଲା, ଯେଉଁଥିରେ କଳାହାଣ୍ଡିର ସୌରା କଳା ଚିତ୍ର ଏବଂ ଧୋକ୍ରା ପ୍ରତିମୂର୍ତ୍ତି, କୋର୍ବାର ଗୋଙ୍କରା କଳାଚିତ୍ର ଏବଂ ପାରମ୍ପରିକ ଖାଦ୍ୟ, ଏବଂ ଝାରସୁଗୁଡ଼ାର ଟେରାକୋଟା ପ୍ରତିମୂର୍ତ୍ତି ଏବଂ ପ୍ରାକୃତିକ ମହୁ ଅନ୍ତର୍ଭୁକ୍ତ ଥିଲା, ଯାହା ବେଦାନ୍ତ ଦ୍ୱାରା ସମର୍ଥିତ ଅନେକ ମହିଳା ଉଦ୍ୟୋଗୀମାନଙ୍କ ଦ୍ୱାରା ନିର୍ମିତ ହୋଇଛି। କାର୍ଯ୍ୟକ୍ରମରେ ଭାଷଣ ଦେଇ, ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ, 'ଭାରତର ପୂର୍ଣ୍ଣ ସମ୍ଭାବନାକୁ କେବଳ ସେତେବେଳେ ବ୍ୟବହାର କରାଯାଇପାରିବ ଯଦି ଏହାର ମହିଳାମାନଙ୍କୁ ପ୍ରଗତି ପାଇଁ ସମାନ ସୁଯୋଗ ପ୍ରଦାନ କରାଯାଏ। ବେଦାନ୍ତ ଆଲୁମିନିୟମରେ, ଆମେ ନିଶ୍ଚିତ କରି ଏହା ହାସଲ କରୁଛୁ ଯେ ଆମର ଭୂମିକା ଲିଙ୍ଗ ବିରୋଧୀ ଏବଂ ସମସ୍ତ ନିଯୁକ୍ତି ଦକ୍ଷତା ଉପରେ ଆଧାରିତ।

## କଡ଼ା ସୁରକ୍ଷାବଳୟରେ ଶ୍ରୀମନ୍ଦିର

ପୁରୀ,୯/୫(ନିପ୍ର): ସିନ୍ଦୁର ୨ ଅପରେସନ ପରେ ଶ୍ରୀମନ୍ଦିରକୁ କଡା ସୁରକ୍ଷା ବଳୟରେ ରଖାଯାଇଛି। ଶୁକ୍ରବାର ସକାଳୁ ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱ ସୁରକ୍ଷା ବଢାଇବା ସଙ୍ଗେସଙ୍ଗେ ସଶସ୍ତ୍ର ପୁଲିସ ବାହିନୀ ମୁତୟନ କରାଯାଇଛି। ବାହାରୁ ଆସୁଥିବା ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ତନ୍ନତନ୍ନ କରି ଯାଞ୍ଚ କରାଯାଇ ମନ୍ଦିର ଭିତରକୁ ପ୍ରବେଶ କରାଯାଉଛି। ସୁରକ୍ଷା ବଳୟରେ ଆଠ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗତକାଲି ରାତିରେ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନକୁ ବ୍ଲକିଙ୍ଗ କରାଯାଇ ଯାଞ୍ଚ କରାଯାଇଥିଲା। ସେହିପରି ସହର ମଧ୍ୟରେ ଥିବା ହୋଟେଲ ଗୁଡିକୁ ଯାଞ୍ଚ କରାଯାଇ ରହୁଥିବା ଯାତ୍ରୀମାନଙ୍କର ପରିଚୟ ପତ୍ର ଯାଞ୍ଚ କରାଯାଇଥିଲା। ଯେଉଁମାନଙ୍କର ପରିଚୟପତ୍ର ନଥିଲା କାହିଁକି ରଖାଯାଇନାହିଁ ବୋଲି ହୋଟେଲ କର୍ତ୍ତୃପକ୍ଷଙ୍କୁ ପଚାରା ଯାଇଥିଲା ସେହିପରି ବେଳାଭୂମି ଅନ୍ତର୍ଭୁକ୍ତ ଚକର୍ଥିତ ରାସ୍ତାଠାରୁ ଲାଇଟ ହାଉସ ପର୍ଯ୍ୟନ୍ତ ବିସ୍ତିର୍ଣ ବେଳାଭୂମିର ପର୍ଯ୍ୟଟକମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ଦଇତାପତି ସେବକଙ୍କୁ ନୋଟିସ ଜାରି

ପୁରୀ,୯/୫(ନିପ୍ର): ଦଇତାପତି ସେବକ ଶ୍ରୀରାମକୃଷ୍ଣ ଦାସ ମହାପାତ୍ରଙ୍କୁ ଆଉ ଏକ କୈଫିୟତ୍ ତଲବ ନୋଟିସ ଜାରି କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ନୋଟିସ ପାଇବାର ୨ ଦିନ ମଧ୍ୟରେ କୈଫିୟତ୍ ଦାଖଲ କରିବାକୁ ସମୟ ଦିଆଯାଇଛି । ଏହି ସମୟ ଭିତରେ ସନ୍ତୋଷ ଜନକ କୈଫିୟତ୍ ହସ୍ତଗତ ନହେଲେ, ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ କୁହାଯାଇଛି। ନୋଟିସରେ କୁହାଯାଇଛି ଯେ, ଦୀଘାଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଶ୍ରୀଦାସ ମହାପାତ୍ର ଯୋଗଦାନ କରି ସେବକ ଦଳର ନେତୃତ୍ୱ ନେଉଥିବା ଚିତ୍ର ତଥା ଭିଡିଓ ବିଭିନ୍ନ ଗଣମାଧ୍ୟମରେ ବହୁଳ ଭାବେ ପ୍ରସାରିତ ହୋଇଅଛି । ଦୀଘାଠାରେ ଶ୍ରୀଜଗନ୍ନାଥ ମନ୍ଦିରକୁ ନିର୍ଦ୍ଦିଷ୍ଟ ଭାବେ ଉଦଘାଟନ ସମୟରେ "ଜଗନ୍ନାଥଧାମ- ଦୀଘା" ଲେଖାଯିବା ସହ ଏନେଇ ଫଳକ ଲଗାଯିବା ନଜରକୁ ଆସିଅଛି ।

## 'କୁଡୋ' ଖେଳକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ



ଭୁବନେଶ୍ୱର, ୯/୫(ନିପ୍ର): ଶୁକ୍ରବାର ଲୋକସେବା ଭବନରେ ଓଡ଼ିଶା କୁଡୋ ଆସୋସିଏସନର ସଦସ୍ୟ, କୋଚ୍ ଓ ଖେଳାଳୀଙ୍କ ସମେତ ୭୦ ଜଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସୂଚନାଯୋଗ୍ୟ ଯେ, କୁଡୋ ଏକ ପ୍ରକାର ମିଶ୍ରିତ ସାମରିକ କଳା, ଯାହା ଜୁଡୋ, କରାଟେ, ଏବଂ ତାଇକଓ୍ୱାଣ୍ଡୋ ଖେଳର ସମାହାର। ଏହି ଖେଳ ଭାରତର ବିଭିନ୍ନ ରାଜ୍ୟ ସମେତ ବିଦେଶରେ ମଧ୍ୟ ଅନେକ ପ୍ରସିଦ୍ଧି ଲାଭ କରିଛି। ଓଡ଼ିଶାର ମଧ୍ୟ ଅନେକ ଜିଲ୍ଲାରେ ଏହି ଖେଳ ପାଇଁ ତାଲିମ୍ ଦିଆଯାଉଛି। ଏଣୁ ରାଜ୍ୟରେ ଏହି କୁଡୋ ଖେଳର ପ୍ରସାର ଓ ଏହି ଖେଳକୁ ମାନ୍ୟତା ଦେବା ପାଇଁ ଏହି ଆସୋସିଏସନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଖେଳାଳୀଙ୍କ ସହ କଥା ହୋଇ ସେମାନଙ୍କୁ ଅଭ୍ୟାସ ଜାରି ରଖିବାପାଇଁ କହିଥିଲେ ଏବଂ ଏହି କ୍ରୀଡ଼ାକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବାପାଇଁ ବିଚାର କରାଯିବ ବୋଲି ସେ କହିଥିଲେ। କୁଡୋ ଖେଳାଳୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ କୁଡୋ ଆସୋସିଏସନ ଅଫ ଓଡ଼ିଶାର ମୁଖ୍ୟ କୋଚ ନିତାଇ ଶଙ୍କର ଗୁଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ବାଇକ ମୁହାଁମୁହିଁ ଧକ୍କା: ଜଣେ ମୃତ

**ଆସିକା,୯/୫(ନିପ୍ର):** ଆସିକା କଲେଜ ଛକ ନିକଟରେ ଦୁଇବାଇକ ଧକ୍କା । ଜଣେ ମୃତ, ତିନି ଗୁରୁତର ହୋଇଛନ୍ତି । ଶୁକ୍ରବାର ସନ୍ଧ୍ୟା ୮ଘଣ୍ଟା ସମୟରେ ବ୍ରହ୍ମପୁର ଜିଲ୍ଲା ଶିକ୍ଷାଧିକାରି କାର୍ଯ୍ୟାଳୟରେ କାର୍ଯ୍ୟରତ କୋଟିନଡ଼ା ଗ୍ରାମର ସୁକାନ୍ତ କୁମାର ପଣ୍ଡା ନିଜ କାମ ସାରି ନିଜ ଘରକୁ ଫେରୁଥିବା ସମୟରେ ଆସିକା ବିଜୁ ପଟ୍ଟନାୟକ ଛକ ନିକଟରେ ବସରୁ ଓହ୍ଲାଇ ପୁରୁଷୋତ୍ତମପୁର ଥାନାରେ କାର୍ଯ୍ୟରତ ବିନାୟକ ନାୟକ କନଷ୍ଟେବଲଙ୍କ ସହତ ନିଜ ଘର କୋଟିନଡ଼ାକୁ ଏକ ଆପାଚି ବାଇକରେ ଯାଉଥିବା ସମୟରେ ବିପରୀତ ଦିଗରୁ ସୁନ୍ଦରିଆପଡ଼ାର ଦୀପକ ନାହାକ ଓ ଗୁରୁଦେବ ଗୌଡ଼ ଏକ ଗ୍ଲାମର ବାଇକ ଯୋଗେ ଆସିକା ଅଭିମୁଖେ ଆସିବା ସମୟରେ କଲେଜ ଛକ ଡିପଲ ସ୍କୁଲ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା ଘଟଣା ସ୍ଥଳରୁ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଆହତମାନଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ଏଠାରେ କାର୍ଯ୍ୟରତ ଡାକ୍ତର ଦୀପକ ନାହାକଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ତିନି ଗୁରୁତରଙ୍କ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସମସ୍ତଙ୍କ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତରିତ କରିଛନ୍ତି।

## ଭାରତୀୟ ଯବାନଙ୍କ ବିଜୟ ନିମନ୍ତେ ପୂଜାର୍ଚ୍ଚନା

**ନିମାପଡ଼ା, ୯।୫ (ନିପ୍ର):** ସାଂପ୍ରତିକ ଭାରତ-ପାକିସ୍ତାନ ଯୁଦ୍ଧରେ ଆତଙ୍କବାଦୀକୁ ନିପାତ କରିବା ଲକ୍ଷ୍ୟକୁ ସଫଳ କରିବା ପାଇଁ ନିମାପଡ଼ାର ଯୁବ ସମାଜସେବୀ ଓ ସ୍ୱେଚ୍ଛାସେବୀ ଶୁକ୍ରବାର ସଂଧ୍ୟାରେ ପୂଜାର୍ଚ୍ଚନା ଓ ଦୀପ ପ୍ରଜ୍ୱଳନ କରି ଭାରତୀୟ ସେନାର ବିଜୟ କାମନା କରିଥିଲେ । ଯୁବ ସମାଜସେବୀ ଆଦର୍ଶ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ କୁଶଭଦ୍ରା ନଦୀ ନିକଟସ୍ଥ ମା' ଦକ୍ଷିଣ କାଳୀ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା । ସନ୍ତ୍ରାସବାଦର ମୂଳୋତ୍ପାଟନ, ଭାରତ ମାତା କି ଜୟ, ମୋଦିଜୀ ଆଗେ ବଢ଼ୋ-ହମ ତୁମହାରେ ସାଥ ହେଁ ଆଦି ବିଭିନ୍ନ ସ୍ଲୋଗାନ ଦେବା ସାଙ୍ଗକୁ ଯୁବ ସ୍ୱେଚ୍ଛାସେବୀମାନେ ଦେଶକୁ ସୁରକ୍ଷା ଦେଉଥିବା ଯବାନମାନଙ୍କ ବିଜୟ ନିମନ୍ତେ ସମୂହ ଦୀପ ପ୍ରଜ୍ୱଳନ କରିଥିଲେ। ଭାରତୀୟ ସେନାଙ୍କ ପାଇଁ ଦେଶ ଆଜି ଗର୍ବିତ ଏବଂ ସେମାନଙ୍କୁ ନିମାପଡ଼ାବାସୀ ସମର୍ଥନ କରନ୍ତି ବୋଲି ସ୍ୱେଚ୍ଛାସେବୀମାନେ ମତବ୍ୟକ୍ତ କରିଥିଲେ ।

DSPL-58

ଟୀକାକରଣ

ଠିକ୍ ସମୟରେ ସଠିକ୍ ଟୀକାଦେଇ ଆପଣଙ୍କ ଶିଶୁକୁ ସୁରକ୍ଷିତ ରଖନ୍ତୁ ।

୫ ବର୍ଷରେ ୭ ଥର

ଟୀକା ନେବାକୁ ଭୁଲନ୍ତୁ ନାହିଁ କୌଣସି ଥର





ଟୀକାକରଣ ସୂଚୀ

| ବୟସ | ଟୀକା |
|---|---|
| ଜନ୍ମ ସମୟରେ | ବିସିଜି, ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧, ପେଣ୍ଟାଭାଲେଣ୍ଟ-୧, ଏଫ୍‌ଆଇପିଭି-୧, ଆର୍‌ଭିଭି-୧, ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨, ପେଣ୍ଟାଭାଲେଣ୍ଟ-୨, ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩, ଏଫ୍‌ଆଇପିଭି-୨, ଆର୍‌ଭିଭି-୩, ପିସିଭି-୨ |
| ୯-୧୨ମାସ | ଏମ୍‌ଆର୍-୧, ଭିଟାମିନ୍-କ***,ପିସିଭି ବୁଷ୍ଟର, ଜେଇ-୧**ଏଫ୍‌ଆଇପିଭି-୩ |
| ୧୬-୨୪ମାସ | ଏମ୍‌ଆର୍-୨,ଭିଟାମିନ୍-କ***, ଡିପିଟି ବୁଷ୍ଟର୍-୧, ଓପିଭି ବୁଷ୍ଟର-୧,ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟୀକାର ଦୁଇଟି ମାତ୍ରା ନେଇଥିବେ ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-କ, ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ ମାସ ବ୍ୟବଧାନରେ ଦିଆଯାଏ ।

ଆପଣଙ୍କ ଶିଶୁ ନେଉଥିବା ଟୀକା ଗୁଡିକ ୟୁ-ୱିନ୍ ପୋର୍ଟାଲରେ ଅପ୍‌ଡେଟ୍ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

ବୁଦ୍ଧିମାନ ହୁଅନ୍ତୁ! ଟୀକାକରଣ ନିଶ୍ଚୟ କରାନ୍ତୁ!
facebook.com/HFWOdisha http://www.health.odisha.gov.in/ @HFWOdisha
OIPR-10003/13/0173/2526

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ